



राष्ट्रीय परीक्षा एजेंसी
National Testing Agency
Excellence in Assessment

# ସୂଚନା ବୁଲେଟିନ୍

# ଜାତୀୟ ଯୋଗ୍ୟତା ତଥା ପ୍ରବେଶିକା ପରୀକ୍ଷା (ୟୁଜି)

## ନିଟ୍ (ୟୁଜି) ୨୦୨୦



ସ୍ନାତକ ଡାକ୍ତରୀ ପାଠ୍ୟକ୍ରମରେ ପ୍ରବେଶ ପାଇଁ

# ଜାତୀୟ ପରୀକ୍ଷଣ ସଂସ୍ଥା (NTA)

## ଦୃଷ୍ଟି ଆଭାଷ (Vision) :

ଏକ ପ୍ରମୁଖ, ବିଶେଷଜ୍ଞ, ସ୍ୱୟଂଶାସିତ ଏବଂ ଆତ୍ମନିର୍ଭରଶୀଳ ଜାତୀୟ ପରୀକ୍ଷଣ ସଂସ୍ଥାନ ହେବ ଯାହା ଭାରତକୁ ତା'ର ଉଚ୍ଚ ଶିକ୍ଷା ଓ ଗବେଷଣା ଅନୁଷ୍ଠାନରେ ସବୁଠାରୁ ସକ୍ଷମ ଆବେଦନକାରୀମାନଙ୍କୁ ଚୟନ କରିବାରେ ସାହାଯ୍ୟ କରି ତାର ଜନସାଂଖ୍ୟିକୀୟ ଲାଭାଂଶର ସଦ୍‌ଉପଯୋଗ କରିବାରେ ସାହାଯ୍ୟ କରିବ।

## ନିଯୋଗ (Mission) :

- ଅପକ୍ଷପାତ ତଥା ଗୁଣପୂର୍ଣ୍ଣ ଉନ୍ନତିକରଣ ଦ୍ୱାରା ଭାରତବର୍ଷରେ ପ୍ରବେଶ ତଥା ଚୟନ ପାଇଁ ବିଭିନ୍ନ ପ୍ରଣାଳୀ ଅବଲମ୍ବନ କରି ଆନ୍ତର୍ଜାତିକ ମାନ ରକ୍ଷା କରି ଏକ ଦକ୍ଷ, ମୁଖ୍ୟ ଏବଂ ଭ୍ରମଯୁକ୍ତ ବିତରଣ କରିବା ।
- ପ୍ରତ୍ୟେକ ବିଷୟୋପଯୋଗୀ ବିଶେଷଜ୍ଞ, ମନସ୍ତାତ୍ତ୍ୱିକ ବିଶ୍ଳେଷଣ ତଥା ସୂଚନା ପ୍ରଯୁକ୍ତି ଏବଂ ସୁରକ୍ଷିତ ବିଶେଷଜ୍ଞ ନିଯୁକ୍ତ କରି ପ୍ରଚଳିତ (Existing) ନିର୍ଦ୍ଧାରଣ ପଦ୍ଧତିକୁ ସଠିକ୍ ମାର୍ଗରେ ନିୟନ୍ତ୍ରଣ ଏବଂ ଚିହ୍ନିତ କରିବା ।
- ଶିକ୍ଷା ଓ ବ୍ୟବସାୟିକ ବିକାଶ ମାନଗୁଡ଼ିକ ଉପରେ ସୂଚନା ଓ ଅନୁସନ୍ଧାନର ଉତ୍ପାଦନ ଏବଂ ପ୍ରସାର କରିବା।

## ଅନ୍ତଃ ମୂଲ୍ୟ (Core Values) :

ନିଜର ଲକ୍ଷ୍ୟ ହାସଲ ପାଇଁ ଜାତୀୟ ପରୀକ୍ଷଣ ସଂସ୍ଥା (NTA) ନିମ୍ନଲିଖିତ ଅନ୍ତଃ ମୂଲ୍ୟ ସମୂହ ଦ୍ୱାରା ପରିଚାଳିତ ହୁଏ ।

- ଗୁଣବତ୍ତା, ଦକ୍ଷତା, ପ୍ରଭାବଶୀଳତା, ନିରପେକ୍ଷତା ତଥା ନିରାପତ୍ତା ଏହାର ମୂଲ୍ୟାଙ୍କନର କେନ୍ଦ୍ରବିନ୍ଦୁ ଅଟେ।
- ହିତାଧିକାରୀ ଯଥା- ବିଦ୍ୟାର୍ଥୀ, ପିତାମାତା, ଶିକ୍ଷକ, ବିଶେଷଜ୍ଞ ଏବଂ ସହଯୋଗୀ ଅନୁଷ୍ଠାନଗୁଡ଼ିକ ସହ ଯୋଡ଼ିହୋଇ ରହିବା, ସେମାନଙ୍କର ଏହି ବ୍ୟବସ୍ଥା ପ୍ରତି ବିଶ୍ୱାସକୁ ସୁରକ୍ଷିତ କରିଥାଏ।
- ମୂଲ୍ୟାଙ୍କନ ଉପରେ ଗବେଷଣା କରିବା ଏବଂ ମୂଲ୍ୟ ନିର୍ଦ୍ଧାରଣରେ ନିରନ୍ତର ନବୀନ ପ୍ରକ୍ରିୟାକୁ ଆପଣାଇ ନିଜର ଚଳିତ ପ୍ରଥାକୁ ଅଧୁନାତନ କରିବା ଏହି ମିଶନ ହାସଲର ଚାବିକାଠି।
- ବୈଜ୍ଞାନିକ ପଦ୍ଧତିରେ ରୂପାୟନ ଏବଂ ସଠିକ୍ ବିତରିତ ଆକଳନ, ଶ୍ରେଣୀଗୃହରେ ଶିକ୍ଷାଦାନ ଓ ଜ୍ଞାନଲାଭ ପ୍ରକ୍ରିୟାରେ ସୁଧାର ଆଣିପାରେ।

" The information contained in the document is for the public. All rights are reserved. No modifications and changes are permitted in the document.

Although all efforts have been made to prepare a copy that contains the complete information in the information Bulletin published in English, only the information in the English copy will be valid in relation to any type of error. "

# ସଂକ୍ଷିପ୍ତ ରୂପର ତାଲିକା

| | |
|---|---|
| AACCC | AYUSH Admission Central Counselling Committee / ଆୟୁଷ ଆଡ଼ମିଶନ୍‌ର କେନ୍ଦ୍ରୀୟ ପରାମର୍ଶ ସମିତି |
| AIIMS | All India Institute of Medical Sciences / ଅଖିଳ ଭାରତ ଆୟୁର୍ବିଜ୍ଞାନ ସଂସ୍ଥାନ |
| AMU | Aligarh Muslim University / ଆଲିଗଡ଼ ମୁସ୍‌ଲିମ୍ ବିଶ୍ୱବିଦ୍ୟାଳୟ |
| BAMS | Bachelor of Ayurvedic Medicine & Surgery / ଆୟୁର୍ବେଦିକ ଔଷଧ ଓ ଶଲ୍ୟ ଚିକିତ୍ସାରେ ସ୍ନାତକ |
| BDS | Bachelor of Dental Surgery / ଦନ୍ତ ଶଲ୍ୟଚିକିତ୍ସାରେ ସ୍ନାତକ |
| BHMS | Bachelor of Homeopathic Medicine & Surgery / ହୋମିଓପାଥି ଔଷଧ ଓ ଶଲ୍ୟ ଚିକିତ୍ସାରେ ସ୍ନାତକ |
| BHU | Banaras Hindu University / ବନାରସ ହିନ୍ଦୁ ବିଶ୍ୱବିଦ୍ୟାଳୟ |
| BoGCCH | Board of Governors of Central Council of Homeopathy / ହୋମିଓପାଥିର କେନ୍ଦ୍ରୀୟ ପରିଷଦର ଶାସକ ମଣ୍ଡଳୀ |
| BSMS | Bachelor of Siddha Medicine & Surgery / ସିଦ୍ଧ ଔଷଧ ଓ ଶଲ୍ୟ ଚିକିତ୍ସାରେ ସ୍ନାତକ |
| BUMS | Bachelor of Unani Medicine & Surgery / ୟୁନାନୀ ଔଷଧ ଓ ଶଲ୍ୟ ଚିକିତ୍ସାରେ ସ୍ନାତକ |
| CCIM | Central Council of Indian Medicine / ଭାରତୀୟ ଔଷଧର କେନ୍ଦ୍ରୀୟ ପରିଷଦ |
| DCI | Dental Council of India / ଭାରତୀୟ ଦନ୍ତ ଚିକିତ୍ସା ପରିଷଦ |
| DGHS | Directorate General of Health Services, Govt. of India / ସ୍ୱାସ୍ଥ୍ୟ ସେବାର ମହାନିର୍ଦ୍ଦେଶକ, ଭାରତ ସରକାର |
| DU | Delhi University / ଦିଲ୍ଲୀ ବିଶ୍ୱବିଦ୍ୟାଳୟ |
| ESIC | Employees States Insurance Corporation / କର୍ମଚାରୀ ରାଜ୍ୟ ବୀମା ନିଗମ |
| EWS | Economically Weaker Section / ଆର୍ଥିକ ଦୁର୍ବଳ ଶ୍ରେଣୀ |
| INI | Institute of National Importance / ଜାତୀୟ ମହତ୍ୱର ପ୍ରତିଷ୍ଠାନ |
| JIPMER | Jawaharlal Nehru Institute of Medical Education & Research / ଜବାହରଲାଲ ନେହରୁ ଡାକ୍ତରୀ ଶିକ୍ଷା ଏବଂ ଗବେଷଣା ସଂସ୍ଥାନ |
| MBBS<br>MCC | Bachelor of Medicine and Bachelor of Surgery / ଚିକିତ୍ସା ଶାସ୍ତ୍ର ଏବଂ ଶଲ୍ୟ ଚିକିତ୍ସାରେ ସ୍ନାତକ<br>Medical Counseling Committee of Directorate General of Health Services, Govt. of India / ଭାରତ ସରକାରଙ୍କ ସ୍ୱାସ୍ଥ୍ୟ ସେବା ମହାନିର୍ଦ୍ଦେଶାଳୟର ଚିକିତ୍ସା ପରାମର୍ଶ ସମିତି |
| MCI | Medical Council of India / ଭାରତୀୟ ଚିକିତ୍ସା ପରିଷଦ |
| MoH&FW | Ministry of Health and Family Welfare / ସ୍ୱାସ୍ଥ୍ୟ ଓ ପରିବାର କଲ୍ୟାଣ ମନ୍ତ୍ରଣାଳୟ |
| MoA | Ministry of Ayush / ଆୟୁଷ ମନ୍ତ୍ରଣାଳୟ |
| NEET(UG) | National Eligibility Cum Entrance Test for admission to Undergraduate Course / ସ୍ନାତକ ପାଠ୍ୟକ୍ରମରେ ପ୍ରବେଶ ପାଇଁ ଜାତୀୟ ଯୋଗ୍ୟତା ତଥା ପ୍ରବେଶିକା ପରୀକ୍ଷା। |
| NMC | National Medical Commission / ଜାତୀୟ ଚିକିତ୍ସା ଆୟୋଗ |
| OBC-NCL | Other Backward Classes-Non Creamy Layer / ଅନ୍ୟ ପଛୁଆବର୍ଗ / ଅଣସ୍ୱଚ୍ଛଳବର୍ଗ |
| PwD | Persons with Disabilities / ଭିନ୍ନକ୍ଷମ ବ୍ୟକ୍ତି |
| SC | Scheduled Castes / ଅନୁସୂଚିତ ଜାତି |
| ST | Scheduled Tribes / ଅନୁସୂଚିତ ଉପଜାତି |
| UT | Union Territory / କେନ୍ଦ୍ରଶାସିତ ଅଞ୍ଚଳ |

# ଗୁରୁତ୍ୱପୂର୍ଣ୍ଣ ସୂଚନା ତଥା ଦିବସ ସମୂହରେ ଦୃଷ୍ଟିପାତ

**ବିସ୍ତୃତ ବିବରଣୀ ପାଇଁ ସୂଚନା ପୁସ୍ତିକା (Bulletin) ଦେଖନ୍ତୁ**

## ଗୁରୁତ୍ୱପୂର୍ଣ୍ଣ ଦିବସ ସମୂହ ଏବଂ ଦେୟର ବିବରଣୀ

| | | |
|---|---|---|
| ଦରଖାସ୍ତ ଗୁଡ଼ିକର ଅନ୍‌ଲାଇନ୍ ଜମାକରଣ (Submission) | | ୨ ଡିସେମ୍ବର ୨୦୧୯ ଠାରୁ ୩୧ ଡସେମ୍ବର ୨୦୧୯ (ରାତ୍ର ୧୧.୫୦ ପର୍ଯ୍ୟନ୍ତ) |
| ଅନ୍‌ଲାଇନ୍ ତଥା କ୍ରେଡ଼ିଟ୍/ଡେବିଟ୍ କାର୍ଡ଼/ନେଟ୍ ବ୍ୟାଙ୍କିଙ୍ଗ / UPI ଜରିଆରେ ସଫଳ ଦେୟ ପୈଠର ଅନ୍ତିମ ତିଥି | | ୨ ଡିସେମ୍ବର ୨୦୧୯ ଠାରୁ ୧ ଜାନୁୟାରୀ ୨୦୨୦ (ରାତ୍ର ୧୧.୫୦ ପର୍ଯ୍ୟନ୍ତ) |
| ପ୍ରାର୍ଥୀଙ୍କ ଦ୍ୱାରା | ସାଧାରଣ | ଟ ୧୫୦୦/- |
| ଦେୟ ପଇଠ | ସାଧାରଣ - EWS/OBC-NCL* | ଟ ୧୪୦୦/- |
| | ତଫସିଲଭୁକ୍ତ ଜାତି/ଉପଜାତି/ତୃତୀୟ ଲିଙ୍ଗ | ଟ ୮୦୦/- |
| | ଆବଶ୍ୟକ ହେଉଥିବା ପ୍ରସଂସ୍କରଣ ଶୁଳ୍କ ଓ ବସ୍ତୁ ଏବଂ ସେବା କର (GST) ପ୍ରାର୍ଥୀମାନଙ୍କୁ ଦେବାକୁ ହେବ। | |
| ପ୍ରାର୍ଥୀ ଦରଖାସ୍ତରେ ତଥ୍ୟଗୁଡ଼ିକର ସଠିକ୍‌କରଣ (କେବଳ ୱେବ୍‌ସାଇଟ୍‌ରେ) | | ୧୫ ଜାନୁୟାରୀ ଠାରୁ ୩୧ ଜାନୁୟାରୀ ୨୦୨୦ |
| NTA ୱେବ୍‌ସାଇଟ୍‌ରୁ ପ୍ରବେଶପତ୍ର ଡାଉନ୍‌ଲୋଡ଼ | | ୨୭।୦୩।୨୦୨୦ |
| ପରୀକ୍ଷା ଦିବସ | | ୩।୦୫।୨୦୨୦ |
| ପରୀକ୍ଷାର ଅବଧି | | ୧୮୦ ମିନିଟ୍ (୩ ଘଣ୍ଟା) |
| ପରୀକ୍ଷା ସମୟ | | ଅପରାହ୍ନ ୨ଟାରୁ ୫ ଘଟିକା |
| NEET (UG)-2020 ପରୀକ୍ଷା କେନ୍ଦ୍ର | | ପ୍ରବେଶପତ୍ରରେ ସୂଚିତ ଅନୁଯାୟୀ |
| ଦିଆଯାଇଥିବା ଉତ୍ତର ଏବଂ ଉତ୍ତର 'କି'ର ପ୍ରଦର୍ଶନ | | ପରେ ୱେବସାଇଟ୍‌ରେ ଘୋଷିତ ହେବ |
| ୱେବ୍ ସାଇଟ୍ (ଗୁଡ଼ିକ) | | www.nta.ac.in / ntaneet.nic.in |
| NTA ୱେବ୍‌ସାଇଟ୍‌ରେ ଫଳାଫଳ ଘୋଷଣା | | ୪ ଜୁନ୍ ୨୦୨୦ ସୁଦ୍ଧା |

⋆ *ପଛୁଆବର୍ଗ ପାଇଁ ଜାତୀୟ ଆୟୋଗରେ ଉପଲବ୍ଧ ଅନ୍ୟ ପଛୁଆବର୍ଗର କେନ୍ଦ୍ରୀୟ ସୂଚୀ ଅନୁସାରେ OBC-NCL (ଅନ୍ୟ ପଛୁଆବର୍ଗ-ଅଣ-ସ୍ୱଚ୍ଛଳବର୍ଗ)। ଏହି ତାଲିକାରେ ଅନ୍ତର୍ଭୁକ୍ତ ପ୍ରାର୍ଥୀମାନେ ବର୍ଗ ସ୍ତମ୍ଭରେ OBC-NCL ବୋଲି ଲେଖିପାରନ୍ତି।* ***ରାଜ୍ୟ (OBC-NCL ) ତାଲିକାଭୁକ୍ତ ପ୍ରାର୍ଥୀ ଯେଉଁମାନେ କେନ୍ଦ୍ରୀୟ (OBC-NCL ) ତାଲିକାରେ ନଥିବେ, ସେମାନଙ୍କୁ ସାଧାରଣ (General ) ଚୟନ କରିବାକୁ ହେବ।***

⋆ *MBBS/BDS ପାଠ୍ୟକ୍ରମରେ ଆଡ଼ମିଶନ ପାଇଁ ସମୟ ସୂଚୀକୁ ଭାରତୀୟ ମାନନୀୟ ସର୍ବୋଚ୍ଚ ନ୍ୟାୟାଳୟ ଦ୍ୱାରା ଆଶିଷ ରଞ୍ଜନ ଏବଂ ଅନ୍ୟ ବନାମ ୟୁନିଅନ ଅଫ୍ ଇଣ୍ଡିଆ ଏବଂ ଅନ୍ୟ-(2016) 11 SCC 225ରେ ଅନୁମୋଦିତ କରାଯାଇଛି, ଯାହା ପରେ ଆହୁରି ସଂଶୋଧିତ କରାଯାଇଛି।*

୧. ପ୍ରାର୍ଥୀମାନେ କେବଳ **'ଅନ୍‌ଲାଇନ୍' ପ୍ରଣାଳୀରେ NEET(UG)-2020** ପାଇଁ ଆବେଦନ କରିପାରିବେ।

୨. ଅନ୍‌ଲାଇନ୍ ଦରଖାସ୍ତ ଦାଖଲ କେବଳ NTA ୱେବ୍‌ସାଇଟ୍ **ntaneet.nic.in**ରେ କରିବେ। **ଅନ୍ୟ କୌଣସି ବାଟରେ ଦତ୍ତ ଆବେଦନ ପତ୍ର ଗ୍ରହଣଯୋଗ୍ୟ ହେବନାହିଁ।**

୩. ଜଣେ ପ୍ରାର୍ଥୀଙ୍କ ଦ୍ୱାରା କେବଳ ଗୋଟିଏ ମାତ୍ର ଆବେଦନ ପତ୍ର ଦାଖଲ ହୋଇପାରିବ।

୪. ପ୍ରାର୍ଥୀମାନେ ସୂଚନା ପତ୍ର (Information Bulletin) ଏବଂ NTA ୱେବ୍‌ସାଇଟ୍‌ରେ ଦିଆଯାଇଥିବା ନିର୍ଦ୍ଦେଶାବଳୀକୁ ପାଳନ କରିବେ । ନିର୍ଦ୍ଦେଶାବଳୀକୁ ପାଳନ କରୁନଥିବା ପ୍ରାର୍ଥୀମାନଙ୍କୁ ଅଯୋଗ୍ୟ ଘୋଷଣା କରାଯିବ।

୫. ପ୍ରାର୍ଥୀମାନେ ସୁନିଶ୍ଚିତ ହେବା ଦରକାର କି ଅନ୍‌ଲାଇନ୍ ଆବେଦନ ପତ୍ରରେ ଦେଇଥିବା ମୋବାଇଲ୍ ନମ୍ବର ଓ ଇ-ମେଲ୍ ଠିକଣାଟି କେବଳ ତାଙ୍କର ବା ତାଙ୍କ ପିତାମାତାଙ୍କର, କାରଣ NTA ଦ୍ୱାରା ସମସ୍ତ ସୂଚନା/ଯୋଗାଯୋଗ କେବଳ ପଞ୍ଜିକୃତ ଇ-ମେଲ୍ ଠିକଣାରେ ଇ-ମେଲ୍ ଦ୍ୱାରା ବା ପଞ୍ଜିକୃତ ମୋବାଇଲ୍ ନମ୍ବରରେ ଏସ୍‌ଏମ୍‌ଏସ୍ (SMS) ମାଧ୍ୟମରେ ପଠାଯିବ।

୬. **ଅନ୍‌ଲାଇନ୍ ପ୍ରଣାଳୀରେ ଆବେଦନ ପତ୍ର ପୂରଣ କରିବା ପାଇଁ ନିର୍ଦ୍ଦେଶାବଳୀ :**

- **ସୂଚନା ପୁସ୍ତିକା (Information Bulletin) ଓ ଆବେଦନ ପତ୍ରର ପ୍ରତିଲିପିକୁ ଡାଉନ୍‌ଲୋଡ୍ କରନ୍ତୁ। ନିଜର ଯୋଗ୍ୟତା ସମ୍ବନ୍ଧରେ ନିଶ୍ଚିନ୍ତ ହେବା ନିମନ୍ତେ ସୂଚନା ପୁସ୍ତିକାକୁ ଯତ୍ନସହକାରେ ପଢ଼ନ୍ତୁ। ଯଦି ଜଣେ ପ୍ରାର୍ଥୀ ଏକାଧିକ ଆବେଦନ ପତ୍ର ପୂରଣ କରିଥାନ୍ତି, ତେବେ ତାଙ୍କ ପ୍ରବେଶପତ୍ରକୁ ବାତିଲ୍/ସ୍ଥଗିତ ରଖାଯିବ ଏବଂ ଭବିଷ୍ୟତରେ ଏହି ପରୀକ୍ଷା/ଭବିଷ୍ୟତରେ ପରୀକ୍ଷା ପାଇଁ ସେ ପ୍ରାର୍ଥୀତ୍ୱରୁ ବଞ୍ଚିତ ହେବେ।**

- **ଅନ୍‌ଲାଇନ୍‌ରେ ଆବେଦନ କରିବା ପାଇଁ ନିମ୍ନୋକ୍ତ ପଦକ୍ଷେପଗୁଡ଼ିକୁ ଅନୁସରଣ କରନ୍ତୁ :**

  **ଷ୍ଟେପ୍-୧- ନିଜର କିମ୍ବା ପିତାମାତାଙ୍କର ଅଦ୍ୱିତୀୟ ଇ-ମେଲ୍ ଆଇଡି ଏବଂ ମୋବାଇଲ୍ ନମ୍ବର ବ୍ୟବହାର କରି ଅନ୍‌ଲାଇନ୍‌ରେ ପଞ୍ଜିକରଣ ପାଇଁ ଆବେଦନ କରନ୍ତୁ।**

  **ଷ୍ଟେପ୍-୨- ଅନ୍‌ଲାଇନ୍ ଆବେଦନ ପତ୍ରଟିକୁ ପୂରଣ କରନ୍ତୁ ଏବଂ ପ୍ରଣାଳୀ ଉତ୍ପନ୍ନ ଆବେଦନ ପତ୍ର ନମ୍ବରଟିକୁ ଟିପି ରଖନ୍ତୁ ।**

  **ଷ୍ଟେପ୍-୩ -** JPG/JPEG ଫର୍ମାଟ୍‌ରେ ପ୍ରାର୍ଥୀଙ୍କ ସଦ୍ୟ ପାସ୍‌ପୋର୍ଟ ସାଇଜ୍ ଫଟୋ (ଆକାର: ୧୦କେବି-୨୦୦କେବି), ପୋଷ୍ଟକାର୍ଡ ସାଇଜ୍ ଫଟୋ-୪x୬ ଇଞ୍ଚ (ଆକାର : ୫୦କେବି-୩୦୦କେବି), ପ୍ରାର୍ଥୀଙ୍କ ଦସ୍ତଖତ (ଫାଇଲ୍ ଆକାର : ୪ କେବି-୩୦କେବି), ବାମହସ୍ତ ବୁଢ଼ାଆଙ୍ଗୁଳି ଛାପ (ଫାଇଲ୍ ଆକାର: ୧୦କେବି-୫୦କେବି)ଗୁଡ଼ିକର ସ୍କାନ୍ ପ୍ରତିରୂପକୁ ଅପ୍‌ଲୋଡ କରନ୍ତୁ। (ଯଦି କୌଣସି ଘଟଣାରେ ବାମହସ୍ତ ବୁଢ଼ାଆଙ୍ଗୁଳି ଉପଲବ୍ଧ ନହୁଏ, ତେବେ ଦକ୍ଷିଣହସ୍ତ ବୁଢ଼ାଆଙ୍ଗୁଳି ଛାପ ନିଆଯାଇପାରେ) ଏବଂ ଦଶମଶ୍ରେଣୀ ପାସ୍ ପ୍ରମାଣପତ୍ର (ଫାଇଲ୍ ଆକାର : ୧୦୦-୪୦୦ କେବି)

  ଫଟୋଗ୍ରାଫ୍ ପାଇଁ, ମୁଖମଣ୍ଡଳ ଉପରେ ଫୋକସ୍ ହେବା ଜରୁରୀ (ଧଳା ପୃଷ୍ଠଭୂମିର ୮୦% ହେବ ମୁଖମଣ୍ଡଳ ଏବଂ କର୍ଣ୍ଣଦୁଇଟି ଦୃଶ୍ୟମାନ ହେବା ଉଚିତ।

  **ଷ୍ଟେପ୍-୪-** SBI/Syndicate/HDFC/ICICI/Paytm ର ଦେୟ ଦେବାର ଦ୍ୱାର ବ୍ୟବହାର କରି Debit Card/ Credit Card/Net-banking/UPI ମାଧ୍ୟମରେ ଦେୟ ପ୍ରଦାନ କରନ୍ତୁ ଏବଂ ଭବିଷ୍ୟତରେ ଆବଶ୍ୟକତା ପାଇଁ ଦେୟ ଦେବାର ପ୍ରମାଣକୁ ନିରାପଦରେ ସାଇତି ରଖନ୍ତୁ। ଯଦି ଦେୟ ପ୍ରଦାନ ପରେ ପୃଷ୍ଟି ପୃଷ୍ଠାଟି ସୃଷ୍ଟି ନହୁଏ ତେବେ ଦେଣନେଣଟି ବାତିଲ୍ ହୋଇଯିବ ଏବଂ ଜମାରାଶି ପ୍ରାର୍ଥୀଙ୍କର ଜମାଖାତାକୁ ଫେରସ୍ତ ହୋଇଯିବ। ତାହାସତ୍ତ୍ୱେ, ପୃଷ୍ଟି ପୃଷ୍ଠା ଉତ୍ପନ୍ନ ନହେବା ସ୍ଥଳେ ପ୍ରାର୍ଥୀଙ୍କୁ ଆଉ ଏକ ଦେୟ ପ୍ରଦାନର ଆଦାନପ୍ରଦାନ କରିବାକୁ ହେବ।

  - ସଫଳ ଦେୟ ପ୍ରଦାନ ପରେ ଅନୁମୋଦିତ ପୃଷ୍ଠାଟିକୁ ଡାଉନ୍‌ଲୋଡ୍, ସେଭ୍ କରନ୍ତୁ ଓ ଏହାକୁ ପ୍ରିଣ୍ଟ୍ କରି ଭବିଷ୍ୟତରେ ଆବଶ୍ୟକତା ପାଇଁ ଯତ୍ନସହକାରେ ସାଇତି ରଖନ୍ତୁ।
  - ଉପରୋକ୍ତ ୪ଟିଯାକ ଷ୍ଟେପ୍ ଏକ ସଙ୍ଗରେ କିମ୍ବା ପୃଥକ୍ ପୃଥକ୍ ସମୟରେ ହୋଇପାରିବ।

୭. ପ୍ରାର୍ଥୀମାନେ ନିୟମିତ NTA ୱେବ୍‌ସାଇଟ୍‌କୁ ଦେଖିବା ପାଇଁ ଏବଂ ନବୀନତମ ଅପ୍‌ଡେଟ୍ ପାଇଁ ସେମାନଙ୍କର ଇ-ମେଲ୍/ଏସ୍‌ଏମ୍‌ଏସ୍‌କୁ ଯାଞ୍ଚ କରିବାକୁ ପରାମର୍ଶ ଦିଆଯାଉଛି।

୮. NTA ଦ୍ୱାରା ଜାରି ପ୍ରବେଶ ପତ୍ରରେ ଦର୍ଶାଯାଇଥିବା ତାରିଖ ଓ ସମୟ ଅନୁଯାୟୀ ପ୍ରାର୍ଥୀମାନେ ସେମାନଙ୍କ ନିଜ ଖର୍ଚ୍ଚରେ ପରୀକ୍ଷା କେନ୍ଦ୍ରଗୁଡ଼ିକରେ ଉପସ୍ଥିତ ହେବେ।

୯. କୌଣସି ପରିସ୍ଥିତିରେ ଆଡ଼ମିଟ୍ କାର୍ଡରେ ଦିଆଯାଇଥିବା ପରୀକ୍ଷା କେନ୍ଦ୍ର, ଦିବସ ତଥା ସମୟସାରଣୀକୁ ପରିବର୍ତ୍ତନ କରିବାର ଅନୁରୋଧକୁ ବିଚାରକୁ ନିଆଯିବ ନାହିଁ।

୧୦. ପ୍ରାର୍ଥୀମାନଙ୍କୁ ଧଳା ପୃଷ୍ଠଦପଟ ଥାଇ ୬-୮ଟି ପାସ୍‌ପୋର୍ଟ ସାଇଜ୍‌ର ଏବଂ ୪-୬ଟି ପୋଷ୍ଟକାର୍ଡ ସାଇଜ୍(୪x୬ ଇଞ୍ଚ)ର ଫଟୋ ଉଠାଇବାକୁ ପରାମର୍ଶ ଦିଆଯାଉଛି।

ପରୀକ୍ଷା ପାଇଁ ଆଉ ମଧ୍ୟ କାଉନ୍‌ସେଲିଂ/ଆଡ୍‌ମିଶନ୍ ପାଇଁ ଅନ୍‌ଲାଇନ୍ ଆବେଦନପତ୍ରରେ ଅପ୍‌ଲୋଡିଙ୍ଗ୍ ପାଇଁ ଫଟୋଗୁଡ଼ିକ ବ୍ୟବହାର ହେବ।

**ଧ୍ୟାନ ଦିଅନ୍ତୁ :**

*୧. ଯଦି ପଏଣ୍ଟ -୬ ଅଧୀନରେ ଥିବା ଷ୍ଟେପ୍-୩ ଏବଂ ଷ୍ଟେପ୍-୪ ସଂପୂର୍ଣ୍ଣ ହୋଇନାହିଁ, ତେବେ ଅନ୍‌ଲାଇନ୍ ଆବେଦନ ପତ୍ରର ଚୂଡ଼ାନ୍ତ ଦାଖଲ ଅସଂପୂର୍ଣ୍ଣ ରହିବ। ସେହିଭଳି ଆବେଦନପତ୍ର ନାକଚ ହୋଇଯିବ ଏବଂ ଏହି ବିଷୟରେ କୌଣସି ପତ୍ରାଳାପ ହୋଇପାରିବ ନାହିଁ।*

*୨. ପ୍ରାର୍ଥୀଙ୍କ ଦ୍ୱାରା ଥରେ ଦେୟ ପ୍ରଦାନ ପରେ, କୌଣସି ପରିସ୍ଥିତିରେ ଦେୟ ଫେରସ୍ତ ଅନୁରୋଧକୁ NTA ଦ୍ୱାରା ଅନୁଗୃହୀତ କରାଯିବ ନାହିଁ।*

*୩. ସ୍କାନିଂ କରାଯାଇଥିବା ଛବିଗୁଡ଼ିକର ଅପ୍‌ଲୋଡିଙ୍ଗ୍, ଦେୟ ପ୍ରଦାନ ଓ ପୃଷ୍ଠିପୃଷ୍ଠାର ପ୍ରିଣ୍ଟିଙ୍ଗ୍ ସହ NEET-(UG)-2020 ର ସଂପୂର୍ଣ୍ଣ ଆବେଦନ ପ୍ରକ୍ରିୟା ଅନ୍‌ଲାଇନ୍ ଅଟେ।* ***ତେଣୁ, ପ୍ରାର୍ଥୀମାନେ ପୃଷ୍ଠିପୃଷ୍ଠା ସହ କୌଣସି ନଥିପତ୍ର ପୋଷ୍ଟ/ଫ୍ୟାକ୍ସ/ହାତରେ/ଇ-ମେଲ୍‌ରେ NTA କୁ ପଠାଇବା / ଦାଖଲ କରିବା ଆବଶ୍ୟକ ନାହିଁ।***

ପ୍ରାର୍ଥୀମାନଙ୍କୁ ପରୀକ୍ଷା ହଲ୍/ରୁମ୍‌କୁ କୌଣସି ପ୍ରକାର ଯନ୍ତ୍ରପାତି, ଜ୍ୟାମିତି ବା ପେନ୍‌ସିଲ୍ ବାକ୍ସ, ହାତ ବ୍ୟାଗ୍, ମୁଣି, କୌଣସି ପ୍ରକାର କାଗଜ/ମନୋହରୀ ଜିନିଷ/ଲେଖା କାଗଜ (ଛପା ଯାଇଥିବା ବା ହସ୍ତଲିଖିତ), ଖାଦ୍ୟପଦାର୍ଥ ଏବଂ ପାଣି ବୋତଲ (ଖୋଲା ବା ପ୍ୟାକ୍‌ଡ୍), ମୋବାଇଲ୍ ଫୋନ୍/ଇଅର ଫୋନ୍ / ମାଇକ୍ରୋଫୋନ୍ / ପେଜ୍‌ର, କାଲ୍‌କୁଲେଟର, ଡକୁ ପେନ୍, ସ୍ଲାଇଡ୍ ରୁଲ୍, ଲଗ୍ ଟେବୁଲ୍, କ୍ୟାମେରା, ଟେପ୍ ରେକର୍ଡ଼ର / କାଲ୍‌କୁଲେଟର ଥାଇ ଇଲୋକ୍ଟ୍ରୋନିକ୍ ଘଣ୍ଟା, କୌଣସି ଧାତବ ପଦାର୍ଥ କିମ୍ବା ଇଲେକ୍‌ଟ୍ରୋନିକ୍ ଗାଜେଟ୍/ଯନ୍ତ୍ରପାତିକୁ ନେବା ପାଇଁ ଅନୁମତି ଦିଆଯିବ ନାହିଁ।

ମଧୁମେହ ରୋଗୀ ଛାତ୍ରଛାତ୍ରୀମାନେ କେବଳ ଚିନି ବଟିକା / ଫଳ (କଦଳୀ/ସେଓ/କମଳା ଭଳି), ସ୍ୱଚ୍ଛ ପାଣି ବୋତଲ ନେଇ ପାରିବେ। ତା ସତ୍ତ୍ୱେ ସେମାନଙ୍କୁ ଚକୋଲେଟ୍/କାଣ୍ଡି/ସ୍ୟାଣ୍ଡଉଇଚ୍ ଭଳି ପ୍ୟାକେଟ୍ ଖାଦ୍ୟ ନେବାକୁ ଅନୁମତି ମିଳିବ ନାହିଁ। ବିସ୍ତୃତ ସୂଚନା ପାଇଁ ପରିଚ୍ଛେଦ-୮ ଏବଂ ପରିଚ୍ଛେଦ-୯ ଦେଖନ୍ତୁ।

ଅନ୍ୟମାନଙ୍କ (ସାଇବର୍ କେଫ୍ ଇତ୍ୟାଦିଙ୍କ ସହ)ର ସାହାଯ୍ୟ ନେଉଥିବା ପ୍ରାର୍ଥୀ ନିଶ୍ଚିତ ହେବା ଉଚିତ ଯେ କି ଯେ, ଉପରେ ଦିଆଯାଇଥିବା ଚାରୋଟି 'ଷ୍ଟେପ୍' ଠିକ୍‌ରେ ସେମାନଙ୍କର ସମ୍ମୁଖରେ ହିଁ ପୂରଣ ହୋଇଛି। ଅସତ୍ୟ/ବିଭ୍ରାନ୍ତିକର ତଥ୍ୟ, ପ୍ରାର୍ଥୀତ୍ୱର ବାତିଲ୍ ଏବଂ/କିମ୍ବା ଦେଶର ଆଇନ ଅନୁଯାୟୀ ଅପରାଧିକ ମାମଲା ଚଳାଇବା ପାଇଁ ବାଟ ଦେଖାଇବ।

## ଅସ୍ୱୀକୃତିକରଣ – Disclaimer

୧. ପ୍ରାର୍ଥୀମାନଙ୍କୁ ଉପଦେଶ ଦିଆଯାଉଛି କି ସେମାନେ ଅନ୍‌ଲାଇନ୍ ରେଜିଷ୍ଟ୍ରେସନ୍ କରିବା ପୂର୍ବରୁ ସୂଚନା ପୁସ୍ତିକା (Information Bulletin)ଟିକୁ ଯତ୍ନ ସହକାରେ ପଢ଼ନ୍ତୁ ଏବଂ ଅନ୍‌ଲାଇନ୍ ପଞ୍ଜିକରଣ ପ୍ରକ୍ରିୟା ଆରମ୍ଭ କରିବା ପୂର୍ବରୁ NEET-(UG)-2020 ୱେବ୍‌ସାଇଟ୍ www.nta.ac.in, ntaneet.nic.inରେ ଦତ୍ତ ଅନ୍‌ଲାଇନ୍ ଆବେଦନ ପତ୍ରକୁ ପୂରଣ କରିବା ବାବଦରେ ଦିଆଯାଇଥିବା ଉପଦେଶକୁ ବୁଝନ୍ତୁ।

୨. ପ୍ରାର୍ଥୀମାନେ ନିଶ୍ଚିତ ହେବା ଆବଶ୍ୟକ ଯେ, ଅନ୍‌ଲାଇନ୍ ରେଜିଷ୍ଟ୍ରେସନ୍‌ରେ ପ୍ରଦତ୍ତ ସମସ୍ତ ସୂଚନା ଗୁଡ଼ିକ ସଠିକ୍ ଅଛି।

୩. ପ୍ରାର୍ଥୀମାନଙ୍କ ଦ୍ୱାରା ଦତ୍ତ ଅନ୍‌ଲାଇନ୍ ତଥ୍ୟ ଯଥା- ପ୍ରାର୍ଥୀଙ୍କ ନାମ, ସଂପର୍କ/ଠିକଣାର ବିବରଣୀ, ବର୍ଗ, ପି.ଡବ୍‌ଲୁଡ଼ି (PwD) ସ୍ଥିତି, ଶିକ୍ଷାଗତ ଯୋଗ୍ୟତାର ବିବରଣୀ ଓ ଜନ୍ମ ତାରିଖ ଇତ୍ୟାଦିକୁ ସଠିକ୍/ଚୂଡ଼ାନ୍ତ ବୋଲି ଧରାଯିବ। ସଠିକ୍‌କରଣ ଅବଧି ସରିଗଲା ପରେ କୌଣସି ପରିସ୍ଥିତିରେ ତଥ୍ୟ ବଦଳାଇବାର ଅନୁରୋଧ ଏନ୍‌ଟିଏ ଦ୍ୱାରା ସ୍ୱୀକାର୍ଯ୍ୟ ନୁହେଁ। କୌଣସି ପ୍ରାର୍ଥୀ ଭ୍ରମପୂର୍ଣ୍ଣ ତଥ୍ୟ ଦେଇ ବିଭ୍ରାନ୍ତ କରିବାର ଧରାପଡ଼ିଲେ ତାଙ୍କୁ ପରୀକ୍ଷା ଦେବାରୁ ବଞ୍ଚିତ କରାଯିବ।

୪. ପଞ୍ଜିକରଣ ସମୟରେ ପ୍ରାର୍ଥୀମାନଙ୍କ ଦ୍ୱାରା ଦିଆଯାଇଥିବା ଭୁଲ୍ ତଥ୍ୟ ପାଇଁ ଉତ୍ପନ୍ନ ହେଉଥିବା କୌଣସି ଦାୟିତ୍ୱ NTA ଦ୍ୱାରା ସ୍ୱୀକାର୍ଯ୍ୟ ନୁହେଁ।

୫. କୌଣସି ପରିସ୍ଥିତିରେ, ଦରଖାସ୍ତ ଗ୍ରହଣ ପ୍ରକ୍ରିୟା ସରିଗଲା ପରେ ପ୍ରାର୍ଥୀଙ୍କ ଦ୍ୱାରା ଦତ୍ତ କୌଣସି ତଥ୍ୟକୁ NTA ସଂପାଦନ, ପରିବର୍ତ୍ତନ ତଥା ଏପଟ୍‌ସେପଟ କରେନାହିଁ । ଏହାପରେ ତଥ୍ୟରେ ପରିବର୍ତ୍ତନ ପାଇଁ ଅନୁରୋଧର ବିଚାର ପାଇଁ NTA ଅଙ୍ଗୀକାର କରେ ନାହିଁ। ଏଣୁ ପ୍ରାର୍ଥୀମାନଙ୍କୁ ଉପଦେଶ ଦିଆଯାଉଛି କି ଯେ ଆବେଦନ ପତ୍ରରେ ସଠିକ୍ ବିବରଣୀ ପ୍ରଦାନ କରିବା ପାଇଁ ଅତ୍ୟଧିକ ସାବଧାନ ଏବଂ ଯତ୍ନବାନ ହୁଅନ୍ତୁ।

**ତଥ୍ୟ ତଥା ସୂଚନାର ଉପଯୋଗ :**

ଅନ୍ତିମ ଉପଯୋଗୀ (ଏହି କ୍ଷେତ୍ରରେ ପରୀକ୍ଷାର୍ଥୀ) ଦେଇଥିବା ତଥ୍ୟକୁ NTA ପ୍ରଶିକ୍ଷଣ, ଗବେଷଣା, ଉନ୍ନତିକରଣ, ବିଶ୍ଳେଷଣ ଏବଂ ଅନ୍ୟ ଅନୁମୋଦିତ କାରଣ(ଗୁଡ଼ିକ) ସହ ଅନ୍ୟ ଆଭ୍ୟନ୍ତରୀଣ କାର୍ଯ୍ୟରେ ବ୍ୟବହାର କରିପାରିବ।

●●●

# ଅନୁକ୍ରମଣିକା

## (Index)


**ପରିଚ୍ଛଦ - ୧ ଉପକ୍ରମ (Introduction)**

୧.୧ ଜାତୀୟ ପରୀକ୍ଷଣ ସଂସ୍ଥା(NTA) ସଂପର୍କରେ

**ପରିଚ୍ଛଦ - ୨ ଜାତୀୟ ଯୋଗ୍ୟତା ତଥା ପ୍ରବେଶିକା ପରୀକ୍ଷା (NEET (UG) - 2020)**

୨.୧ ନିଟ୍ (ୟୁଜି)-୨୦୨୦ ସମ୍ବନ୍ଧରେ

୨.୨ ନିଟ୍ (ୟୁଜି)ରେ ଏନ୍‌ଟିଏର ଭୂମିକା

୨.୩ ପ୍ରବେଶିକା ପରୀକ୍ଷାର ଦିବସ

୨.୪ ଦରକାରୀ ୱେବ୍‌ସାଇଟ୍ ସମୂହ

୨.୫ ନ୍ୟାୟିକ ପରିସୀମା (ଲିଗାଲ୍ ଜୁରିସଡିକ୍‌ସନ)

**ପରିଚ୍ଛଦ - ୩ ସାଧାରଣ ସୂଚନା (General Information)**

୩.୧ ସାଧାରଣ ନିର୍ଦ୍ଦେଶାବଳୀ

୩.୨ NEET (UG)-2020 ପରୀକ୍ଷା ପଦ୍ଧତି

୩.୩ ପରୀକ୍ଷା ବିଧି (Modes of Examination)

୩.୪ ପରୀକ୍ଷା ଅବଧି (Duration of Test)

୩.୫ ପ୍ରଶ୍ନପତ୍ରର ମାଧ୍ୟମ (Medium of Question paper)

୩.୬ ପରୀକ୍ଷା ପାଇଁ ପାଠ୍ୟ ଖସଡ଼ା (Syllabus)

୩.୭ ପରୀକ୍ଷା କେନ୍ଦ୍ର/ସହର ଯେଉଁଠାରେ NEET-(UG)-2020 ପରୀକ୍ଷା ହେବ

**ପରିଚ୍ଛଦ - ୪ ଯୋଗ୍ୟତା ତଥା ଶିକ୍ଷାଗତ ଯୋଗ୍ୟତା (Eligibility and Qualifications)**

୪.୧ NEET - (UG) - 2020 ପ୍ରବେଶିକା ପରୀକ୍ଷା ପାଇଁ ଯୋଗ୍ୟତା

୪.୨ ରାଜ୍ୟ ସରକାର/ଡ଼ିମ୍‌ଡ୍ ବିଶ୍ୱବିଦ୍ୟାଳୟ/କେନ୍ଦ୍ରୀୟ ବିଶ୍ୱବିଦ୍ୟାଳୟ/ଇଏମ୍‌ଆଇସି ଏବଂ ଏ.ଏଫ.ଏମ୍.ସି./ଦିଲ୍ଲୀ ବିଶ୍ୱବିଦ୍ୟାଳୟ, ବନାରସ ହିନ୍ଦୁ ବିଶ୍ୱବିଦ୍ୟାଳୟ/ଆଲିଗଡ଼ ମୁସଲିମ୍ ବିଶ୍ୱବିଦ୍ୟାଳୟ/କେନ୍ଦ୍ରୀୟ ପୁଲ ସିଟ୍/ଏଆଇଆଇଏମ୍‌ଏସ୍/ଜିପ୍‌ମେର/ପିଜିଆଇ ଗୁଡ଼ିକରେ ପ୍ରବେଶ ପାଇଁ ଯୋଗ୍ୟତା

୪.୩ ୧୫ ପ୍ରତିଶତ ସର୍ବଭାରତୀୟ ସିଟ୍ ପାଇଁ ଯୋଗ୍ୟତା

୪.୪ ଯୋଗ୍ୟତା ତଥା ଯୋଗ୍ୟ ବିବେଚିତ ନମ୍ବର / ଆଇନ୍

**ପରିଚ୍ଛଦ - ୫ ଆଡ଼ମିଶନ୍ ତଥା ସଂରକ୍ଷଣ (Admission & Reservation)**

୫.୧ ଆଡ଼ମିଶନ୍ ପଦ୍ଧତି

୫.୨ ସଂରକ୍ଷଣ ନୀତି

**ପରିଚ୍ଛଦ - ୬ ଆବେଦନ ପତ୍ରର ଦାଖଲ ଏବଂ ଦେୟ ପ୍ରଦାନ**
(Submission of Application Form and Payment of Fee)

୬.୧ ଆବେଦନପତ୍ର ପୂରଣ କରିବାପାଇଁ ପ୍ରସ୍ତୁତି

୬.୨ ପ୍ରତ୍ୟକ୍ଷ କମ୍ପ୍ୟୁଟର ନିୟନ୍ତ୍ରଣରେ ଦରଖାସ୍ତ ପୁରଣ କରିବାପାଇଁ ନିର୍ଦ୍ଦେଶାବଳି

୬.୩ ଅନ୍‌ଲାଇନ୍ ଆବେଦନ ପତ୍ର ପୂରଣର ଯାଞ୍ଚ ତାଲିକା

୬.୪ ଦେୟ ପ୍ରଦାନର ବିସ୍ତୃତ ବିବରଣୀ

**ପରିଚ୍ଛଦ - ୭** **ଅନ୍‌ଲାଇନ୍ ଦରଖାସ୍ତରେ ପୂରଣ ହେବାକୁ ଥିବା ତଥ୍ୟ**
**(Particulars to be filled in the online Application Form)**

**ପରିଚ୍ଛଦ - ୮** **ବର୍ଜିତ ଜିନିଷ ଏବଂ ପୋଷାକ ନିୟମ (Barred Items and Dress Code)**
୮.୧ ବର୍ଜିତ ପଦାର୍ଥ
୮.୨ ପୋଷାକ ନିୟମ

**ପରିଚ୍ଛଦ - ୯** **ପିତା/ମାତା/ଅଭିଭାବକଙ୍କ ପାଇଁ ସୂଚନା**
**(Informations for Father/Mother/Guardian)**

**ପରିଚ୍ଛଦ - ୧୦** **ପ୍ରବେଶ ପତ୍ର (Admit Card)**

**ପରିଚ୍ଛଦ - ୧୨** **ଅସତ୍ ଉପାୟ, ପ୍ରଥା ଏବଂ ପରୀକ୍ଷା ନିୟମାବଳୀ ଉଲଂଘନ ସଂଜ୍ଞା**
**(Unfairmeans, Practices and Breach of Examination Rules Definition)**
୧୨.୧ ଅନୁଚିତ ପ୍ରଥାକୁ ଉପଯୋଗ ପାଇଁ ଦଣ୍ଡ
୧୨.୨ ଫଳାଫଳ ବାତିଲ

**ପରିଚ୍ଛଦ - ୧୩** **ମେଧା ତାଲିକା ଏବଂ ଯୋଗ୍ୟତା ମାନଦଣ୍ଡ (Merit list and qualifying Criteria)**
୧୩.୧ ଯୋଗ୍ୟତା ମାନଦଣ୍ଡ
୧୩.୨ ଟାଇ-ବ୍ରେକିଙ୍ଗ୍ ପାଇଁ ପ୍ରାର୍ଥୀମାନଙ୍କର ଇଣ୍ଟର-ସି-ମେରିଟ୍
୧୩.୩ ସର୍ବଭାରତୀୟ କୋଟା ଅନ୍ତର୍ଗତ ୧୫% ଆସନର ପରାମର୍ଶ ପାଇଁ ଯୋଗ୍ୟତା ତାଲିକା
୧୩.୪ ସର୍ବଭାରତୀୟ କୋଟା ଅଧିନସ୍ଥ ୧୫% କୋଟା ଆସନ ବ୍ୟତୀତ ମେଧା ତାଲିକା

**ପରିଚ୍ଛଦ - ୧୪** **ପରାମର୍ଶ ପାଇଁ ନିର୍ଦ୍ଦେଶାବଳୀ (Instructions for Counselling)**
୧୪.୧ ସର୍ବଭାରତୀୟ କୋଟା ଅଧିନରେ ଥିବା ୧୫% ଆସନ ଏବଂ AFMC, ESI, ଦିଲ୍ଲୀ ବିଶ୍ୱବିଦ୍ୟାଳୟ (DU), BHU ଓ ଡିମ୍‌ଡି ବିଶ୍ୱବିଦ୍ୟାଳୟଗୁଡ଼ିକ ସହ ସମସ୍ତ କେନ୍ଦ୍ରୀୟ ଅନୁଷ୍ଠାନଗୁଡ଼ିକ ପାଇଁ ଥିବା ସମସ୍ତ ଆସନ ପାଇଁ ପରାମର୍ଶ
୧୪.୨ ସର୍ବଭାରତୀୟ ୧୫% ଆସନ ବ୍ୟତୀତ ଅନ୍ୟ ଆସନଗୁଡ଼ିକ ପାଇଁ ପରାମର୍ଶ ଓ ଆଡ଼ମିଶନ

**ପରିଚ୍ଛଦ - ୧୫** **ପରୀକ୍ଷା ପରବର୍ତ୍ତୀ କାର୍ଯ୍ୟାବଳୀ ଏବଂ ଫଳ ଘୋଷଣା**
(Post Examination Activities and Declaration of Result)
୧୫.୧ ୱେବସାଇଟ୍‌ରେ OMR ଫର୍ଦ୍ଦର ପ୍ରଦର୍ଶନ ଏବଂ ପ୍ରତିକ୍ରିୟା
୧୫.୨ ଆପତ୍ତି କରିବା ପାଇଁ ଉତ୍ତର 'କି' ର ପ୍ରଦର୍ଶନ
୧୫.୩ ଫଳ ଘୋଷଣା
୧୫.୪ ଉତ୍ତର ଫର୍ଦ୍ଦଗୁଡ଼ିକର ପୁନଃ-ଯାଞ୍ଚ / ପୁନଃ-ମୂଲ୍ୟାଙ୍କନ
୧୫.୫ ଅନ୍ୟ ସଂଗଠନ ଦ୍ୱାରା NEET (UG)-2020 ଫଳାଫଳର ଉପଯୋଗ

**ପରିଚ୍ଛଦ - ୧୬** **ସାଧାରଣ ସେବା କେନ୍ଦ୍ର/ସୁଗମକରଣ କେନ୍ଦ୍ର**
(Common Services Centres/Facilitation Centres)

**ଗୁରୁତ୍ୱପୂର୍ଣ୍ଣ ସୂଚନାଗୁଡ଼ିକୁ ଧ୍ୟାନ ଦିଅନ୍ତୁ**

●●●

# ପରିଚ୍ଛଦ-୧
## ଉପକ୍ରମ
## (Introduction)

### ୧.୧ ଜାତୀୟ ପରୀକ୍ଷଣ ସଂସ୍ଥା(NTA) ସଂପର୍କରେ

ଭାରତ ସରକାରଙ୍କର ମାନବ ସମ୍ବଳ ବିକାଶ ମନ୍ତ୍ରଣାଳୟ **ଜାତୀୟ ପରୀକ୍ଷଣ ସଂସ୍ଥା (NTA)**କୁ ଏକ ସ୍ୱାଧୀନ, ସ୍ୱୟଂଶାସିତ ଏବଂ ସ୍ୱୟଂ ସହନଶୀଳ ମୁଖ୍ୟ ପରୀକ୍ଷାକାରୀ ଅନୁଷ୍ଠାନ ରୂପେ ସୋସାଇଟିଜ୍ ରେଜିଷ୍ଟ୍ରେସନ୍ ଅଧିନିୟମ-୧୮୬୦ ଅନୁଯାୟୀ ପ୍ରତିଷ୍ଠା କରିଛନ୍ତି।

**ଅଧିକନ୍ତୁ NTAର ଲକ୍ଷ୍ୟ ଅଟେ :**

**(i)** **ଆଡ଼ମିଶନ ପାଇଁ ପ୍ରାର୍ଥୀମାନଙ୍କର ଦକ୍ଷତା ଆକଳନ କରିବା ପାଇଁ ଏକ ଫଳପ୍ରଦ, ପାରଦର୍ଶୀ ତଥା ଆନ୍ତର୍ଜାତିକ ମାନର ପରୀକ୍ଷା ପରିଚାଳନା କରିବା।**

**(ii)** **ଜ୍ଞାନ ପ୍ରଣାଳୀରେ ଅନ୍ତରାଳକୁ ଚିହ୍ନଟ କରି ସେଗୁଡ଼ିକୁ ଦୂର କରିବା ପାଇଁ ପଦକ୍ଷେପ ନେବାକୁ ଶିକ୍ଷା ବିଷୟକ, ବୃତ୍ତିଗତ ଏବଂ ପରୀକ୍ଷଣ ପଦ୍ଧତି ଉପରେ ଗବେଷଣା ପାଇଁ ପ୍ରତିଶ୍ରୁତିବଦ୍ଧ ହେବା।**

**(iii)** **ଶିକ୍ଷା ଏବଂ ବ୍ୟବସାୟିକ ବିକାଶ ମାନଗୁଡ଼ିକ ଉପରେ ସୂଚନା ଓ ଗବେଷଣାର ଉତ୍ପାଦନ ଏବଂ ପ୍ରସାର କରିବା।**

**ସ୍ନାତକ ଚିକିତ୍ସା ପାଠ୍ୟକ୍ରମରେ ଆଡ଼ମିଶନ ପାଇଁ ହେଉଥିବା ଜାତୀୟ ଯୋଗ୍ୟତା ତଥା ପ୍ରବେଶିକା ପରୀକ୍ଷା (NEET - UG) - 2020ର ପରିଚାଳନା ଏନ୍‌ଟିଏ ଦ୍ୱାରା ନିର୍ବାହ ହେବ।**



# ପରିଚ୍ଛେଦ -୨

# ଜାତୀୟ ଯୋଗ୍ୟତା ତଥା ପ୍ରବେଶିକା ପରୀକ୍ଷା

# NEET (UG) - 2020

## ୨.୧ ନିଟ୍ (ୟୁଜି)-୨୦୨୦ ସମ୍ବନ୍ଧରେ

ଅଗଷ୍ଟ ୦୮, ୨୦୧୯ରେ ଜାତୀୟ ଚିକିତ୍ସା ଆୟୋଗ ଅଧିନିୟମ, ୨୦୧୯ ରାଷ୍ଟ୍ରପତିଙ୍କ ଅନୁମୋଦନ ଲାଭ କଲା। ଜାତୀୟ ଚିକିତ୍ସା ଆୟୋଗ ଅଧିନିୟମ, ୨୦୧୯ର ଭାଗ୧୪, ଅନ୍ୟ ଯେ କୌଣସି ଆଇନରେ ପରିଚାଳିତ ଅନୁଷ୍ଠାନଗୁଡ଼ିକ ସହ ସବୁ ମେଡିକାଲ କଲେଜରେ ସ୍ନାତକ ଶିକ୍ଷା ପାଠ୍ୟକ୍ରମ ପାଇଁ ଏକ ଏକକ ଏବଂ ସମାନ ଜାତୀୟ ଯୋଗ୍ୟତା ତଥା ପ୍ରବେଶିକା ପରୀକ୍ଷା (NEET) କରିବାକୁ ସହଯୋଗ କରିଥାଏ। ଏଣୁ, AIIMS, New Delhi, JIPER ଏବଂ AIIMS ଭଳି ସମସ୍ତ ଅନୁଷ୍ଠାନଗୁଡ଼ିକରେ MBBS ପାଠ୍ୟକ୍ରମରେ ଆଡ଼ମିଶନ NEET ମାଧ୍ୟମରେ ହେବ **(ପରିଶିଷ୍ଟ-XIVରେ ଦତ୍ତ NMC ଅଧିନିୟମ, ୨୦୧୯)**

(a) ସ୍ନାତକ ଡାକ୍ତରୀ ଶିକ୍ଷାର ସମସ୍ତ ଆସନଗୁଡ଼ିକରେ ଆଡ଼ମିଶନ NEET - (UG) - 2020 ମାଧ୍ୟମରେ ହେବ।
ନିମ୍ନଲିଖିତ ବିଭିନ୍ନ କୋଟାରେ ଉପଲବ୍ଧ ହେଉଥିବା ଆସନ;

- (i) ସର୍ବଭାରତୀୟ କୋଟା ଆସନ ସମୂହ
- (ii) ରାଜ୍ୟ ସରକାରଙ୍କ କୋଟା ଆସନ ସମୂହ
- (iii) କେନ୍ଦ୍ରୀୟ ଅନୁଷ୍ଠାନଗୁଡ଼ିକ / ବିଶ୍ୱବିଦ୍ୟାଳୟଗୁଡ଼ିକ / ଡିମ୍ଡ୍ ବିଶ୍ୱବିଦ୍ୟାଳୟଗୁଡ଼ିକର ଆସନ ସମୂହ
- (iv) ଘରୋଇ ମେଡିକାଲ/ଡେଣ୍ଟାଲ୍/ଆୟୁର୍ବେଦ/ସିଦ୍ଧ/ୟୁନାନୀ/ହୋମିଓପ୍ୟାଥି କଲେଜ କିମ୍ବା କୌଣସି ବିଶ୍ୱବିଦ୍ୟାଳୟ ଅଧୀନସ୍ଥ ରାଜ୍ୟ/ପରିଚାଳନା ସମିତି/ପ୍ରବାସୀ ଭାରତୀୟ କୋଟା ଆସନ ସମୂହ।
- (v) କେନ୍ଦ୍ରୀୟ ପୁଲ୍ କୋଟା ଆସନ ସମୂହ ।
- (vi) ପ୍ରବାସୀ ଭାରତୀୟ କୋଟା ଆସନ ସହ ସମସ୍ତ ବେସରକାରୀ ସାହାଯ୍ୟ ପ୍ରାପ୍ତ/ଅଣସାହାଯ୍ୟ ପ୍ରାପ୍ତ ସଂଖ୍ୟାଲଘୁ/ଅଣସଂଖ୍ୟାଲଘୁ ମେଡିକାଲ୍ କଲେଜ୍‌ଗୁଡ଼ିକରେ ଥିବା ପରିଚାଳନା ସମିତି କୋଟାର ଆସନଗୁଡ଼ିକ NEET - (UG) - 2020ରେ ଅର୍ଜନ କରିଥିବା ଯୋଗ୍ୟତା ଅନୁଯାୟୀ ହେବ।

(b) ବିଦେଶରେ ଥିବା (ମେଡିକାଲ୍/ଡେଣ୍ଟାଲ୍/ଆୟୁର୍ବେଦ/ସିଦ୍ଧ/ୟୁନାନି/ହୋମିଓପ୍ୟାଥି) ଅନୁଷ୍ଠାନରେ **ସ୍ନାତକ ଡାକ୍ତରୀ ଶିକ୍ଷା** ଗ୍ରହଣ କରିବାକୁ ଚାହୁଁଥିବା ଭାରତୀୟ ନାଗରିକ/ଦରିଆପାରି ଭାରତୀୟ ନାଗରିକମାନଙ୍କୁ **NEET - (UG) - 2020** ପରୀକ୍ଷାରେ ଯୋଗ୍ୟତା ହାସଲ କରିବାକୁ ହେବ।

(c) ୧୫% ସର୍ବଭାରତୀୟ କୋଟା ଆସନ ଏବଂ **ଦିଲ୍ଲୀ ବିଶ୍ୱବିଦ୍ୟାଳୟ (DU),BHU, AMU, AIIMS ଓ JIPMER** ସହ ଡିମିଡ୍ ବିଶ୍ୱ ବିଦ୍ୟାଳୟ/କେନ୍ଦ୍ରୀୟ ବିଶ୍ୱ ବିଦ୍ୟାଳୟଗୁଡ଼ିକର ସମସ୍ତ ଆସନ/**ESIC ଓ AFMC**ର ଆସନଗୁଡ଼ିକ ପାଇଁ କୃତକାର୍ଯ୍ୟ ହୋଇଥିବା ପ୍ରାର୍ଥୀମାନଙ୍କର **ସ୍ନାତକ ଡାକ୍ତରୀ ଶିକ୍ଷା** ପାଠ୍ୟକ୍ରମଗୁଡ଼ିକ ପାଇଁ ପରାମର୍ଶ ବୈଠକ **MCC/DGHS** ଦ୍ୱାରା ହେବ। ଅନ୍ୟ ରାଜ୍ୟ/ବିଶ୍ୱବିଦ୍ୟାଳୟ/ଅନୁଷ୍ଠାନଗୁଡ଼ିକ ଅଧିନରେ ଥିବା ଆସନଗୁଡ଼ିକରେ ଆଡ଼ମିଶନ ପାଇଁ କାଉନ୍‌ସେଲିଙ୍ଗ୍ ସ୍ୱତନ୍ତ୍ର ଭାବେ ସଂପୃକ୍ତ ଅଧିକାରୀମାନଙ୍କ ଦ୍ୱାରା ବିଜ୍ଞପ୍ତି ଅନୁସାରେ ହେବ।

(d) **NEET - (UG) - 2020** ଫଳାଫଳକୁ କେନ୍ଦ୍ର/ରାଜ୍ୟ ସରକାରଙ୍କର ଅନ୍ୟ ଅନୁଷ୍ଠାନଗୁଡ଼ିକ ଦ୍ୱାରା ସେମାନଙ୍କର ଆଇନ ଅନୁଯାୟୀ ଆଡ଼ମିଶନ ପାଇଁ ବ୍ୟବହାର କରିପାରିବେ।

(e) ପରାମର୍ଶ ସମୟରେ, ଯୋଗ୍ୟ ପ୍ରାର୍ଥୀମାନଙ୍କର ଯୋଗ୍ୟତା ମାନଦଣ୍ଡ, ଆତ୍ମ ଘୋଷଣାପତ୍ର, ବିଭିନ୍ନ ଦସ୍ତାବିଜ୍ ଇତ୍ୟାଦି ସଂପୃକ୍ତ ଅଧିକାରୀମାନଙ୍କ ଦ୍ୱାରା ଏବଂ/ବା ମେଡିକାଲ୍/ଡେଣ୍ଟାଲ୍/ଆୟୁର୍ବେଦ/ସିଦ୍ଧ/ୟୁନାନୀ/ହୋମିଓପ୍ୟାଥି କଲେଜଗୁଡ଼ିକ ଦ୍ୱାରା ଦର୍ଶାଯାଇଥିବା ମାନଦଣ୍ଡ ଅନୁଯାୟୀ ଯାଞ୍ଚ କରାଯିବ। ଆବେଦନ ସମୟରେ ଅପ୍‌ଲୋଡ଼ିଙ୍ଗ୍ ତଥ୍ୟ/ଦସ୍ତାବିଜଗୁଡ଼ିକର ସଠିକତା/ବାସ୍ତବିକତା ଉପରେ NTAର କୌଣସି ଦାୟିତ୍ୱ ନାହିଁ।

## ୨.୨ ନିଟ୍ (ୟୁଜି)ରେ ଏନ୍‌ଟିଏର ଭୂମିକା

କେନ୍ଦ୍ର ସରକାର ବିଭିନ୍ନ ଉଚ୍ଚ ଶିକ୍ଷାନୁଷ୍ଠାନରେ ପ୍ରବେଶ/ଫେଲୋସିପ୍ ପାଇଁ ପ୍ରବେଶିକା ପରୀକ୍ଷା ପରିଚାଳନା କରାଇବାକୁ ଜାତୀୟ ପରୀକ୍ଷଣ ସଂସ୍ଥା (ଏନ୍.ଟି.ଏ.) ପ୍ରତିଷ୍ଠା କରିଛନ୍ତି । ଭାରତ ସରକାରଙ୍କ ମାନବ ସମ୍ବଳ ବିକାଶ ମନ୍ତ୍ରଣାଳୟ ଅଧୀନରେ ଥିବା ଉଚ୍ଚଶିକ୍ଷା ବିଭାଗର ଜୁଲାଇ ୬, ୨୦୧୮ ଚିଠି ନମ୍ବର F.No.19-5/2014-TS-Iରେ ଏନ୍.ଟି.ଏ (NTA)କୁ NEET-(UG)-2019 ପରୀକ୍ଷା ପରିଚାଳନା କରିବାକୁ ନିର୍ଦ୍ଦେଶ ଦେଇଛନ୍ତି ।

**ଏନ୍‌ଟିଏ**ର ଦାୟିତ୍ୱ, ଅନ୍‌ଲାଇନ୍ ଆବେଦନ ପତ୍ର ଆମନ୍ତ୍ରଣ କରିବା, ପ୍ରବେଶିକା ପରୀକ୍ଷା ପରିଚାଳନା କରିବା, ଫଳାଫଳ ପ୍ରକାଶ କରିବା ଏବଂ **ସ୍ୱାସ୍ଥ୍ୟସେବାର ମହାନିର୍ଦ୍ଦେଶକ, ଭାରତ ସରକାରଙ୍କ ସ୍ୱାସ୍ଥ୍ୟ ଓ ପରିବାର କଲ୍ୟାଣ ମନ୍ତ୍ରଣାଳୟଙ୍କୁ ସର୍ବଭାରତୀୟ ର୍‍ୟାଙ୍କ୍** ଯୋଗାଇ ଦେବାରେ ସୀମିତ ଅଟେ ।

## ୨.୩ ପ୍ରବେଶିକା ପରୀକ୍ଷାର ଦିବସ

**ମଇ ୩,୨୦୨୦ (ରବିବାର) ଅପରାହ୍ଣ ୨ଟାରୁ ୫ଟା** ପର୍ଯ୍ୟନ୍ତ **NEET-(UG)-2020** ପରୀକ୍ଷା ଅନୁଷ୍ଠିତ ହେବ । ପରୀକ୍ଷାର ଅବଧି **୦୩** (ତିନି) ଘଣ୍ଟା ରହିବ ।

**ଯଦି ପରୀକ୍ଷା ଦିବସଟି ସାର୍ବଜନୀନ ଛୁଟି ଦିବସ ଘୋଷଣା କରାଯାଏ, ତେବେ ମଧ୍ୟ ପରୀକ୍ଷା ନିର୍ଘଣ୍ଟ ଅପରିବର୍ତ୍ତିତ ରହିବ ।**

## ୨.୪ ଦରକାରୀ ୱେବ୍‌ସାଇଟ୍ ସମୂହ-

(i) **NEET-(UG)-2020** ପାଇଁ ଏନ୍‌ଟିଏର ସରକାରୀ ୱେବ୍‌ସାଇଟ୍ ହେଲା **ntaneet.nic.in** । ବିଭିନ୍ନ ସମୟରେ ସଂଶୋଧିତ ପରୀକ୍ଷା ସମ୍ବନ୍ଧୀୟ ସମସ୍ତ ସୂଚନା (ଯଦି ବି କିଛି ଥାଏ) କେବଳ ଏହି ୱେବ୍‌ସାଇଟ୍‌ରେ ଉପଲବ୍ଧ ହେବ ।

(ii) ୧୫ ପ୍ରତିଶତ ସର୍ବଭାରତୀୟ ସିଟ୍, କେନ୍ଦ୍ରୀୟ ଅନୁଷ୍ଠାନ/ବିଶ୍ୱବିଦ୍ୟାଳୟ ଏବଂ ଡ଼ିମ୍‌ଡ୍ ବିଶ୍ୱବିଦ୍ୟାଳୟ ଗୁଡ଼ିକରେ ପରାମର୍ଶ ସଂପର୍କିତ ସୂଚନା ପାଇଁ ସରକାରୀ ୱେବ୍‌ସାଇଟ୍‌ଗୁଡ଼ିକ ନିମ୍ନୋକ୍ତ ପ୍ରକାର ଅଟେ:

**ଏମ୍‌ବିବିଏସ୍/ବିଡିଏସ୍ ପାଠ୍ୟକ୍ରମଗୁଡ଼ିକ ପାଇଁ**

- ସ୍ୱାସ୍ଥ୍ୟ ତଥା ପରିବାର କଲ୍ୟାଣ ମନ୍ତ୍ରଣାଳୟ: **www.mohfw.gov.in** ଏବଂ
- ଡାକ୍ତରୀ ପରାମର୍ଶ ସମିତି: **www.mcc.nic.in**

**ବିଏଏମ୍‌ଏସ୍/ବିଏସ୍‌ଏମ୍‌ଏସ୍/ବିୟୁଏମ୍‌ଏସ୍/ବିଏଚ୍‌ଏମ୍‌ଏସ୍ ପାଠ୍ୟକ୍ରମଗୁଡ଼ିକ ପାଇଁ**

- ଆୟୁଷ ମନ୍ତ୍ରଣାଳୟ: **www.ayush.gov.in** ଏବଂ
- ଆୟୁଷ ଆଡ଼ମିଶନ କେନ୍ଦ୍ରୀୟ ପରାମର୍ଶ ସମିତି: **www.aaccc.gov.in**

(iii) ଅବଶିଷ୍ଟ ସିଟ୍‌ଗୁଡ଼ିକ ପାଇଁ ଦୟାକରି ସଂପୃକ୍ତ ରାଜ୍ୟ /ଅନୁଷ୍ଠାନଗୁଡ଼ିକର ୱେବ୍‌ସାଇଟ୍ ତଦାରଖ କରନ୍ତୁ ।

(iv) ସୂଚନା ପୁସ୍ତିକାରେ ପ୍ରଦତ୍ତ ହୋଇନଥିବା ବିବରଣୀ ସବୁ NTA/MoH&FW/NMC/MCI/DGHS/DCI/MoA/CCIM/BoGCCH ଦ୍ୱାରା ସ୍ଥିରୀକୃତ ନିଷ୍ପତ୍ତି ଚୂଡ଼ାନ୍ତ ଏବଂ ବାଧ୍ୟତାମୂଳକ ।

## ୨.୫ ନ୍ୟାୟିକ ପରିସୀମା (ଲିଗାଲ୍ ଜୁରିସଡିକ୍‌ସନ)

ପ୍ରବେଶିକା ପରୀକ୍ଷା ଆୟୋଜନ ତଥା ସିଟ୍ ଆବଣ୍ଟନ ପ୍ରସଙ୍ଗରେ ସମସ୍ତ ବିବାଦ କେବଳ ଦିଲ୍ଲୀ ଅଧିକାର କ୍ଷେତ୍ରରେ ଆସିବ । **ଏନ୍‌ଟିଏ**ର ବରିଷ୍ଠ ନିର୍ଦ୍ଦେଶକ/ନିର୍ଦ୍ଦେଶକ (ପ୍ରଶାସନ), **ଏନ୍‌ଟିଏ** ନ୍ୟାୟିକ ଅଫିସର ଭାବେ କାର୍ଯ୍ୟ କରିବେ, ଯାହାଙ୍କ ନାମରେ ବା ଯାହାଙ୍କ ବିରୁଦ୍ଧରେ **ଏନ୍‌ଟିଏ** ମୋକଦ୍ଦମା ଦାୟର କରିପାରିବେ ।

ନୋଟ୍ :-*(i)* ***ଡାକ୍ତରୀ/ଦନ୍ତଚିକିତ୍ସା/BAMS/BSMS/BUMS/BHMS ପାଠ୍ୟକ୍ରମଗୁଡ଼ିକୁ ସ୍ନାତକ ମେଡିକାଲ ପାଠ୍ୟକ୍ରମ ବୋଲି ଧରାଯାଏ ।***

*(ii)* ***ବିଭିନ୍ନ ଅନୁଷ୍ଠାନ/ରାଜ୍ୟ ସରକାର ଠାରୁ ପ୍ରାପ୍ତ ପରାମର୍ଶକୁ ପରିଶିଷ୍ଟ-XV ରେ ଜ୍ଞାତ ଉଦ୍ଦେଶ୍ୟରେ ଯୋଡ଼ିଦିଆଯାଇଛି ।***

*(iii)* ***ସଦ୍ୟ ଅପ୍‌ଡେଟ୍ ଜାଣିବା ପାଇଁ ପ୍ରାର୍ଥୀମାନେ ନିୟମିତ ସଂପୃକ୍ତ ଅନୁଷ୍ଠାନ/ରାଜ୍ୟ ସରକାରଙ୍କ ୱେବ୍‌ସାଇଟ୍‌ଗୁଡ଼ିକ ପରିଦର୍ଶନ କରନ୍ତୁ ।***

# ପରିଚ୍ଛଦ - ୩
# ସାଧାରଣ ସୂଚନା
## (General Information)

### ୩.୧ ସାଧାରଣ ନିର୍ଦ୍ଦେଶାବଳୀ

ବିଭିନ୍ନ ସମୟରେ ସଂଶୋଧିତ **ଜାତୀୟ ଚିକିତ୍ସା ଆୟୋଗ ଆଇନ-୨୦୧୯, ଭାରତୀୟ ଚିକିତ୍ସା ପରିଷଦ ଆଇନ-୧୯୫୬ ଏବଂ ଦନ୍ତ ଚିକିତ୍ସକ ଆଇନ-୧୯୪୮** ଏବଂ ଅନ୍ୟ ପ୍ରାସଙ୍ଗିକ ତଥା ଗ୍ରହଣଯୋଗ୍ୟ ଅଧିନିୟମଗୁଡ଼ିକ ଅନୁଯାୟୀ ଜାତୀୟ ଯୋଗ୍ୟତା ତଥା ପ୍ରବେଶିକା ପରୀକ୍ଷା **NEET (UG)-2020** ପରିଚାଳନା କରାଯିବ।

- କେବଳ **NEET (UG)-2020** ଦେବା ଏବଂ ଯୋଗ୍ୟତା ହାସଲ କରିବା, ମେଡିକାଲ୍ ସ୍ନାତକ ପାଠ୍ୟକ୍ରମ ଗୁଡ଼ିକରେ ପ୍ରବେଶ ପାଇଁ ଅଧିକାର ପ୍ରଦାନ କରିନଥାଏ। ଆଡ଼ମିଶନ ମାନଦଣ୍ଡ ଯଥା ଯୋଗ୍ୟତା, ମେଧା ତାଲିକାରେ ର୍ୟାଙ୍କ୍, ମେଡିକାଲ୍ ଫିଟ୍‌ନେସ୍ ଏବଂ ଭାରତ ସରକାର, ସଂପୃକ୍ତ ରାଜ୍ୟ, ବିଶ୍ୱବିଦ୍ୟାଳୟ, ଅନୁଷ୍ଠାନ ଓ ଡାକ୍ତରୀ/ଦନ୍ତଚିକିତ୍ସା/ଆୟୁର୍ବେଦ/ସିଦ୍ଧ/ୟୁନାନୀ/ହୋମିଓପ୍ୟାଥି କଲେଜଗୁଡ଼ିକ ଦ୍ୱାରା ନିର୍ଦ୍ଧାରିତ ଅନ୍ୟ କିଛି ମାନଦଣ୍ଡ ପୂରଣ କରୁଥିଲେ, ଡାକ୍ତରୀ ସ୍ନାତକ ପାଠ୍ୟକ୍ରମଗୁଡ଼ିକ ପଢ଼ାଉଥିବା କୌଣସି ସ୍ୱୀକୃତିପ୍ରାପ୍ତ ଡାକ୍ତରୀ ଅନୁଷ୍ଠାନରେ ଡାକ୍ତରୀ ସ୍ନାତକ ପାଠ୍ୟକ୍ରମଗୁଡ଼ିକରେ ଚୟନ ହେବା ସହ ଆଡ଼ମିଶନ ନେଇପାରିବେ।
- ଭୁଲ ଏବଂ ମନମଡ଼ା ତଥ୍ୟ ସହ ଦାଖଲ କରିଥିବା ପ୍ରାର୍ଥୀମାନଙ୍କର ଆବେଦନପତ୍ରକୁ ବାତିଲ୍ କରାଯିବ ଏବଂ ଆଗକୁ **ଏନ୍‌ଟିଏ** ଦ୍ୱାରା ଆୟୋଜିତ ପରୀକ୍ଷାଗୁଡ଼ିରୁ ଏଭଳି ପ୍ରାର୍ଥୀମାନଙ୍କୁ ବଞ୍ଚିତ କରାଯିବ। ସେହିଭଳି ପ୍ରାର୍ଥୀଙ୍କୁ ଅପରାଧିକ ମାମଲା ଅନୁସାରେ ଦୋଷୀ କରାଯିବ ଏବଂ ନିୟମ ଅନୁଯାୟୀ ଦଣ୍ଡିତ କରାଯିବ।
- ଅସଂପୂର୍ଣ୍ଣ ଆବେଦନପତ୍ର ଏବଂ ନିର୍ଦ୍ଦେଶାବଳୀ ଅନୁସାରେ ପୂରଣ ହୋଇନଥବବା ଆବେଦନପତ୍ର ଗୁଡ଼ିକୁ ବିନା କୌଣସି ଆଗୁଆ ସୂଚନା ସହ ନାକଚ କରିଦିଆଯିବ।
- ପରୀକ୍ଷା ଦେୟ ଥରେ ଜମା ହେଲେ ଆଉ ଫେରସ୍ତ ହେବ ନାହିଁ । ଏହି ଦେୟ ପରବର୍ତ୍ତୀ ପରୀକ୍ଷା ପାଇଁ ଫରୱାର୍ଡ଼ ହେବ ନାହିଁ କି ଫେରସ୍ତ ଦିଆଯିବ ନାହିଁ।
- ଦରଖାସ୍ତ ଥରେ ଜମା ହେଲେ ଆଉ ପ୍ରତ୍ୟାହାର ହୋଇପାରିବନାହିଁ । ପ୍ରାର୍ଥୀମାନେ ଜାଣିରଖନ୍ତୁ ଯେ କେବଳ ବ୍ୟାଙ୍କ୍ ଜମାଖାତାରୁ ଟଙ୍କା କଟିଯିବା ଦେୟ ଜମା ହେବାର ପ୍ରମାଣ ନୁହେଁ। ଏହି ଦେୟ ଜମାର ପ୍ରାପ୍ତି ସ୍ୱୀକାର ଏବଂ ପୃଷ୍ଟି ପୃଷ୍ଠା ସୃଷ୍ଟି ପରେ ନିୟମିତ ହେବ ।
- ସମୟ ସମୟରେ ସୂଚନା ସମାଚାର ପତ୍ରରେ ପ୍ରଦତ୍ତ କୌଣସି ସୂଚନା ଜାତୀୟ ପରୀକ୍ଷଣ ସଂସ୍ଥା ଅଧିକାରୀ ଏବଂ ଅନ୍ୟ ଅଧିକାରୀମାନଙ୍କ ଦ୍ୱାରା ପରିବର୍ତ୍ତିତ/ଅପ୍‌ଡେଟ୍ ହୋଇପାରିବ। ଏଣୁ ସଦ୍ୟ ସୂଚନା ପାଇବା ପାଇଁ ସମସ୍ତ ପ୍ରାର୍ଥୀ ନିୟମିତ ଭାବରେ ଏହି ସଂସ୍ଥାର ୱେବ୍‌ସାଇଟ୍ **ntaneet.nic.in**କୁ ତଦାରଖ କରିବେ।
- NTA ଦ୍ୱାରା ଆଡ଼ମିଟ୍ କାର୍ଡ ଦିଆଯିବା ସତ୍ତ୍ୱେ ଯଦି କୌଣସି ପ୍ରାର୍ଥୀ NEET (UG)-2020 ପରୀକ୍ଷା ଦେବା ପାଇଁ ଅଯୋଗ୍ୟ ବୋଲି ଜଣାପଡ଼ନ୍ତି, ତେବେ NTA ଭୁଲ୍‌ରେ ଦତ୍ତ ଅନୁମତିକୁ ପ୍ରତ୍ୟାହାର କରିବାର ଅଧିକାରକୁ ସଂରକ୍ଷିତ ରଖିଥାଏ।
- ପ୍ରାର୍ଥୀଙ୍କ **NEET (UG)-2020** ପାଇଁ ଯୋଗ୍ୟତା ସଂପୂର୍ଣ୍ଣ ସାମୟିକ ଅଟେ ଏବଂ ଏହା **MoH&FW/MCI/NMC/DCI/NTA/MCC/MoA/AACCC/CCIM/BoGCCH/ଅନ୍ୟାନ୍ୟ ପ୍ରବେଶକାରୀ ଅନୁଷ୍ଠାନମାନଙ୍କ** ଦ୍ୱାରା ନିର୍ଦ୍ଧାରିତ ଯୋଗ୍ୟତା ମାନଦଣ୍ଡ ପୂରଣ କରିବା ଉପରେ ନିର୍ଭର କରେ।
- ଯଦି ଯୋଗ୍ୟତା ନିର୍ଣ୍ଣୟ/ପରୀକ୍ଷା ପରିଚାଳନା/ପ୍ରାର୍ଥୀଙ୍କ ପଞ୍ଜିକରଣ ଇତ୍ୟାଦି ସମ୍ବନ୍ଧରେ କୌଣସି ଆଦେଶବଳୀ/ବାକ୍ୟ/ନିୟମାବଳୀ/ମାନଦଣ୍ଡରେ ଦ୍ୱନ୍ଦ୍ୱ ଉପୁଜେ, ତେବେ **MoH ଏବଂ FW/MCI/NMC/DCI/NTA/MCC/ଅନ୍ୟ ଆଡ଼ମିଶନ କରୁଥିବା ଅନୁଷ୍ଠାନ**ଗୁଡ଼ିକର ବ୍ୟାଖ୍ୟା ଚୂଡ଼ାନ୍ତ ଏବଂ ବାଧ୍ୟତାମୂଳକ ହେବ।

- **NEET (UG)-2020** ପରୀକ୍ଷା ଭିଡ଼ିଓଗ୍ରାଫି ଦ୍ୱାରା ସଂଗୃହୀତ ରହିବ। ଯେତେବେଳେ ଭିଡ଼ିଓ ଉତ୍ତୋଳନ ହେବ ସେତେବେଳେ ପ୍ରାର୍ଥୀମାନେ ମୁଣ୍ଡ ସିଧାରଖି କ୍ୟାମେରା ଆଡ଼କୁ ଚାହିଁବେ, ଏବଂ ଏହାଦ୍ୱାରା ସେମାନଙ୍କର ପରିଚୟ ପ୍ରମାଣିତ ହେବ। ପରୀକ୍ଷା ସମୟରେ ପରୀକ୍ଷାର୍ଥୀମାନଙ୍କୁ ଭିଡିଓଗ୍ରାଫି ପାଇଁ ରାଜି ହେବାକୁ ପଡ଼ିବ।

### ୩.୨ NEET (UG)-2020 ପରୀକ୍ଷା ପଦ୍ଧତି

| ବିଷୟ | ପଶ୍ନପତ୍ରର ପ୍ରକାର | ସମୟ ସାରଣୀ | ପ୍ରଶ୍ନପତ୍ର ସଂଖ୍ୟା | ନମ୍ବର |
|---|---|---|---|---|
| Physics (ପଦାର୍ଥ ବିଜ୍ଞାନ) | ୪ଟି ସମ୍ଭାବିତ ଉତ୍ତର ମଧ୍ୟରୁ ଗୋଟିଏ ଠିକ୍ ଉତ୍ତର/ସର୍ବଶ୍ରେଷ୍ଠ ଉତ୍ତର ସହ ବହୁ ସମ୍ଭାବିତ ଉତ୍ତର ଥିବା ପ୍ରଶ୍ନ। | ଅପରାହ୍ନ ୨ ଟାରୁ ୫ଟା | ୪୫ | ୧୮୦ |
| Chemistry (ରସାୟନ ବିଜ୍ଞାନ) | | | ୪୫ | ୧୮୦ |
| ଜୀବବିଜ୍ଞାନ (ଉଦ୍ଭିଦ ବିଜ୍ଞାନ ଓ ପ୍ରାଣୀ ବିଜ୍ଞାନ) | | | ୯୦ | ୩୬୦ |
| **ମୋଟ୍** | | | **୧୮୦** | **୭୨୦** |

**ଦରକାରୀ ତଥ୍ୟାବଳୀ :**

i. ପ୍ରତ୍ୟେକ ପ୍ରଶ୍ନ ପାଇଁ ୦୪ (ଚାରି) ନମ୍ବର ଅଛି ।

ii. ସଠିକ୍ ଉତ୍ତର/ସର୍ବୋତ୍ତମ ଉତ୍ତର ପାଇଁ ପ୍ରାର୍ଥୀ ୦୪ (ଚାରି) ନମ୍ବର ପାଇବେ ।

iii. ପ୍ରତ୍ୟେକ ଭୁଲ ଉତ୍ତର ପାଇଁ, ସାମଗ୍ରିକ ନମ୍ବରରୁ ୦୧ (ଏକ) ନମ୍ବର କରି କଟାଯିବ ।

iv. ପ୍ରଶ୍ନର ଉତ୍ତର ଦେବାପାଇଁ, ପ୍ରାର୍ଥୀମାନଙ୍କୁ ପ୍ରତ୍ୟେକ ପ୍ରଶ୍ନ ପାଇଁ ସଠିକ୍ ଉତ୍ତର/ସର୍ବୋତ୍ତମ ଚୟନଟିକୁ ବାଛିବାକୁ ପଡ଼ିବ।

v. ତଥାପି, 'ଚାଲେଞ୍ଜ କି'ର ପ୍ରକ୍ରିୟା ପରେ ଯଦି ଏକାଧିକ ଉତ୍ତର ଠିକ୍ ବୋଲି ଜଣାପଡ଼େ ତେବେ ସମସ୍ତ/ସମସ୍ତ ଠିକ୍ ଉତ୍ତର ମଧ୍ୟରୁ ଯେ କୌଣସି ଗୋଟିଏ/ସର୍ବୋତ୍ତମ ଉତ୍ତର ପାଇଁ +୪ (ଯୁକ୍ତ ଚାରି) ନମ୍ବର ମିଳିବ। ଯେ କୌଣସି ଭୁଲ ଉତ୍ତର ପାଇଁ -୧ (ବିଯୁକ୍ତ ଏକ) ନମ୍ବର ମିଳିବ। ଉତ୍ତର ଦିଆଯାଇନଥିବା/ଉତ୍ତର ପାଇଁ ଚେଷ୍ଟା କରିନଥିବା ପ୍ରଶ୍ନ ପାଇଁ କୌଣସି ନମ୍ବର ମିଳିବ ନାହିଁ। ଯଦି କୌଣସି ପରିସ୍ଥିତିରେ ଗୋଟିଏ ପ୍ରଶ୍ନକୁ ବାତିଲ/ଅଣଦେଖା କରାଯାଏ, ତେବେ କୌଣସି ବାଛବିଚାର ନରଖି ସମସ୍ତ ପ୍ରାର୍ଥୀଙ୍କୁ, ପ୍ରଶ୍ନଟିକୁ ଚେଷ୍ଟା କରିଥାଆନ୍ତୁ ବା ନାହିଁ, ୦୪ (ଚାରି) ନମ୍ବର ମିଳିବ।

### ୩.୩ ପରୀକ୍ଷା ବିଧି (Modes of Examination)

**NEET - (UG) - 2020** ଏକ କଲମ ଏବଂ କାଗଜ ମାଧ୍ୟମରେ ପରୀକ୍ଷା, କେବଳ ବଲ୍ ପଏଣ୍ଟ କଲମ ବ୍ୟବହାର କରି ଏକ ସ୍ୱତନ୍ତ୍ର ମେସିନ୍ ଦ୍ୱାରା ମୂଲ୍ୟାଙ୍କନ କରାଯାଉଥିବା କାଗଜରେ ପରୀକ୍ଷା ହେବ ।

### ୩.୪ ପରୀକ୍ଷା ଅବଧି (Duration of Test)

ଏହି ପରୀକ୍ଷାର ଅବଧି ୩ ଘଣ୍ଟା ହେବ ।

### ୩.୫ ପ୍ରଶ୍ନପତ୍ରର ମାଧ୍ୟମ (Medium of Question paper)

(i) ପ୍ରାର୍ଥୀମାନେ ନିମ୍ନଲିଖିତ ୧୧ଟି ଭାଷା ଭିତରୁ ପ୍ରଶ୍ନପତ୍ର ପାଇଁ କୌଣସି ଗୋଟିଏ ଭାଷା ବାଛିବେ ।

| | | | | | |
|---|---|---|---|---|---|
| ଇଂରାଜୀ | ହିନ୍ଦୀ | ଅସମୀୟା | ବଙ୍ଗଳା | ଗୁଜରାଟୀ | କନ୍ନଡ଼ |
| ମରାଠୀ | ଓଡ଼ିଆ | ତାମିଲ୍ | ତେଲୁଗ | ଉର୍ଦ୍ଦୁ | |

(ii) ଆବେଦନ ପତ୍ର ପୂରଣ କରିଲାବେଳେ ସତର୍କତା ସହିତ ପ୍ରଶ୍ନ ପତ୍ରର ମାଧ୍ୟମ ଚୟନ କରିବା ଉଚିତ। ଥରେ ମାଧ୍ୟମ ଚୟନ କରିଦେଲା ପରେ ଆଉ ପରିବର୍ତ୍ତନ ହେବ ନାହିଁ।

(iii) ଯେଉଁ ପ୍ରାର୍ଥୀମାନେ ଇଂରାଜୀ ପାଇଁ ଇଚ୍ଛା ପ୍ରକାଶ କରିଛନ୍ତି ସେମାନଙ୍କୁ କେବଳ ଇଂରାଜୀ ପ୍ରଶ୍ନପତ୍ର ଦିଆଯିବ।

(iv) ଯେଉଁ ପ୍ରାର୍ଥୀମାନେ ହିନ୍ଦୀ ଇଚ୍ଛା ପ୍ରକାଶ କରିବେ ସେମାନଙ୍କୁ ଏକ ଦ୍ୱିଭାଷୀ ପ୍ରଶ୍ନ ପତ୍ର ଇଂରାଜୀ ଆଉ ହିନ୍ଦୀ ଦିଆଯିବ ।

(v) ଯେଉଁ ପ୍ରାର୍ଥୀମାନେ ଆଞ୍ଚଳିକ ଭାଷା ଗୁଡ଼ିକରେ ଇଚ୍ଛା ପ୍ରକାଶ କରିଛନ୍ତି ସେମାନଙ୍କୁ ମଧ୍ୟ ଦ୍ୱିଭାଷୀ ପ୍ରଶ୍ନପତ୍ର ସେମାନଙ୍କ ଇଚ୍ଛିତ ଆଞ୍ଚଳିକ ଭାଷା ସହିତ ଇଂରାଜୀ ପ୍ରଶ୍ନପତ୍ର ଦିଆଯିବ ।

(vi) ଯଦି ଅନୁବାଦରେ କିଛି ଦ୍ୱନ୍ଦ୍ୱ ଦେଖାଯାଏ ତେବେ **ପ୍ରଶ୍ନପତ୍ରରେ ଥିବା ଇଂରାଜୀ ପ୍ରଶ୍ନ ପତ୍ରଟିକୁ ସଠିକ୍ ବୋଲି ଧରାଯିବ ଏବଂ ଏହି ବିଷୟରେ ଏନ୍‌ଟିଏର ନିଷ୍ପତ୍ତି ଚୂଡ଼ାନ୍ତ ରହିବ।**

(vii) ନିମ୍ନଲିଖିତ ସାରଣୀ ଅନୁସାରେ ଆଞ୍ଚଳିକ ଭାଷାରେ ପ୍ରଶ୍ନପତ୍ର ମିଳିବ :

| **କ୍ରମାଙ୍କ** | **ପ୍ରଶ୍ନପତ୍ର ମାଧ୍ୟମ** | **ପରୀକ୍ଷା କେନ୍ଦ୍ର** |
|---|---|---|
| ୧. | ଇଂରାଜୀ | ସମସ୍ତ ପରୀକ୍ଷା କେନ୍ଦ୍ର |
| ୨. | ହିନ୍ଦୀ | ସମସ୍ତ ପରୀକ୍ଷା କେନ୍ଦ୍ର |
| ୩. | ଇଂରାଜୀ ଏବଂ ଅସମୀୟା | ଆସାମରେ ଥିବା ପରୀକ୍ଷା କେନ୍ଦ୍ର |
| ୪. | ଇଂରାଜୀ ଏବଂ ବଙ୍ଗଳା | ପଶ୍ଚିମ ବଙ୍ଗଳା ଏବଂ ତ୍ରିପୁରା ଥିବା ପରୀକ୍ଷା କେନ୍ଦ୍ର |
| ୫. | ଇଂରାଜୀ ଏବଂ ଗୁଜରାଟୀ | ଗୁଜରାଟ, ଡ଼ାମନ୍ ଏବଂ ଡିଉ, ଦାଦ୍ରା ଏବଂ ନଗର ହାବେଲୀରେ ଥିବା ପରୀକ୍ଷା କେନ୍ଦ୍ର |
| ୬. | ଇଂରାଜୀ ଏବଂ କନ୍ନଡ଼ା | କର୍ଣ୍ଣାଟକରେ ଥିବା ପରୀକ୍ଷା କେନ୍ଦ୍ର |
| ୭. | ଇଂରାଜୀ ଏବଂ ମରାଠୀ | ମହାରାଷ୍ଟ୍ରରେ ଥିବା ପରୀକ୍ଷା କେନ୍ଦ୍ର |
| ୮. | ଇଂରାଜୀ ଏବଂ ଓଡ଼ିଆ | ଓଡ଼ିଶାରେ ଥିବା ପରୀକ୍ଷା କେନ୍ଦ୍ର |
| ୯. | ଇଂରାଜୀ ଏବଂ ତାମିଲ | ତାମିଲନାଡୁରେ ଥିବା ପରୀକ୍ଷା କେନ୍ଦ୍ର |
| ୧୦. | ଇଂରାଜୀ ଏବଂ ତେଲୁଗୁ | ଆନ୍ଧ୍ରପ୍ରଦେଶ ଏବଂ ତେଲେଙ୍ଗାନାରେ ଥିବା ପରୀକ୍ଷା କେନ୍ଦ୍ର |
| ୧୧. | ଇଂରାଜୀ ଏବଂ ଉର୍ଦ୍ଦୁ | ସମସ୍ତ ପରୀକ୍ଷା କେନ୍ଦ୍ର |

(viii) ଅନ୍ୟାନ୍ୟ ଯୋଗ୍ୟତା ମାପଦଣ୍ଡ ସହ ଯେଉଁ ପ୍ରାର୍ଥୀମାନେ **NEET- (UG)-2020**ରେ ଯୋଗ୍ୟ ବିବେଚିତ ହେବେ, ଯେ କୌଣସି ଭାଷା ମାଧ୍ୟମ ହୋଇଥିଲେ ମଧ୍ୟ ସେମାନେ ସର୍ବଭାରତୀୟ ସିଟ୍ ତଥା ରାଜ୍ୟ ସରକାର / ଅନୁଷ୍ଠାନ ଗୁଡ଼ିକର ସିଟ୍‌ରେ ଆଡ୍‌ମିଶନ୍ ପାଇଁ ଯୋଗ୍ୟ ହୋଇଥାନ୍ତି।

**୩.୬ ପରୀକ୍ଷା ପାଇଁ ପାଠ୍ୟ ଖସଡ଼ା (Syllabus)**

ଭାରତୀୟ ଭେଷଜ ପରିଷଦ ଦ୍ୱାରା ଘୋଷିତ ସାଧାରଣ ପାଠ୍ୟ ଖସଡ଼ାରୁ ପରୀକ୍ଷା ପାଇଁ ପ୍ରଶ୍ନପତ୍ର ତିଆରି ହେବ । ଏହାମଧ **www.mciindia.org**ରେ ଉପଲବ୍ଧ ଅଛି। ଦୟାକରି ବିସ୍ତୃତ ବିବରଣୀ ପାଇଁ **ପରିଶିଷ୍ଟ-I** ଦେଖନ୍ତୁ ।

**୩.୭ ପରୀକ୍ଷା କେନ୍ଦ୍ର / ସହର ଯେଉଁଠାରେ NEET-(UG)-2020 ପରୀକ୍ଷା ହେବ**

i. **NEET-(UG)-2020** ଅନୁଷ୍ଠିତ ହେଉଥିବା ସହର କୋଡ ନମ୍ବର ସହ ସହରଗୁଡ଼ିକର ତାଲିକା **ପରିଶିଷ୍ଟ-II** ରେ ଦିଆଯାଇଛି।

ii. ପ୍ରାର୍ଥୀମାନେ ଦରଖାସ୍ତ ପୂରଣ ସମୟରେ ପରିଶିଷ୍ଟ-IIରେ ସନ୍ନିବେଶିତ ଥିବା ସହର ତଥା ସହର ନମ୍ବର ଗୁଡ଼ିକ ମଧ୍ୟରୁ ୪ଟି ସୁବିଧାଜନକ ସହର ବାଛିବେ ଏବଂ ପ୍ରାଥମିକତା ଅନୁସାରେ ଲେଖିବେ ।

iii. ପ୍ରାର୍ଥୀମାନଙ୍କ ସୁବିଧା ପାଇଁ, ସେମାନେ ନିଜ ସହର ନମ୍ବର କିମ୍ବା ପଡ଼ୋଶୀ ସହରକୁ ବାଛି ପାରିବେ ଯେଉଁଠାରେ କି ସେମାନେ ରହୁଛନ୍ତି ଏବଂ ଦୂରରେ ଥିବା ଅନ୍ୟ ରାଜ୍ୟ ସହରଗୁଡ଼ିକୁ ବାଛିବା ଉଚିତ ନୁହେଁ। ପ୍ରାର୍ଥୀଙ୍କ ଦ୍ୱାରା ଭୁଲ୍ ସହର କୋଡ ବାଛିବା ଯୋଗୁଁ ଅସୁବିଧା ହେଲେ NTA ଦାୟୀ ରହିବ ନାହିଁଉ।

iv. ଯଦି କୌଣସି କ୍ଷେତ୍ରରେ, ଗୋଟିଏ ସହରକୁ ଚୟନ କରିଥିବା ପ୍ରାର୍ଥୀ ସଂଖ୍ୟା ନିର୍ଦ୍ଦିଷ୍ଟ ସଂଖ୍ୟାଠାରୁ କମ୍ ହୁଏ, ତେବେ ସେହି ସହରରେ କୌଣସି କେନ୍ଦ୍ରକୁ ଆବଣ୍ଟନ ନକରିବାର ଅଧିକାର NTAର ଅଛି।

v. ଯଦି କୌଣସି ପ୍ରାର୍ଥୀଙ୍କର ମନୋନୀତ ଆଞ୍ଚଳିକ ଭାଷାରେ (ଇଂରାଜୀ ଓ ହିନ୍ଦୀ ବ୍ୟତୀତ) ସ୍ଥିରୀକୃତ ସର୍ବନିମ୍ନ ପ୍ରାର୍ଥୀ ନ ହୁଅନ୍ତି, ତେବେ ସୁବିଧାନୁଯାୟୀ ମନୋନୀତ ସହର ନ ହୋଇଥିଲେ ମଧ୍ୟ ପ୍ରାର୍ଥୀଙ୍କୁ ଅନ୍ୟ କେନ୍ଦ୍ର ଆବଣ୍ଟନ କରାଯିବ।

vi. ଯଦିଓ ପ୍ରାର୍ଥୀମାନଙ୍କ ଦ୍ୱାରା ଚୟନ କରାଯାଇଥିବା ସହରମାନଙ୍କ ମଧ୍ୟରୁ ଗୋଟିଏ କେନ୍ଦ୍ରକୁ ଆବଣ୍ଟନ ପାଇଁ ସମସ୍ତ ପ୍ରକାର ଚେଷ୍ଟା କରାଯାଇଥାଏ, ପ୍ରାର୍ଥୀଙ୍କ ଦ୍ୱାରା ଦିଆଯାଇନଥିବା କୌଣସି କେନ୍ଦ୍ରକୁ ଆବଣ୍ଟନ କରିବାର ଅଧିକାରକୁ NTA ସଂରକ୍ଷିତ ରଖିଥାଏ।

vii. ପରୀକ୍ଷା କେନ୍ଦ୍ର ଗୁଡ଼ିକ କମ୍ପ୍ୟୁଟର ଦ୍ୱାରା ସ୍ଥିରୀକୃତ ହୋଇଥାଏ ଏବଂ ସେଥିରେ କାହାରି ହସ୍ତକ୍ଷେପ କରିବାର ଅବକାଶ ନଥାଏ ।

**ନୋଟ୍ -** ଯେତେବେଳେ ପରୀକ୍ଷା କେନ୍ଦ୍ର ଆବଣ୍ଟନ ହୁଏ, ସେତେବେଳେ PwD ପ୍ରାର୍ଥୀଙ୍କ ସହ ସମସ୍ତ ପ୍ରାର୍ଥୀଙ୍କର ସୁବିଧା ସୁଯୋଗ ତଥା ଆରାମ ପାଇଁ NTA ସମସ୍ତ ଚେଷ୍ଟା କରିଥାଏ।

## ପରିଚ୍ଛଦ - ୪
## ଯୋଗ୍ୟତା ତଥା ଶିକ୍ଷାଗତ ଯୋଗ୍ୟତା
(Eligibility and Qualifications )

### ୪.୧ NEET - (UG) - 2020 ପ୍ରବେଶିକା ପରୀକ୍ଷା ପାଇଁ ଯୋଗ୍ୟତା

**NEET - (UG) - 2020** ପରୀକ୍ଷା ଦେବା ପାଇଁ ସଂପର୍କିତ ନିୟମଗୁଡ଼ିକ ଅନୁସାରେ ଯୋଗ୍ୟତା ଏହି ପ୍ରକାର ଅଟେ।

(i) ଆଡ଼ମିଶନ ସମୟରେ ପ୍ରାର୍ଥୀମାନେ ୧୭ ବର୍ଷ ପୂରଣ କରିଥିବେ ଅଥବା ସେମାନେ ଆଡ଼ମିଶନ ନେଉଥିବା ପ୍ରଥମ ବର୍ଷ **ସ୍ନାତକ ଡାକ୍ତରୀ ପାଠ୍ୟକ୍ରମ**ରେ ଆଡ଼ମିଶନ ନେଉଥିବା ବର୍ଷର ୩୧ ଡିସେମ୍ବର ସୁଦ୍ଧା ୧୭ ବର୍ଷ ପୂରଣ କରୁଥିବେ।

(ii) ଏସ୍‌ସି / ଏସ୍.ଟି / ଓବିସି-ଏନ୍‌ସିଏଲ୍ ବର୍ଗ ଏବଂ ପିଡବ୍ଲ୍ୟୁଡି ଅନ୍ତର୍ଗତ ପ୍ରାର୍ଥୀମାନଙ୍କ ପାଇଁ ୫ ବର୍ଷ କୋହଳ ଥାଇ **NEET-(UG)** ର ସର୍ବୋଚ୍ଚ ବୟସ ସୀମା ପରୀକ୍ଷା ଦିବସରେ ୨୫ ବର୍ଷ ଅଟେ।

**ଟିପ୍ପଣୀ-** ତାରିଖ ୧୧।୫।୨୦୧୮ରେ ଘୋଷିତ ଯାଚିକା ନମ୍ବର ୧୮୧୩/୨୦୧୮ ରାୟରେ ୨୨।୧।୨।୦୧୮ ତାରିଖରେ ସଂଶୋଧିତ ସ୍ନାତକ ଚିକିତ୍ସା ଶିକ୍ଷା ଅଧିନିୟମ-୧୯୯୭ ଅନୁସାରେ ନିର୍ଦ୍ଧାରିତ ସର୍ବୋଚ୍ଚ ବୟସ ସୀମା ୨୫ ବର୍ଷ ଓ ତତ୍‌ସଂପର୍କିତ ଅନ୍ୟାନ୍ୟ ବିଷୟକୁ ମାନ୍ୟବର ଦିଲ୍ଲୀ ଉଚ୍ଚ ନ୍ୟାୟାଳୟ ସମର୍ଥନ ବଜାୟ ରଖିଛନ୍ତି। ୧୧।୫।୨୦୧୮ ତାରିଖରେ ଉକ୍ତ ରାୟ ଏବଂ ତତ୍‌ସଂପର୍କିତ ଅନ୍ୟାନ୍ୟ ବିଷୟକୁ ଭାରତର ମାନନୀୟ ସର୍ବୋଚ୍ଚ ନ୍ୟାୟାଳୟରେ ସ୍ୱତନ୍ତ୍ର ଯାଚିକା SLP(C) ନମ୍ବର-୧୪୩୨୦/ ୨୦୧୮ ମାଧ୍ୟମରେ ଆହ୍ୱାନ କରାଯାଇଥିଲା, ଯେତେବେଳେ ୨୯।୧୧।୨୦୧୮ର ମଧ୍ୟବର୍ତ୍ତିକାଳୀନ ଆଦେଶ ବଳରେ ଉକ୍ତ ମାମଲାର ଚୂଡ଼ାନ୍ତ ଫଳାଫଳ ଆସିବା ପର୍ଯ୍ୟନ୍ତ ଯେଉଁ ପ୍ରାର୍ଥୀମାନେ ୨୫ ବର୍ଷ କିମ୍ବା ତଦୁର୍ଦ୍ଧ୍ୱ ସେମାନେ ସାମୟିକ ଭାବେ **NEET - (UG) - 2019** ପରୀକ୍ଷା ଦେବା ପାଇଁ ଅନୁମତିପ୍ରାପ୍ତ। ଏହାପରେ ସର୍ବୋଚ୍ଚ ନ୍ୟାୟାଳୟ ୨୯।୪।୨୦୧୯ ତାରିଖର ଆଦେଶରେ ଉକ୍ତ ମାମଲାର ଫଇସଲା ନହେବା ପର୍ଯ୍ୟନ୍ତ ପ୍ରାର୍ଥୀମାନଙ୍କୁ ସାମୟିକ ଭାବେ ପରାମର୍ଶ ସମୟରେ ଉପସ୍ଥିତ ହେବା ପାଇଁ ଅନୁମତି ଦେଇଛନ୍ତି। ଉପରୋକ୍ତ ମାମଲା ଭାରତର ମାନନୀୟ ସର୍ବୋଚ୍ଚ ନ୍ୟାୟାଳୟରେ ବିଚାରାଧିନ ଅଛି ଏବଂ **NEET - (UG) - 2020** ବିଷୟରେ ଅନୁଗୃହୀତ ହୋଇଥିବା ଯେ କୌଣସି ଆଦେଶକୁ ସମସ୍ତ କର୍ମକର୍ତ୍ତାଙ୍କୁ ପାଳନ କରିବାକୁ ହେବ।

ଏଣୁ ୨୫ ବର୍ଷରୁ ଊର୍ଦ୍ଧ୍ୱ ବୟସର ପ୍ରାର୍ଥୀମାନେ ସାମୟିକ ଭାବେ ଉପସ୍ଥିତ ହେବା ପାଇଁ ଅନୁମତି ଦିଆଯାଉଛି ଏବଂ ସେମାନଙ୍କର ପ୍ରାର୍ଥିତ୍ୱ ମାନନନୀୟ ସର୍ବୋଚ୍ଚ ନ୍ୟାୟାଳୟରେ ବିଚାରାଧିନ ଥିବା ଯାଚିକାର ପରିଣାମ ଉପରେ ନିର୍ଭର କରୁଛି।

**ସେହି ଅନୁଯାୟୀ ବୟସ ସୀମା ନିମ୍ନୋକ୍ତ ପ୍ରକାରରେ ପରିବର୍ତ୍ତିତ ହୋଇଅଛି।**

| | |
|---|---|
| **ସାଧାରଣ (ଅଣ ସଂରକ୍ଷିତ)/ସାଧାରଣ-ଅର୍ଥନୈତିକ ଦୁର୍ବଳ ଶ୍ରେଣୀ ପ୍ରାର୍ଥୀମାନଙ୍କ ପାଇଁ** | **୩୧।୧୨।୨୦୦୩ ଦିନ କିମ୍ବା ତା' ଆଗରୁ ଜନ୍ମ ହୋଇଥିବେ** |
| **ଏସ୍‌ସି/ଏସ୍‌ଟି/ଓବିସି-ଏନ୍‌ସିଏଲ୍/ପିଡବ୍ଲ୍ୟୁଡି ବର୍ଗର ପ୍ରାର୍ଥୀମାନଙ୍କ ପାଇଁ** | |

(iii) ବିଦେଶରେ ଥିବା କୌଣସି ଏକ ଭେଷଜ/ଦନ୍ତ ଚିକିତ୍ସା ଅନୁଷ୍ଠାନରେ ଡାକ୍ତରୀ ସ୍ନାତକ ପାଠ୍ୟକ୍ରମ ପଢ଼ିବାକୁ ଚାହୁଁଥିବା ଭାରତୀୟ ନାଗରିକ/ଦରିଆପାରି ଭାରତୀୟ ନାଗରିକଙ୍କୁ ମଧ୍ୟ ନିଟ୍ (ୟୁଜି)ରେ ଯୋଗ୍ୟତା ଲାଭ କରିବାକୁ ପଡ଼ିବ।

### ୪.୨ ଦିଲ୍ଲୀ ବିଶ୍ୱବିଦ୍ୟାଳୟ (DU), BHU ଏବଂ AMU/କେନ୍ଦ୍ରୀୟ ପୁଲ୍ କୋଟା, AIIMS ଏବଂ JIPMER ସହ ରାଜ୍ୟ ସରକାରଙ୍କ ଅଧୀନରେ ଥିବା ଆସନ/ଡିମ୍ଡ ବିଶ୍ୱବିଦ୍ୟାଳୟ/କେନ୍ଦ୍ରୀୟ ବିଶ୍ୱବିଦ୍ୟାଳୟ/ESIC ଗୁଡ଼ିକରେ ଥିବା ଆସନଗୁଡ଼ିକ ପାଇଁ ଯୋଗ୍ୟତା।

(i) ପରିସ୍ଥିତି ଅନୁସାରେ ସଂପୃକ୍ତ ରାଜ୍ୟ ସରକାର, ଅନୁଷ୍ଠାନ ଓ ଭାରତ ସରକାରଙ୍କ ଦ୍ୱାରା ପ୍ରଣିତ ନୀତି ଓ ନିୟମ ଅନୁଯାୟୀ ଭାରତୀୟ ନାଗରିକ, ବିଦେଶରେ ରହୁଥିବା ଭାରତୀୟ, ଦରିଆ ପାରି ଭାରତୀୟ ନାଗରିକ, ଭାରତର ମୂଳଅଧିବାସୀ ଏବଂ ବିଦେଶୀ ନାଗରିକମାନେ ଭେଷଜ/ଦନ୍ତ ଚିକିତ୍ସା/ଆୟୁର୍ବେଦ/ସିଦ୍ଧ/ୟୁନାନୀ/ହୋମିଓପାଥି ମହାବିଦ୍ୟାଳୟରେ ଆଡ୍‌ମିଶନ୍ ପାଇଁ ଯୋଗ୍ୟ ଅଟନ୍ତି।

(ii) ବିଦେଶୀ ନାଗରିକମାନେ ସେମାନଙ୍କର ଯୋଗ୍ୟତା ବିଷୟରେ ସଂପୃକ୍ତ ଡାକ୍ତରୀ/ଦନ୍ତ ଚିକିତ୍ସା/ଆୟୁର୍ବେଦ/ସିଦ୍ଧ/ୟୁନାନୀ/ହୋମିଓପାଥି କଲେଜ/ରାଜ୍ୟଗୁଡ଼ିକରୁ ନିଶ୍ଚିତ ହୋଇପାରନ୍ତି।

(iii) ଉପରେ ଦିଆଯାଇଥିବା କୌଣସି କଥା ସତ୍ତ୍ୱେ, NEET (UG) ଦେବା ପାଇଁ ଯୋଗ୍ୟତାର ମାନଦଣ୍ଡ ବି ପ୍ରାର୍ଥୀମାନଙ୍କ ପାଇଁ ପ୍ରଯୁଜ୍ୟ ହେବ ଯେଉଁମାନେ AIIMS ପରି INI ଗୁଡ଼ିକରେ ସ୍ନାତକ ଚିକିତ୍ସା ପାଠ୍ୟକ୍ରମ ପଢ଼ିବାକୁ ଚାହୁଁଛନ୍ତି।

**୪.୩ ୧୫ ପ୍ରତିଶତ ସର୍ବଭାରତୀୟ ସିଟ୍ ପାଇଁ ଯୋଗ୍ୟତା**

(a) ଭାରତୀୟ ନାଗରିକ/ବିଦେଶରେ ରହୁଥିବା ଭାରତୀୟ (NRIs)/ଦରିଆପାରି ଭାରତୀୟ ନାଗରିକ (OCIs)/ଭାରତର ମୂଳଅଧିବାସୀ (PIOs) ତଥା ବିଦେଶୀ ନାଗରିକମାନେ ୧୫ ପ୍ରତିଶତ ସର୍ବ ଭାରତୀୟ ନିଟ୍ ପାଇଁ ଉପଯୁକ୍ତ ।

(b) **କେନ୍ଦ୍ରଶାସିତ ଅଞ୍ଚଳ ଜାମ୍ମୁ କାଶ୍ମୀର ତଥା ଲଦାଖର ପ୍ରାର୍ଥୀ**

(i) କେନ୍ଦ୍ରଶାସିତ ଅଞ୍ଚଳ ଜାମ୍ମୁ-କାଶ୍ମୀର ତଥା ଲଦାଖର ପ୍ରାର୍ଥୀମାନେ ୧୫ ପ୍ରତିଶତ ସର୍ବଭାରତୀୟ କୋଟା ଆସନ ପାଇଁ ଯୋଗ୍ୟ ନୁହଁନ୍ତି ଯେହେତୁ କେନ୍ଦ୍ରଶାସିତ ଅଞ୍ଚଳ ଜମ୍ମୁ-କାଶ୍ମୀର ଓ ଲଦାଖ ପ୍ରାରମ୍ଭରୁ ସର୍ବଭାରତୀୟ ଯୋଜନାରୁ ଦୂରେଇ ରହିବାକୁ ବାଛିଛନ୍ତି। ଯଦି ସେମାନେ ଯୋଗ୍ୟତା ପାଇଁ ଦାବୀ କରନ୍ତି ତେବେ ସେମାନେ ଅନ୍‌ଲାଇନ୍‌ରେ ସ୍ୱ-ଘୋଷଣାନାମା ଦେବେ, ଯେଉଁଟି ଅନୁମୋଦିତ ପୃଷ୍ଠା ସହିତ ସୃଷ୍ଟି ହୋଇଯିବ ଏବଂ ତାହାକୁ ପରାମର୍ଶ ବୈଠକରେ ଦେବାକୁ ପଡ଼ିବ । ଏହି ସ୍ୱ-ଘୋଷଣାନାମା ଫର୍ମ ପରିଶିଷ୍ଟ-III ରେ ଦିଆଯାଇଛି ।

(ii) ସର୍ବଭାରତୀୟ କୋଟାରେ କେନ୍ଦ୍ରଶାସିତ ଅଞ୍ଚଳ ଜମ୍ମୁ ଓ କାଶ୍ମୀର ଏବଂ ଲଦାଖର ଅଂଶଗ୍ରହଣ ସମ୍ପର୍କରେ କୁହାଯାଇଛି ଯେ, ପୂର୍ବରୁ ଜମ୍ମୁ ଓ କାଶ୍ମୀର ରାଜ୍ୟ ଗଠନ ସମୟରୁ ସିଏ ସର୍ବଭାରତୀୟ କୋଟା ଯୋଜନାରୁ ବାହାରେ ରହିବାକୁ ଇଚ୍ଛା ପ୍ରକଟ କରିଥିଲା ଏବଂ ସେଥିପାଇଁ ଜମ୍ମୁ ଓ କାଶ୍ମୀର ଛାତ୍ରଛାତ୍ରୀମାନଙ୍କୁ ସର୍ବଭାରତୀୟ କୋଟା ଆସନଗୁଡ଼ିକରେ ଆଡ଼ମିଶନ ପାଇଁ ଭାଗନେବାକୁ ଅନୁମତି ଦିଆଯାଏ ନାହିଁ। ଏବେ, ଜମ୍ମୁ ଓ କାଶ୍ମୀରର ପୁନର୍ଗଠନ ଅଧିନିୟମ, ୨୦୧୯ ଲାଗୁ ହେଲା ପରେ ଏବଂ କେନ୍ଦ୍ରଶାସିତ ଅଞ୍ଚଳଗୁଡ଼ିକ ସୃଷ୍ଟି ହେଲା ପରେ କେନ୍ଦ୍ରଶାସିତ ଅଞ୍ଚଳ ଜମ୍ମୁ ଓ କାଶ୍ମୀର ସର୍ବଭାରତୀୟ କୋଟାରେ ଭାଗ ନେବା ପାଇଁ ଅନୁରୋଧ କରିଛ। କେନ୍ଦ୍ରଶାସିତ ଅଞ୍ଚଳ ପ୍ରଶାସନ ଏପର୍ଯ୍ୟନ୍ତ କୌଣସି ନିଷ୍ପତ୍ତି ନେଇନାହିଁ। ଅଥଚ, କେନ୍ଦ୍ରଶାସିତ ଅଞ୍ଚଳ ଲଦାଖରେ କୌଣସି ମେଡିକାଲ୍ କଲେଜ ନାହିଁ। ତେଣୁ, କେନ୍ଦ୍ରଶାସିତ ଅଞ୍ଚଳ ଜମ୍ମୁ ଓ କାଶ୍ମୀରର ଭାଗନେବାର ନିଷ୍ପତ୍ତି ସମୟ ଅନୁସାରେ ଜଣାଇ ଦିଆଯିବ।

(iii) ଏହି ସ୍ୱ-ଘୋଷଣାନାମା ଫର୍ମ ପରାମର୍ଶ ବୈଠକରେ ତଦାରଖ କରାଯିବ। ଯଦି ଏହି ଘୋଷଣାନାମା କୌଣସି ସମୟରେ ମିଥ୍ୟା ବୋଲି ପ୍ରମାଣିତ ହୁଏ ତେବେ ସେହିଭଳି ପ୍ରାର୍ଥୀଙ୍କର ପ୍ରାର୍ଥୀତ୍ୱ/ଆଡ଼ମିଶନ୍ ବାତିଲ ହୋଇଯିବ ଏବଂ ଏହିଭଳି ପ୍ରାର୍ଥୀଙ୍କ ବିରୁଦ୍ଧରେ ଅପରାଧିକ ମାମଲା ପ୍ରାରମ୍ଭ କରାଯିବ।

(iv) ଯଥାଯଥ ଯୋଗ୍ୟତା ମାନଦଣ୍ଡ ପୂରଣ କରୁଥିଲେ ଜମ୍ମୁ-କାଶ୍ମୀର ତଥା ଲଦାଖର ପ୍ରାର୍ଥୀମାନେ ଘରୋଇ ଭେଷଜ/ଦନ୍ତଚିକିତ୍ସା/ଆୟୁର୍ବେଦ/ସିଦ୍ଧ/ୟୁନାନୀ/ହୋମିଓପାଥି କଲେଜଗୁଡ଼ିକରେ କିମ୍ବା କୌଣସି ଘରୋଇ ଡିମ୍‌ଡ ବିଶ୍ୱବିଦ୍ୟାଳୟ ଏବଂ AFMC/AIIMS/JIPMERରେ ଆଡ଼ମିଶନ ପାଇଁ NEET-(UG) -2020 ପରୀକ୍ଷା ଦେଇପାରିବେ।

**୪.୪ ଯୋଗ୍ୟତା ତଥା ଯୋଗ୍ୟତା ପରୀକ୍ଷାର କୋର୍ଡ**

NEET - (UG) - 2020 ପାଇଁ ଯୋଗ୍ୟ ହେବାକୁ, ପ୍ରାର୍ଥୀମାନଙ୍କୁ ଯୋଗ୍ୟତା ପରୀକ୍ଷା ମାନଦଣ୍ଡ ପାଇଁ ନିମ୍ନଲିଖିତ ସାରଣୀକୁ ପ୍ରଦର୍ଶିତ କରିବାକୁ ପଡ଼ିବ ।

**କୋଡ୍ ନଂ-୧.** ଜଣେ ପ୍ରାର୍ଥୀ ଯେକି ଯୋଗ୍ୟତା ପରୀକ୍ଷା (୧୨ଶ ଶ୍ରେଣୀ) ୨୦୨୦ରେ ଦେଇଛନ୍ତି ଏବଂ ତାଙ୍କର ଫଳାଫଳ ବାହାରିବାକୁ ବାକି ଅଛି ସେ ପରୀକ୍ଷାରେ ପ୍ରବେଶ କରିପାରିବେ ମାତ୍ର ପରୀକ୍ଷାରେ ପାଶ୍ ନକଲେ ବା ସ୍ଥିରୀକୃତ ପାଶ୍ ହାର ନ ରଖିଲେ ପ୍ରଥମ ରାଉଣ୍ଡ ପରାମର୍ଶ ସମୟରେ ଡାକ୍ତରୀ ସ୍ନାତକ ପାଠ୍ୟକ୍ରମରେ ନାମ ଲେଖାଇବା ପାଇଁ ଯୋଗ୍ୟ ବିବେଚିତ ହେବେନାହିଁ।

ମୁଖ୍ୟ ବିଷୟ ଇଂରାଜୀ, ପଦାର୍ଥ ବିଜ୍ଞାନ, ରସାୟନ ବିଜ୍ଞାନ ଓ ଜୀବ ବିଜ୍ଞାନ ଥାଇ ଯୋଗ୍ୟତା ପରୀକ୍ଷା ଦେଇଥିବା ବା ଦେବାକୁ ଯାଉଥିବା ପ୍ରାର୍ଥୀ ଏବଂ ଆବଶ୍ୟକୀୟ ଶତକଡ଼ା ନମ୍ବର ରଖି ଉତ୍ତୀର୍ଣ୍ଣ ହେବାକୁ ଆଶା କରୁଥିବା ପ୍ରାର୍ଥୀ ମଧ୍ୟ ପ୍ରତିଯୋଗୀ ପ୍ରବେଶିକା

ପରୀକ୍ଷା ପାଇଁ ଆବେଦନ କରିବା ଏବଂ ପରୀକ୍ଷା ଦେବା ପାଇଁ ଯୋଗ୍ୟ। ତା ସତ୍ତ୍ୱେ ସେମାନଙ୍କର ପ୍ରାର୍ଥୀତ୍ୱକୁ ବିଚାରକୁ ନିଆଯିବ, କେବଳ ଯେତେବେଳେ ସେମାନେ ଆବଶ୍ୟକୀୟ ବିଷୟ ଏବଂ ପ୍ରତିଶତ ନମ୍ବର ସହ ଯୋଗ୍ୟତା ପରୀକ୍ଷା ଉତ୍ତୀର୍ଣ୍ଣ ହୋଇଥିବାର ପ୍ରମାଣପତ୍ର ପ୍ରଦାନ କରିବେ।

**ଅଥବା**

**କୋଡ଼୍ ନଂ-୨.** ଉଚ୍ଚ/ବରିଷ୍ଠ ମାଧ୍ୟମିକ ପରୀକ୍ଷା କିମ୍ବା ଭାରତୀୟ ସ୍କୁଲ ସାର୍ଟିଫିକେଟ୍ ପରୀକ୍ଷା ଯାହାକି ୧୦+୨ ଉଚ୍ଚ/ବରିଷ୍ଠ ମାଧ୍ୟମିକ ପରୀକ୍ଷା ସହ ତୁଳନୀୟ ଏବଂ ଏହି ୧୨ ବର୍ଷିଆ ପାଠ୍ୟକ୍ରମ ଭିତରୁ ଶେଷ ଦୁଇବର୍ଷ ପଦାର୍ଥ ବିଜ୍ଞାନ, ରସାୟନ ବିଜ୍ଞାନ, ଜୀବବିଜ୍ଞାନ/ ଜୈବ-ପ୍ରଯୁକ୍ତିବିଦ୍ୟା (ପ୍ରାକ୍ଟିକାଲ ପରୀକ୍ଷା ସହ ପଢ଼ିଛନ୍ତି) ଏବଂ ଗଣିତ ବା କୌଣସି ଇଲେକ୍ଟିଭ୍ ବିଷୟ ସହିତ ଇଂରାଜୀ ବିଷୟ ପଢ଼ିଛନ୍ତି ଏବଂ ଯେଉଁ ଇଂରାଜୀ ପାଠ୍ୟକ୍ରମ ଜାତୀୟ ଶିକ୍ଷା ଓ ଗବେଷଣା ପରିଷଦ ଦ୍ୱାରା ସ୍ୱୀକୃତ ଯାହାକି ୧୦+୨+୩ ପାଠ୍ୟକ୍ରମ ଖସଡ଼ା ପ୍ରସ୍ତୁତି ପରେ ଜାତୀୟ କକ୍ଷା କମିଟି ଦ୍ୱାରା ସୁପାରିଶ କରାଯାଇଥିଲା ।

ଯେଉଁ ପ୍ରାର୍ଥୀମାନେ ୧୦+୨ ମୁକ୍ତ ବିଦ୍ୟାଳୟ ତଥା ଘରୋଇ ପ୍ରାର୍ଥୀ ଭାବେ ପାଶ୍ କରିଛନ୍ତି ସେମାନେ ଜାତୀୟ ଯୋଗ୍ୟତା ତଥା ପ୍ରବେଶ ପରୀକ୍ଷା ଦେଇପାରିବେ ନାହିଁ। ଆଉ ମଧ୍ୟ, ଯେଉଁମାନେ ଜୀବବିଜ୍ଞାନ/ଜୈବ ପ୍ରଯୁକ୍ତି ବିଦ୍ୟା ଏକ ଅତିରିକ୍ତ ବିଷୟ ସହିତ ୧୦+୨ ଶ୍ରେଣୀ ପଢ଼ିଛନ୍ତି ସେମାନଙ୍କୁ ମଧ୍ୟ ଅନୁମତି ମିଳିବ ନାହିଁ।*

*ଯେଉଁ ପ୍ରାର୍ଥୀମାନେ ୧୦+୨ ସ୍ତରକୁ ଜୀବ ବିଜ୍ଞାନ ଏକ ଅତିରିକ୍ତ ବିଷୟ ରୂପେ ରଖି ଉତ୍ତୀର୍ଣ୍ଣ ହୋଇଛନ୍ତି, ସେମାନେ ମଧ୍ୟ ଏମ୍‌ବିବିଏସ୍ ପ୍ରବେଶିକା ପରୀକ୍ଷା ଦେବା ପାଇଁ ଯୋଗ୍ୟ (ମାନନୀୟ ସର୍ବୋଚ୍ଚ ନ୍ୟାୟାଳୟଙ୍କ ଆଜ୍ଞାଦେଶ ଯାଚିକା (C) ନଂ 6773/ 2019 ଉପରେ ହୋଇଥିବା ଆଦେଶ ନମ୍ବର -2341/-W/DHC/WRIT/D-1/2019 ଅନୁଯାୟୀ।)

ଯଦି ଭାରତୀୟ କିମ୍ବା ବିଦେଶୀ ବିଶ୍ୱବିଦ୍ୟାଳୟର ପରୀକ୍ଷାକୁ ଅନୁଷ୍ଠାନଟିକୁ ୧୦+୨ ପାଠ୍ୟସୂଚୀ / ଇଣ୍ଟରମିଡିଏଟ୍ ସାଇନ୍ସ ଅଧୀନରେ ଆସୁଥିବା ଦ୍ୱାଦଶ ଶ୍ରେଣୀର ପରୀକ୍ଷା ସହିତ ସମତୁଲ ବୋଲି ବିଚାର କରିବାକୁ ପଡୁଛି, ତେବେ ପ୍ରାର୍ଥୀମାନଙ୍କୁ ସଂପୃକ୍ତ ଭାରତୀୟ ବିଶ୍ୱବିଦ୍ୟାଳୟ/ଭାରତୀୟ ବିଶ୍ୱବିଦ୍ୟାଳୟ ସଂଗଠନରେ ଏକ ପ୍ରମାଣପତ୍ର ଦେବାକୁ ହେବ କି ଯେ ସେ ଉତ୍ତୀର୍ଣ୍ଣ ହୋଇଥିବା ପରୀକ୍ଷା ୧୦+୨ ପାଠ୍ୟସୂଚୀ/ଇଣ୍ଟର୍‌ମିଡିଏଟ୍ ସାଇନ୍ସ ଅଧୀନରେ ଆସୁଥିବା ଦ୍ୱାଦଶ ଶ୍ରେଣୀର ସମତୁଲ ଅଟେ।

(**ନୋଟ୍ -** ଏହି ପାଠ୍ୟକ୍ରମ / ପରୀକ୍ଷା ପଦ୍ଧତିରେ ଇଟାଲିକ୍ ଅକ୍ଷର ଗୁଡ଼ିକର ବ୍ୟବହାର ଅବସ୍ଥାକୁ ମାନ୍ୟବାର ଦିଲ୍ଲୀ ଉଚ୍ଚ ନ୍ୟାୟାଳୟ, ମାନ୍ୟବର ଆହ୍ଲାବାଦ ଉଚ୍ଚ ନ୍ୟାୟାଳୟ, ଲକ୍ଷ୍ନୌ ଏବଂ ମାନ୍ୟବର ଉଚ୍ଚ ନ୍ୟାୟାଳୟ ମଧ୍ୟପ୍ରଦେଶ, ଜବଲପୁରଙ୍କ ଇଜ୍‌ଲାସରେ ବିରୋଧ କରି ଅପିଲ କରାଯାଇଥିଲା । ଏହି ବ୍ୟବସ୍ଥାରେ ଥିବା ମୁକ୍ତ ବିଦ୍ୟାଳୟରେ ପାଶ୍ କରିଥିବା ପ୍ରାର୍ଥୀ ତଥା ଅତିରିକ୍ତ ବିଷୟ ଭାବେ ପଢ଼ିଥିବା ଜୀବବିଜ୍ଞାନ / ଜୈବ ପ୍ରଯୁକ୍ତି ବିଦ୍ୟା ପ୍ରତିବଦ୍ଧତାକୁ ମାନ୍ୟବର କୋର୍ଟ ମାନେ ଉଠାଇ ନେଇଥିଲେ - ଏହାପରେ ଭାରତୀୟ ଭେଷଜ ପରିଷଦ ମାନ୍ୟବର ସୁପ୍ରିମ୍‌କୋର୍ଟଙ୍କ ଇଜ୍‌ଲାସରେ ଏମ୍.ଏଲ.ପି ଏବଂ ଅନ୍ୟ ସମସ୍ତ ନ୍ୟାୟାଳୟରେ ଅପିଲ କଲେ । ଭାରତୀୟ ଚିକିତ୍ସା ପରିଷଦ ଦ୍ୱାରା ଅପିଲ କରାଯାଇଥିବା ବିଶେଷ ଅବକାଶ ଯାଚିକା/ଆବେଦନଗୁଡ଼ିକର ଫଳାଫଳ ଉପରେ ଯୋଗ୍ୟତା ପରୀକ୍ଷା (ଯଥା- ୧୦+୨)ଟିକୁ ଜାତୀୟ ମୁକ୍ତ ବିଦ୍ୟାଳୟ ଶିକ୍ଷା ସଂସ୍ଥାନ କିମ୍ବା ରାଜ୍ୟ ମୁକ୍ତ ବିଦ୍ୟାଳୟଗୁଡ଼ିକରୁ କିମ୍ବା ଘରୋଇ ପ୍ରାର୍ଥୀ ଭାବରେ ମାନ୍ୟତା ପ୍ରାପ୍ତ ରାଜ୍ୟ ବୋର୍ଡରୁ ବା ଜୀବବିଜ୍ଞାନ/ଜୈବ-ପ୍ରଯୁକ୍ତି ବିଦ୍ୟା ଏକ ଅତିରିକ୍ତ ବିଷୟ ଥାଇ ପାସ୍ କରିଥିବା ପ୍ରାର୍ଥୀଙ୍କର NEET - (UG) - 2020 ପରୀକ୍ଷା ପାଇଁ ପ୍ରାର୍ଥୀତ୍ୱର ଅନୁମୋଦନ ନିର୍ଭର କରୁଛି।

**ଅଥବା**

**କୋଡ଼୍ ନଂ.୩ -** ପଦାର୍ଥ ବିଜ୍ଞାନ, ରସାୟନ ବିଜ୍ଞାନ, ଜୀବବିଜ୍ଞାନ/ଜୈବ ପ୍ରଯୁକ୍ତି ବିଦ୍ୟା (ଏହିସବୁ ବିଷୟରେ ପ୍ରାକ୍ଟିକାଲ ପରୀକ୍ଷା ଥାଇ) ଏବଂ ଇଂରାଜୀ ଏକ ବାଧ୍ୟତାମୂଳକ ବିଷୟ ରହି କୌଣସି ଭାରତୀୟ ବିଶ୍ୱବିଦ୍ୟାଳୟ/ବୋର୍ଡ କିମ୍ବା ଅନ୍ୟାନ୍ୟ ସ୍ୱୀକୃତିପ୍ରାପ୍ତ ପରୀକ୍ଷଣ ସଂସ୍ଥାରୁ ବିଜ୍ଞାନରେ ଇଣ୍ଟରମିଡିଏଟ୍/ପ୍ରି-ଡିଗ୍ରୀ ପରୀକ୍ଷା।

**ଅଥବା**

**କୋଡ଼୍-ନଂ.୪ -** ଉଚ୍ଚ ମାଧ୍ୟମିକ ପରୀକ୍ଷା ଅଥବା ପ୍ରାକ୍‌ବିଶ୍ୱବିଦ୍ୟାଳୟ ଅଥବା ଏକ ସମସ୍ତରୀୟ ପରୀକ୍ଷା ପାସ୍ କଲାପରେ ପଦାର୍ଥ ବିଜ୍ଞାନ, ରସାୟନ ବିଜ୍ଞାନ, ଜୀବ ବିଜ୍ଞାନ/ଜୈବ-ପ୍ରଯୁକ୍ତି ବିଦ୍ୟା ଏବଂ ଇଂରାଜୀ ବିଷୟ ଥାଇ ପ୍ରାକ୍ ବୈଷୟିକା/ପ୍ରାକ୍ ମେଡ଼ିକାଲ୍ ପରୀକ୍ଷା। ପ୍ରାକ୍ ବୈଷୟିକା/ପ୍ରାକ୍‌ମେଡିକାଲ୍ ପରୀକ୍ଷାରେ ପ୍ରାକ୍ଟିକାଲ ବିଷୟ ସନ୍ନିବେଶ ଥିବା ସହ ଇଂରାଜୀ ଏକ ବାଧ୍ୟତାମୂଳକ ବିଷୟ ହୋଇଥିବା।

**ଅଥବା**

**କୋଡ଼୍-ନଂ.୫ -** ଯେଉଁ ପ୍ରାର୍ଥୀ କୌଣସି ଏକ ସ୍ୱୀକୃତିପ୍ରାପ୍ତ ବିଶ୍ୱବିଦ୍ୟାଳୟରୁ ତିନିବର୍ଷିଆ ଡ଼ିଗ୍ରୀ ପାଠ୍ୟକ୍ରମରେ ପ୍ରଥମ ବର୍ଷ ବିଶ୍ୱବିଦ୍ୟାଳୟ ପରୀକ୍ଷା ପଦାର୍ଥ ବିଜ୍ଞାନ, ରସାୟନ ବିଜ୍ଞାନ, ଜୀବବିଜ୍ଞାନ / ଜୈବ ପ୍ରଯୁକ୍ତି ବିଦ୍ୟା ପ୍ରାକ୍ଟିକାଲ ସହ ଦେଇଛନ୍ତି ଏବଂ ପାସ୍ କରିଥିବା ପୂର୍ବ

ଯୋଗ୍ୟତା ପରୀକ୍ଷାଟିକୁ ପଦାର୍ଥ ବିଜ୍ଞାନ, ରସାୟନ ବିଜ୍ଞାନ, ଜୀବ ବିଜ୍ଞାନ/ଜୈବ-ପ୍ରଯୁକ୍ତି ବିଦ୍ୟା ସହ  କୋର୍ ପାଠ୍ୟକ୍ରମରୁ ନ୍ୟୁନ ହୋଇନଥିବା ଇଂରାଜୀ ବିଷୟ ଥାଇ ପାସ୍ କରିଛନ୍ତି।

**ଅଥବା**

**କୋଡ୍-ନଂ.୬** - ପଦାର୍ଥ ବିଜ୍ଞାନ, ରସାୟନ ବିଜ୍ଞାନ, ଜୀବବିଜ୍ଞାନ (ଉଦ୍ଭିଦ ତଥା ପ୍ରାଣୀବିଜ୍ଞାନ)/ଜୈବ ପ୍ରଯୁକ୍ତି ବିଦ୍ୟା ମଧ୍ୟରୁ ଅତିକମ୍‌ରେ ଦୁଇଟି ବିଷୟ ଥାଇ କୌଣସି ଭାରତୀୟ ବିଶ୍ୱବିଦ୍ୟାଳୟରୁ ବି.ଏସ୍‌ସି. ପରୀକ୍ଷା ପାସ୍ କରିଛନ୍ତି ଏବଂ ଆହୁରି ମଧ୍ୟ ସେ ପୂର୍ବ ଯୋଗ୍ୟତା ପରୀକ୍ଷାଟିକୁ ପଦାର୍ଥ ବିଜ୍ଞାନ, ରସାୟନ ବିଜ୍ଞାନ, ଜୀବବିଜ୍ଞାନ ଏବଂ ଇଂରାଜୀ ବିଷୟ ଥାଇ ପାସ୍ କରିଛନ୍ତି।

**ଅଥବା**

**କୋଡ୍-ନଂ.୭** - କୌଣସି ଏକ ଭାରତୀୟ ବିଶ୍ୱବିଦ୍ୟାଳୟ/ସମାନ ସୁବିଧା ଓ ମାନକ ଥିବା ବୋର୍ଡରୁ ଇଣ୍ଟରମିଡିଏଟ୍ ବିଜ୍ଞାନ ପରୀକ୍ଷା ସମତୁଲ (୧୦+୨ ପାଠ୍ୟକ୍ରମର ଶେଷ ଦୁଇବର୍ଷ ପ୍ରାକ୍ଟିକାଲ୍ ପରୀକ୍ଷା ବିଷୟ ଥାଇ ପଦାର୍ଥ ବିଜ୍ଞାନ, ରସାୟନ ବିଜ୍ଞାନ ଏବଂ ଜୀବବିଜ୍ଞାନ/ଜୈବ-ପ୍ରଯୁକ୍ତି ବିଦ୍ୟା ବିଷୟ ସହ)  କୌଣସି ପରୀକ୍ଷା ପ୍ରାକ୍ଟିକାଲ୍ ସହ ପଦାର୍ଥ ବିଜ୍ଞାନ, ରସାୟନ ବିଜ୍ଞାନ ଏବଂ ଜୀବବିଜ୍ଞାନ/ଜୈବ-ପ୍ରଯୁକ୍ତି ବିଦ୍ୟା ଏବଂ ଇଂରାଜୀ ବିଷୟ ସହ ଦେଇଥିବେ।

- ୨୦୧୮ରେ ସଂଶୋଧିତ ସ୍ନାତକ ଡାକ୍ତରୀ ଶିକ୍ଷା ଅଧିନିୟମ ୧୯୯୭ରେ ଥିବା ଅଧିନିୟମ-୪ର ଧାରା-୨, ୨୦୧୮ରେ ସଂଶୋଧିତ ଭାରତୀୟ ଭେଷଜ କେନ୍ଦ୍ରୀୟ ପରିଷଦ (ଭାରତୀୟ ଭେଷଜ ଶାସ୍ତ୍ରର ସର୍ବନିମ୍ନ ମାନଦଣ୍ଡ ସମୂହ) ଅଧିନିୟମ ୧୯୮୬ର ଅନୁସୂଚୀ-୧, ଅନୁସୂଚୀ-୨ ଏବଂ ଅନୁସୂଚୀ-୩ ଓ ୨୦୧୮ରେ ସଂଶୋଧିତ ହୋମିଓପ୍ୟାଥି (ସ୍ନାତକ ପାଠ୍ୟକ୍ରମ) ଅଧିନିୟମ-୧୯୮୩ର ଅଧିନିୟମ-୪ର ଉପଅଧିନିୟମ-(i)ରେ ଉଲ୍ଲେଖ ଅନୁଯାୟୀ, ଜଣେ ପ୍ରାର୍ଥୀଙ୍କୁ **NEET - (UG) - 2020** ପରୀକ୍ଷା ପାଇଁ ଯୋଗ୍ୟ ବିବେଚିତ ହେବା ପାଇଁ ନିଶ୍ଚିନ୍ତ ଭାବେ ପ୍ରତ୍ୟେକ ବିଷୟରେ ଯଥା- ପଦାର୍ଥ ବିଜ୍ଞାନ, ରସାୟନ ବିଜ୍ଞାନ, ଜୀବ ବିଜ୍ଞାନ/ଜୈବ ପ୍ରଯୁକ୍ତି ବିଦ୍ୟା ଓ ଇଂରାଜୀରେ ଉତ୍ତୀର୍ଣ୍ଣ ହେବା ଆବଶ୍ୟକ ଓ ସାମଗ୍ରିକ ଭାବେ ପଦାର୍ଥ ବିଜ୍ଞାନ, ରସାୟନ ବିଜ୍ଞାନ, ଜୀବ ବିଜ୍ଞାନ/ଜୈବ ପ୍ରଯୁକ୍ତି ବିଦ୍ୟାରେ ସର୍ବନିମ୍ନ ୫୦% ନମ୍ବର ରଖିବାକୁ ହେବ। ତତ୍‌ସହିତ, ସେମାନଙ୍କୁ **ଡାକ୍ତରୀ ସ୍ନାତକ ପାଠ୍ୟକ୍ରମ**ଗୁଡ଼ିକ ପ୍ରବେଶ ପାଇଁ ହେଉଥିବା **NEET - (UG) - 2020**ର ମେଧା ତାଲିକାରେ ସ୍ଥାନ ପାଇବାକୁ ହେବ।
- ଅନୁସୂଚିତ ଜାତି, ଅନୁସୂଚିତ ଉପଜାତି ବା ଅନ୍ୟ ପଛୁଆବର୍ଗର ପ୍ରାର୍ଥୀମାନଙ୍କ ସ୍ଥଳେ ଯୋଗ୍ୟତା ପରୀକ୍ଷାରେ ସାମଗ୍ରିକ ଭାବେ ପଦାର୍ଥ ବିଜ୍ଞାନ, ରସାୟନ ବିଜ୍ଞାନ ଏବଂ ଜୀବ ବିଜ୍ଞାନ/ଜୈବ ପ୍ରଯୁକ୍ତି ବିଦ୍ୟାରେ ଅଣସଂରକ୍ଷିତ ଓ ସାଧାରଣ- EWS ପ୍ରାର୍ଥୀମାନଙ୍କ ପାଇଁ ଆବଶ୍ୟକ ନ୍ୟୁନତମ ନମ୍ବର ୫୦% ବଦଳରେ ୪୦% ହେବ। NMC, CCIM ଏବଂ BoG-CCHର ମାର୍ଗଦର୍ଶିକା ଅନୁସାରେ PwD ପ୍ରାର୍ଥୀମାନଙ୍କ ପାଇଁ ଯୋଗ୍ୟତା ପରୀକ୍ଷାରେ ସାମଗ୍ରିକ ଭାବେ ପଦାର୍ଥ ବିଜ୍ଞାନ, ରସାୟନ ବିଜ୍ଞାନ ଏବଂ ଜୈବ ବିଜ୍ଞାନ (ବା ଉଦ୍ଭିଦ ବିଜ୍ଞାନ ଏବଂ ପ୍ରାଣୀ ବିଜ୍ଞାନ)/ ଜୈବ ପ୍ରଯୁକ୍ତି ବିଦ୍ୟାରେ ନ୍ୟୁନତମ ନମ୍ବର ୫୦% ବଦଳରେ ୪୫% ହେବ।
- ଅଧିକନ୍ତୁ ବିଦେଶରେ ଶିକ୍ଷାଲାଭ କରି ଭାରତରେ ମେଡିକାଲ୍ କଲେଜଗୁଡ଼ିକରେ ଆଡ଼ମିଶନ ଆଶାୟୀ ଛାତ୍ର ଦ୍ୱାଦଶ ଶ୍ରେଣୀ ଏବଂ ଏହାର ସମକକ୍ଷ ଯାହା ଭାରତୀୟ ଡାକ୍ତରୀ ପରିଷଦ ଦ୍ୱାରା ସ୍ୱୀକୃତ ଏବଂ ସମ୍ବନ୍ଧିତ ବିଶ୍ୱବିଦ୍ୟାଳୟର ଅଧିନିୟମ ଅନୁସାରେ ଆସୋସିଏସନ୍ ଅଫ୍ ଇଣ୍ଡିଆନ୍ ୟୁନିଭରସିଟିଜ୍ ଦ୍ୱାରା ନିର୍ଦ୍ଧାରିତ ସମତୁଲ ପରୀକ୍ଷାରେ ୫୦% ସହ ପଦାର୍ଥ ବିଜ୍ଞାନ, ରସାୟନ ବିଜ୍ଞାନ, ଜୀବ ବିଜ୍ଞାନ/ଜୈବ ପ୍ରଯୁକ୍ତି ବିଦ୍ୟା ଓ ଇଂରାଜୀ ବିଷୟରେ ଉତ୍ତୀର୍ଣ୍ଣ ହେବା ବିଧେୟ।
- MBBS ଆଡ଼ମିଶନ ପାଇଁ ଯୋଗ୍ୟ ହେବା ପାଇଁ ନ୍ୟୁନତମ ଯୋଗ୍ୟତା ନମ୍ବରର ମାନଦଣ୍ଡ ମଧ୍ୟ ସଂପୃକ୍ତ INI ଗୁଡ଼ିକ ପାଇଁ ଲାଗୁ ହେବ।

  **ନୋଟ୍:** ଅନ୍ୟସବୁ କ୍ଷେତ୍ରରେ, ଯେଉଁ ରାଜ୍ୟ/ଅନୁଷ୍ଠାନଗୁଡ଼ିକରେ ଉପରେ ଦିଆଯାଇଥିବା ଯୋଗ୍ୟତା ବ୍ୟତୀତ ଅନ୍ୟ ଯୋଗ୍ୟତା କଟ୍ ଅଫ୍ ଅଛି, ସେମାନେ ନିଜର ମାନଦଣ୍ଡ ଅନୁସରଣ କରିପାରନ୍ତି।
- ଯଦି କୌଣସି ପ୍ରାର୍ଥୀ ଉପରୋକ୍ତ କୋଡ଼ ନମ୍ବର ୦୧-୦୭ ମଧ୍ୟରେ ଆସୁ ନଥିବେ ତେବେ ତାଙ୍କର ଯୋଗ୍ୟତା ପ୍ରମାଣ କରିବାକୁ ସମସ୍ତ ବିବରଣୀ ଦେବେ ।

ନୋଟ୍ -

- ପ୍ରାକ୍ ମେଡ଼ିକାଲ ପାଠ୍ୟକ୍ରମ ଏକ ଭେଷଜ ମହାବିଦ୍ୟାଳୟରେ କିମ୍ବା ଏକ ବିଜ୍ଞାନ ମହାବିଦ୍ୟାଳୟରେ ଆୟୋଜିତ ହୋଇପାରେ ।
- ଡାକ୍ତରୀ ସ୍ନାତକ ପାଠକ୍ରମରେ ଆଡ଼ମିଶନ ପାଇଁ ଯୋଗ୍ୟତା ଚୟନ ବେଳେ ଗଣିତରେ ରଖିଥିବା ନମ୍ବରକୁ ବିଚାରକୁ ନିଆଯିବ ନାହିଁ।
- ଯେଉଁ ପ୍ରାର୍ଥୀମାନେ ବିଦେଶ/ଅନ୍ତରାଷ୍ଟ୍ରୀୟ ବୋର୍ଡ଼ରୁ ସମାନ ସୁବିଧା ଓ ମାନକ ଥିବା ପରୀକ୍ଷାରେ ପାଶ୍ କରିଛନ୍ତି, ସେମାନଙ୍କୁ ନିଶ୍ଚିନ୍ତ ହେବାକୁ ପଡ଼ିବ ଯେ ସେମାନେ କୋଡ଼-୭ ରେ ବର୍ଣ୍ଣିତ ନିୟମାନୁସାରେ ଆସୁଛନ୍ତି।

# ପରିଚ୍ଛଦ -୫

## ଆଡ଼ମିଶନ୍ ତଥା ସଂରକ୍ଷଣ

## Admission & Reservation

**୫.୧ ଆଡ଼ମିଶନ୍ ପଦ୍ଧତି -**

**NEET-(UG)-2020**ର ସର୍ବଭାରତୀୟ ର୍‍ୟାଙ୍କ ଅନୁଯାୟୀ ଯୋଗ୍ୟତା ଲାଭ କରିଥିବା ପ୍ରାର୍ଥୀମାନଙ୍କର ଗୋଟିଏ ସର୍ବଭାରତୀୟ ଉତ୍କର୍ଷ ତାଲିକା ପ୍ରସ୍ତୁତ ହେବ ଏବଂ ଏହି ତାଲିକାରୁ ପ୍ରାର୍ଥୀମାନେ ପ୍ରଚଳିତ ସଂରକ୍ଷଣ ନିୟମ ଅନୁଯାୟୀ **ସ୍ନାତକ ଚିକିତ୍ସା ପାଠ୍ୟକ୍ରମ**ରେ ନାମ ଲେଖାଇବେ । **NTA** କେବଳ ପ୍ରାର୍ଥୀମାନଙ୍କୁ ସର୍ବଭାରତୀୟ ର୍‍ୟାଙ୍କ ଯୋଗାଇବ, ଯେଉଁ ସମୟରେ ଆଡ଼ମିଶନ କରୁଥିବା ଅଧିକାରୀ କାଉନ୍‌ସେଲିଙ୍ଗ୍ ପାଇଁ ଦରଖାସ୍ତ ଆମନ୍ତ୍ରଣ କରିବେ ଏବଂ ଉତ୍କର୍ଷ ତାଲିକାଟି ସର୍ବଭାରତୀୟ ର୍‍ୟାଙ୍କ ଅନୁଯାୟୀ ଆଡ଼ମିଟିଙ୍ଗ୍ ଅଧିକାରୀଙ୍କ ଦ୍ୱାରା ପ୍ରସ୍ତୁତ ହେବ । ସମ୍ବନ୍ଧିତ ବର୍ଗଗୁଡ଼ିକରେ **ସ୍ନାତକ ଚିକିତ୍ସା ପାଠ୍ୟକ୍ରମ**ରେ ଆଡ଼ମିଶନ କେବଳ **NEET-(UG)-2020**ର ଉତ୍କର୍ଷ ତାଲିକା ଅନୁସାରେ ସର୍ବଭାରତୀୟ ର୍‍ୟାଙ୍କ ଅନୁଯାୟୀ ହେବ ।

୧୫% ସର୍ବଭାରତୀୟ କୋଟାରେ ଆଡ଼ମିଶନ, MCI/AMC/DCIର ବୈଧାନିକ ଅଧିନିୟମ, ମାନନୀୟ ଉଚ୍ଚତମ ନ୍ୟାୟାଳୟଙ୍କ ରାୟ ଏବଂ DGHS ଅଧିନରେ ଥିବା MCC ଦ୍ୱାରା ନିର୍ଦ୍ଧାରିତ ପ୍ରକ୍ରିୟାର ପ୍ରାବଧାନଗୁଡ଼ିକ ଅନୁସାରେ ହେବ । ସେହିଭଳି, ୮୫% ରାଜ୍ୟ କୋଟାରେ ଆଡ଼ମିଶନ ମଧ୍ୟ MCI/AMC/DCIର ବୈଧାନିକ ଅଧିନିୟମ, ମାନନୀୟ ଉଚ୍ଚତମ ନ୍ୟାୟାଳୟଙ୍କ ରାୟ ଏବଂ ରାଜ୍ୟ/କେନ୍ଦ୍ର ସରକାର କିମ୍ବା ଏହାର ମନୋନିତ ଅଧିକାରୀ ଦ୍ୱାରା ନିର୍ଦ୍ଧାରିତ ପ୍ରକ୍ରିୟାର ପ୍ରାବଧାନଗୁଡ଼ିକ ଅନୁସାରେ ହେବ ।

(a) **ସର୍ବଭାରତୀୟ ୧୫% କୋଟା ବ୍ୟତୀତ ଅନ୍ୟ ଆସନଗୁଡ଼ିକ ପାଇଁ ରାଜ୍ୟ ଡାକ୍ତରୀ ମହାବିଦ୍ୟାଳୟ/ବିଶ୍ୱବିଦ୍ୟାଳୟ/ଅନୁଷ୍ଠାନ/ଘରୋଇ ଡାକ୍ତରୀ ମହାବିଦ୍ୟାଳୟଗୁଡ଼ିକରେ ଆଡ଼ମିଶନ**

(i) ରାଜ୍ୟ କୋଟା ଅଧୀନରେ ଥିବା ଆସନଗୁଡ଼ିକରେ ଆଡ଼ମିଶନ ସମ୍ବନ୍ଧିତ ରାଜ୍ୟ/କେନ୍ଦ୍ରଶାସିତ ଅଞ୍ଚଳ ଦ୍ୱାରା ବିଭିନ୍ନ ସମୟରେ ଜାରି ଅଧିସୂଚନା ଅନୁସାରେ ସେହି ରାଜ୍ୟ/ କେନ୍ଦ୍ରଶାସିତ ଅଞ୍ଚଳରେ ପ୍ରଚଳିତ ନୀତି ଏବଂ ଯୋଗ୍ୟତା ମାନଦଣ୍ଡ ଅନୁଯାୟୀ ହେବ ।

(ii) ମେଡିକାଲ୍ କଲେଜରେ ସମ୍ବନ୍ଧିତ ବର୍ଗରେ ଆସନଗୁଡ଼ିକର ଆରକ୍ଷଣ ସଂପୃକ୍ତ ରାଜ୍ୟ/କେନ୍ଦ୍ରଶାସିତ ଅଞ୍ଚଳରେ ପ୍ରୟୋଗ କରାଯାଉଥିବା ପ୍ରଚଳିତ ନିୟମ ଅନୁଯାୟୀ ହେବ ।

(iii) ଘରୋଇ ମେଡିକାଲ୍ କଲେଜଗୁଡ଼ିକରେ **ସ୍ନାତକ ଚିକିତ୍ସା ପାଠ୍ୟକ୍ରମ**ରେ ଆଡ଼ମିଶନ ଭାରତ ସରକାର/ରାଜ୍ୟ ସରକାର/କେନ୍ଦ୍ରଶାସିତ ଅଞ୍ଚଳରେ ପ୍ରଚଳିତ ନିୟମ ଅନୁସାରେ ହେବ ।

(b) **BHU/AMU ସହ AIIMS/JIPMER/ଡିମ୍‌ଡ୍ ବିଶ୍ୱବିଦ୍ୟାଳୟ/କେନ୍ଦ୍ରୀୟ ବିଶ୍ୱବିଦ୍ୟାଳୟ/ESIC ଏବଂ AFMCର ଆସନଗୁଡ଼ିକ ପାଇଁ ଆଡ଼ମିଶନ**

(i) ଦିଲ୍ଲୀ ବିଶ୍ୱବିଦ୍ୟାଳୟ, **BHU, AMU ସହ AIIMS/JIPMER/ ଡିମ୍‌ଡ୍ ବିଶ୍ୱବିଦ୍ୟାଳୟ/କେନ୍ଦ୍ରୀୟ ବିଶ୍ୱବିଦ୍ୟାଳୟ/ ESIC** ଗୁଡ଼ିକରେ ଆଡ଼ମିଶନ ସବୁ **DGHS/MoA/AACCC** ଦ୍ୱାରା ପରିଚାଳନା କରାଯିବ ଏବଂ ସଂପୃକ୍ତ ବିଶ୍ୱବିଦ୍ୟାଳୟ ବା ଅନୁଷ୍ଠାନର ନିୟମ ଓ ଅଧିନିୟମ ଅନୁଯାୟୀ ଆରକ୍ଷଣ ନୀତି ରହିବ । ପ୍ରାର୍ଥୀମାନେ ଡିମ୍‌ଡ୍/କେନ୍ଦ୍ରୀୟ ବିଶ୍ୱବିଦ୍ୟାଳୟ/ **ESIC** ଏବଂ **AFMC**ରେ **MBBS/BDS** ପାଠ୍ୟକ୍ରମରେ ପ୍ରବେଶ ପାଇଁ **MCC** ୱେବ୍‌ସାଇଟ୍‌ରେ ଏବଂ ଡିମ୍‌ଡ୍ ବିଶ୍ୱବିଦ୍ୟାଳୟ/ କେନ୍ଦ୍ରୀୟ ବିଶ୍ୱବିଦ୍ୟାଳୟ/ଜାତୀୟ ପ୍ରତିଷ୍ଠାନଗୁଡ଼ିକରେ **ଡାକ୍ତରୀ ସ୍ନାତକ ପାଠ୍ୟକ୍ରମ**ଗୁଡ଼ିକରେ ଆଡ଼ମିଶନ ପାଇଁ **AACCC** ୱେବ୍‌ସାଇଟ୍‌ରେ ପଞ୍ଜିକୃତ କରିବାକୁ ପଡ଼ିବ ।

(ii) ଏ.ଏଫ୍‌ଏମ୍‌ସି, ପୁନେରେ ଆଡ଼ମିଶନ କରିବାକୁ ପ୍ରଚଳିତ ନିୟମ ଯାହାକୁ ମହା ନିର୍ଦ୍ଦେଶକ ଆର୍ମଡ଼ ଫୋର୍ସେସ, ପ୍ରତିରକ୍ଷା ମନ୍ତ୍ରାଳୟ, ଭାରତ ସରକାର, ପରିଚାଳିତ କରିବେ । ଯେଉଁ ପ୍ରାର୍ଥୀମାନେ NEET (UG) - 2020 ପାଇଁ ଦରଖାସ୍ତ କରିଛନ୍ତି ଏବଂ AFMCରେ ଆଡ଼ମିଶନ୍ ପାଇଁ ଇଚ୍ଛୁକ ସେମାନେ AFMCକୁ www.afmc.nic.in / www.afmcdg1d.gov.in ରେ ଦରଖାସ୍ତ କରିବେ । ସଂକ୍ଷିପ୍ତ ସୂଚୀ ଅନ୍ତର୍ଗତ ପ୍ରାର୍ଥୀମାନଙ୍କୁ AFMC ଦ୍ୱାରା ଆୟୋଜିତ ଦ୍ୱିତୀୟ ଚରଣ ସ୍କ୍ରିନିଂ ଟେଷ୍ଟ ଦେବାକୁ ପଡ଼ିବ । ଆଗକୁ ସଠିକ ବିବରଣୀ ପାଇଁ ପ୍ରାର୍ଥୀମାନେ AFMCକୁ ଯୋଗାଯୋଗ

କରିବାକୁ ପରାମର୍ଶ ଦିଆଯାଉଛି । ପରାମର୍ଶ ବୈଠକ DGHSଙ୍କ ଦ୍ୱାରା ସଂଘଟିତ ହେବ ।

(iii) ଡିମ୍ଡ୍ ବିଶ୍ୱବିଦ୍ୟାଳୟ/କେନ୍ଦ୍ରୀୟ ବିଶ୍ୱବିଦ୍ୟାଳୟ/ESIC ମେଡିକାଲ୍ କଲେଜ/AFMC/BHU/AMUଗୁଡ଼ିକରେ ଆଡ଼ମିଶନ, MCI/NMC/DCIର ବୈଧାନିକ ଅଧିନିୟମରେ ଥିବା ବିହିତ ବ୍ୟବସ୍ଥା, ଭାରତର ମାନ୍ୟବର ଉଚ୍ଚତମ ନ୍ୟାୟାଳୟଙ୍କର ରାୟ ଏବଂ ସ୍ୱାସ୍ଥ୍ୟସେବାର ମହାନିର୍ଦ୍ଦେଶକ (DGHS)ଙ୍କ ଅଧୀନରେ ଥିବା ଡାକ୍ତରୀ ଶିକ୍ଷା ପରାମର୍ଶ ସମିତି ଦ୍ୱାରା ନିର୍ଦ୍ଧାରିତ ପ୍ରକ୍ରିୟା ଅନୁଯାୟୀ କରାଯିବ ।

(iv) ଅଧିକନ୍ତୁ, MCIର ବୈଧାନିକ ଅଧିନିୟମ ଅନୁଯାୟୀ DGHSଙ୍କ ଦ୍ୱାରା ସଂପୃକ୍ତ INI ଗୁଡ଼ିକରେ MBBS ପାଠ୍ୟକ୍ରମରେ ଅଡ଼ମିଶନ ପାଇଁ କାଉନ୍‌ସେଲିଙ୍ଗ୍ ହେବ

(c) ସମସ୍ତ ଅନୁଷ୍ଠାନଗୁଡ଼ିକ ପାଇଁ, ଯେଉଁଠାରେ DGHS ଅଧୀନରେ ଥିବା MCC ଦ୍ୱାରା କାଉନ୍‌ସେଲିଂ ହୋଇଥାଏ, ସେଠାରେ ପ୍ରାର୍ଥୀମାନେ ପରବର୍ତ୍ତୀ ପର୍ଯ୍ୟାୟ କାଉନ୍‌ସେଲିଂରେ ସେମାନଙ୍କର ଉପସ୍ଥିତ ହେବାର ଯୋଗ୍ୟତା ବିଷୟରେ, ତତ୍‌ସହିତ ଅନୁସାରେ MBBS ପାଠ୍ୟକ୍ରମରେ ଆଡ଼ମିଶନ ପାଇଁ ହେଉଥିବା ସାଧାରଣ କାଉନ୍‌ସେଲିଂ ସମୟରେ ସିଟ୍ ବ୍ଲକିଂକୁ ଅଟକାଉଥିବା ସ୍ନାତକ ଡାକ୍ତରୀ ଶିକ୍ଷା ଅଧିନିୟମ, ୧୯୯୭ର ଧାରା-5A(4) (ପରିଶିଷ୍ଟ-F) ଅନୁସାରେ ପୂର୍ବ ପର୍ଯ୍ୟାୟଗୁଡ଼ିକରେ କାଉନ୍‌ସେଲିଂ ସମୟରେ ଆସନ ବଣ୍ଟନରେ ଅଯୋଗ୍ୟ ହେଉଥିବା ବିଷୟରେ ଜାଣିବା ପାଇଁ MCC ଦ୍ୱାରା ପ୍ରକାଶିତ "ବାରମ୍ବାର ପଚରାଯାଉଥିବା ପ୍ରଶ୍ନାବଳୀ"ର ସାହାଯ୍ୟ ନେଇପାରନ୍ତି ।

(d) ରାଜ୍ୟ/କେନ୍ଦ୍ର ସରକାର ବା ଏହାର ମନୋନୀତ ଅଧିକାରୀଙ୍କ ଦ୍ୱାରା କାଉନ୍‌ସେଲିଂ ଅନୁଷ୍ଠାନଗୁଡ଼ିକରେ ପ୍ରାର୍ଥୀମାନେ MBBS ପାଠ୍ୟକ୍ରମରେ ଆଡ଼ମିଶନ ପାଇଁ ଏକକ କାଉନ୍‌ସେଲିଂ ସମୟରେ ସିଟ୍ ବ୍ଲକିଂକୁ ବାଧା ଦେଉଥିବା ସ୍ନାତକ ଡାକ୍ତରୀ ଶିକ୍ଷା ଅଧିନିୟମ-୧୯୯୭ ଧାରା 5A(4)(ପରିଶିଷ୍ଟ-F ), ସେମାନଙ୍କର ପୂର୍ବ ପର୍ଯ୍ୟାୟରେ ଅଯୋଗ୍ୟତା ସହ ପରବର୍ତ୍ତୀ ପର୍ଯ୍ୟାୟରେ କାଉନ୍‌ସେଲିଂ ସମୟରେ ଉପସ୍ଥିତ ହେବାର ଯୋଗ୍ୟତା ନିର୍ଦ୍ଧାରଣ କରିବା ପାଇଁ ସେମାନେ ରାଜ୍ୟ/କେନ୍ଦ୍ର ସରକାର ବା ଏହାର ମନୋନୀତ ଅଧିକାରୀଙ୍କ ଦ୍ୱାରା ଜାରି ପରାମର୍ଶ ଅଧିସୂଚନାର ସାହାଯ୍ୟ ନେଇପାରନ୍ତି ।

**୫.୨ ସଂରକ୍ଷଣ ନୀତି**

ଭାରତ ସରକାରଙ୍କର ସଂରକ୍ଷଣ ପଦ୍ଧତି NEET - (UG) ପରୀକ୍ଷା ପାଇଁ ଲାଗୁ ହେବ । ଏହି ଅନୁସାରେ କେନ୍ଦ୍ରୀୟ ବିଶ୍ୱବିଦ୍ୟାଳୟ ଏବଂ ଅନୁଷ୍ଠାନ ଗୁଡ଼ିକ ୧୦ ପ୍ରତିଶତ ସାଧାରଣ - ଅର୍ଥନୈତିକ ଦୁର୍ବଳ ଶ୍ରେଣୀ (GEN-EWS), ୧୫ ପ୍ରତିଶତ ସଂରକ୍ଷଣ ଏସ୍.ସି. (S.C) ଶ୍ରେଣୀ, ୭.୫ ପ୍ରତିଶତ ଏସ୍.ଟି (S.T) ଶ୍ରେଣୀ ଏବଂ ୨୭ ପ୍ରତିଶତ ଅନ୍ୟ ପଛୁଆ ଶ୍ରେଣୀ ଯେଉଁମାନେ କି ଅସ୍ୱଚ୍ଛଳ ଶ୍ରେଣୀରେ ଅର୍ନ୍ତଭୁକ୍ତ (OBC-NCL).

ରାଜ୍ୟ ମେଡିକାଲ୍ କଲେଜ/ ବିଶ୍ୱବିଦ୍ୟାଳୟ/ଅନୁଷ୍ଠାନ/ଘରୋଇ ମେଡିକାଲ୍ କଲେଜଗୁଡ଼ିକରେ ୧୫% ସର୍ବଭାରତୀୟ କୋଟା ଆସନ ବ୍ୟତୀତ ଅନ୍ୟ ଆସନଗୁଡ଼ିକ ପାଇଁ ସଂପୃକ୍ତ ରାଜ୍ୟ ସରକାରଙ୍କ ନିୟମ ଅନୁଯାୟୀ ହେବ ।

**PwD ପ୍ରାର୍ଥୀମାନଙ୍କ ପାଇଁ ସଂରକ୍ଷଣ ନୀତି**

୧୪।୦୫।୨୦୧୯ ତାରିଖରେ ସଂଶୋଧିତ ସ୍ନାତକ ଡାକ୍ତରୀ ଚିକିତ୍ସା ଶିକ୍ଷା ଅଧିନିୟମ-୧୯୯୭ ଦତ୍ତ ନିର୍ଦ୍ଧାରିତ ନିୟମାବଳୀ ଅନୁଯାୟୀ ଭିନ୍ନକ୍ଷମ ପ୍ରାର୍ଥୀମାନଙ୍କୁ ଡାକ୍ତରୀ ପାଠ୍ୟକ୍ରମରେ ଆଡ଼ମିଶନ ପାଇଁ ବିଚାରକୁ ନିଆଯିବ ।

MBBS ରେ ଆଡ଼ମିଶନ ସଂକ୍ରାନ୍ତରେ ୧୪।୦୫।୨୦୧୯ରେ ସଂଶୋଧିତ ସ୍ନାତକ ଡାକ୍ତରୀ ଚିକିତ୍ସା ଶିକ୍ଷା ଅଧିନିୟମ-୧୯୯୭ (ପରିଶିଷ୍ଟ- 'H'-1) ଭିନ୍ନକ୍ଷମ ବ୍ୟକ୍ତି ଅଧିକାର ଅଧିନିୟମ-୨୦୧୬ ଅଧୀନରେ ଆସୁଥିବା "ନିର୍ଦ୍ଦିଷ୍ଟ ଅକ୍ଷମତା" ଥିବା ପ୍ରାର୍ଥୀଙ୍କ ଆଡ଼ମିଶନ ବିଷୟରେ ନିୟମାବଳୀ ଯୋଗାଇଥାଏ । (୧୪।୫।୨୦୧୯ ତାରିଖ ଗେଜେଟ୍ ବିଜ୍ଞପ୍ତିର ପରିଶିଷ୍ଟ-'H'-1) (ଦୟାକରି ପରିଶିଷ୍ଟ-IX-B ଦେଖନ୍ତୁ ।)

ଅକ୍ଷମତା ସଂପନ୍ନ ବ୍ୟକ୍ତିଙ୍କର ଅଧିକାର ଆଇନ, ୨୦୧୬ ଅଧୀନରେ ଆସୁଥିବା 'ନିର୍ଦ୍ଦିଷ୍ଟ ଅକ୍ଷମତା' ପରୀକ୍ଷାର୍ଥୀଙ୍କର MBBS ପାଠ୍ୟକ୍ରମରେ ପ୍ରବେଶ ସମ୍ବନ୍ଧରେ ନୀତି-ନିୟମଗୁଡ଼ିକ ୫।୨।୨୦୧୯ ତାରିଖରେ ପ୍ରକାଶିତ ଭାରତ ସରକାରଙ୍କ ଘୋଷଣାପତ୍ର ଅନୁଯାୟୀ, ତତ୍‌ସହିତ BAMS/BSMS/BUMS ପାଠ୍ୟକ୍ରମ ପାଇଁ ୧୮।୬।୨୦୧୯ ତାରିଖରେ ପ୍ରକାଶିତ ସରକାରୀ ଘୋଷଣାପତ୍ର ଅନୁଯାୟୀ ଓ BHMS ପାଠ୍ୟକ୍ରମ ପାଇଁ ୧୯।୬।୨୦୧୯ ତାରିଖରେ ପ୍ରକାଶିତ ସରକାରୀ ଘୋଷଣାପତ୍ର ଅନୁଯାୟୀ ହେବ ।

**AIIMS କ୍ଷେତ୍ରରେ**

ଭିନ୍ନକ୍ଷମ ବ୍ୟକ୍ତିଙ୍କ ଅଧିକାର ଅଧିନିୟମ ୨ ୦ ୧ ୬ ଅନୁସାରେ, ସମାନ୍ତରାଳ ଓ ବର୍ଗ ଅନୁଯାୟୀ PwD ଆରକ୍ଷଣ ଯୋଗ୍ୟତା ନିର୍ଦ୍ଧାରଣ ଅନୁଷ୍ଠାନର ମେଡିକାଲ୍ ବୋର୍ଡର ମୂଲ୍ୟାଙ୍କନ ଉପରେ ନିର୍ଭର କରେ।

ନୋଟ୍:-

୧. "ଅକ୍ଷମତାର ପ୍ରମାଣ ପତ୍ର", ସାମାଜିକ ନ୍ୟାୟ ଏବଂ ସଶକ୍ତିକରଣ ମନ୍ତ୍ରଣାଳୟ [ଭିନ୍ନକ୍ଷମ ବ୍ୟକ୍ତିଙ୍କ ସଶକ୍ତିକରଣ ବିଭାଗ (ଦିବ୍ୟାଙ୍ଗ)] ବିଭାଗ ଦ୍ୱାରା ୧ ୫ ଜୁନ୍ ୨ ୦ ୧ ୭ ରେ ପ୍ରକାଶିତ ହୋଇଛି ଭାରତୀୟ ଗେଜେଟ୍‌ରେ ଦିଆଯାଇଥିବା ଅକ୍ଷମ ବ୍ୟକ୍ତିଙ୍କ ଅଧିକାର ଅଧିନିୟମ-୨ ୦ ୧ ୭ ଅନୁଯାୟୀ ପ୍ରଚଳନ କରାଯିବ।

୨. କୌଣସି ବ୍ୟକ୍ତିଙ୍କ ଠାରେ "ନିର୍ଦ୍ଦିଷ୍ଟ ଅକ୍ଷମତା" ଆକଳନ ସାମାଜିକ ନ୍ୟାୟ ଏବଂ ସଶକ୍ତିକରଣ ମନ୍ତ୍ରଣାଳୟ [ଭିନ୍ନକ୍ଷମ ବ୍ୟକ୍ତିଙ୍କ ସଶକ୍ତିକରଣ ବିଭାଗ (ଦିବ୍ୟାଙ୍ଗ)] ବିଭାଗ ଦ୍ୱାରା ୪.୧.୨୦୧୮ ତାରିଖରେ ପ୍ରକାଶିତ ଭାରତର ରାଜପତ୍ରରେ ଦିଆଯାଇଥିବା 'ବିକଳାଙ୍ଗ ବ୍ୟକ୍ତିଙ୍କ ଅଧିକାର ଅଧିନିୟମ-୨ ୦ ୧ ୬ (୨ ୦ ୧ ୬ ର ୪ ୯) ଅନ୍ତର୍ଗତ କୌଣସି ବ୍ୟକ୍ତିଙ୍କର ଅକ୍ଷମତାର ସୀମା'ର ଆକଳନ ଏହି ଉଦ୍ଦେଶ୍ୟରେ ଦିଆଯାଇଥିବା ଦିଶା-ନିର୍ଦ୍ଦେଶଗୁଡ଼ିକ ଅନୁଯାୟୀ ହେବ।

୩. ନିର୍ଦ୍ଦିଷ୍ଟ ଅକ୍ଷମତା ଥିବା ବ୍ୟକ୍ତିଙ୍କ କ୍ଷେତ୍ରରେ ସଂରକ୍ଷଣ ସୁବିଧାର ଉପଯୋଗ ପାଇଁ ସର୍ବନିମ୍ନ ଅକ୍ଷମତାର ପରିମାଣ ୪୦ ପ୍ରତିଶତ (ବେଞ୍ଚମାର୍କ ଅକ୍ଷମତା) ହେବା ଉଚିତ, ତାହାହେଲେ ଏହି ସଂରକ୍ଷଣ ଶ୍ରେଣୀରେ ସଂରକ୍ଷଣ ଲାଭ କରିପାରିବେ । (ବିସ୍ତୃତ ବିବରଣୀ ପାଇଁ ପରିଶିଷ୍ଟ-IX-B ଦେଖନ୍ତୁ)

୪. ଶତକଡ଼ା ୫ ଆରକ୍ଷଣ ସୁବିଧାର ଲାଭ ପାଇବାକୁ ଚାହୁଁଥିବା PwD ପ୍ରାର୍ଥୀ ୧ ୨ଟି ମନୋନୀତ କେନ୍ଦ୍ର (ପରିଶିଷ୍ଟ-IX-A) ମଧ୍ୟରୁ କୌଣସି ଗୋଟିକରୁ ସଂଯୁକ୍ତ ଫର୍ମାଟ୍ (ପରିଶିଷ୍ଟ-IX)ରେ ନିଜର ଅକ୍ଷମତାର ପ୍ରମାଣପତ୍ର ପାଇବାକୁ ହେବ।

- ଯେଉଁ ପ୍ରାର୍ଥୀମାନେ ନିଜକୁ ଏହି ବର୍ଗ ପାଇଁ ଯୋଗ୍ୟ ବୋଲି ଭାବୁଛନ୍ତି, ସେମାନଙ୍କୁ ପରାମର୍ଶ ଦିଆଯାଉଛି କି ସେମାନେ ନିଜକୁ କୌଣସି ସରକାରୀ ମେଡିକାଲ୍ କଲେଜ/ଜିଲ୍ଲା ଡାକ୍ତରଖାନା/ସରକାରୀ ଡାକ୍ତରଖାନାରେ ପରୀକ୍ଷା କରାଇନେବା ଆବଶ୍ୟକ। ଅକ୍ଷମ ବ୍ୟକ୍ତିଙ୍କ ଅଧିକାର ଅଧିନିୟମ-୨ ୦ ୧ ୭ର ପରିଚ୍ଛଦ-VII ଅନୁଯାୟୀ ଉକ୍ତ ସରକାରୀ ମେଡିକାଲ୍ କଲେଜ/ ଜିଲ୍ଲା ଡାକ୍ତରଖାନ/ସରକାରୀ ଡାକ୍ତରଖାନା ଅକ୍ଷମତା ପ୍ରମାଣାପତ୍ର ପ୍ରଦାନ କରିବେ। ସାମାଜିକ ନ୍ୟାୟ ଓ ସଶକ୍ତିକରଣ ମନ୍ତ୍ରଣାଳୟ [ଭିନ୍ନକ୍ଷମ ବ୍ୟକ୍ତିଙ୍କ ସଶକ୍ତିକରଣ ବିଭାଗ (ଦିବ୍ୟାଙ୍ଗ)] ଦ୍ୱାରା ୪।୧।୨୦୧୮ ତାରିଖରେ ପ୍ରକାଶିତ ଭାରତର ରାଜପତ୍ରରେ ଦିଆଯାଇଥିବା ଅକ୍ଷମ ବ୍ୟକ୍ତିଙ୍କ ଅଧିକାର ଅଧିନିୟମ-୨ ୦ ୧ ୬ ଏବଂ କୌଣସି ବ୍ୟକ୍ତିଙ୍କର ଅକ୍ଷମତା ସୀମାର ଆକଳନ ଏହି ଉଦ୍ଦେଶ୍ୟରେ ଏଥିରେ ଦିଆଯାଇଥିବା ଦିଶା-ନିର୍ଦ୍ଦେଶଗୁଡ଼ିକ ଅନୁଯାୟୀ ଏକ ଭିନ୍ନକ୍ଷମ ପ୍ରମାଣପତ୍ର ପ୍ରଦାନ କରାଯିବ ଏବଂ ଏହା PwD କୋଟା ଅନୁଯାୟୀ ମେଡିକାଲ୍ ପାଠ୍ୟକ୍ରମରେ ଆଡ଼ମିଶନ ପାଇଁ ପ୍ରାର୍ଥୀଙ୍କୁ କୌଣସି ଅଧିକାର ପ୍ରଦାନ କରେନାହିଁ। ପୂର୍ବୋକ୍ତ ପ୍ରମାଣପତ୍ର ଏହା କେବଳ ସୁନିଶ୍ଚିତ କରିବ କି PwD କୋଟା ଅଧୀନରେ ପ୍ରାର୍ଥୀ NEET (UG) 2020 ପରୀକ୍ଷା ଦେବା ପାଇଁ NTAକୁ ଆବେଦନ କରିପାରିବେ।

- ଏହାପରେ PwD ବର୍ଗ ଅଧୀନରେ ଚୟନ ହେବା ପାଇଁ ପ୍ରାର୍ଥୀଙ୍କ ୧୪।୫।୨୦୧୯ରେ ସଂଶୋଧିତ ସ୍ନାତକ ଡାକ୍ତରୀ ଶିକ୍ଷା ଅଧିନିୟମ ୧ ୯ ୯ ୭ରେ ଅନୁମୋଦିତ ନିୟମାବଳୀ ଅନୁଯାୟୀ ଅକ୍ଷମତା ବୋର୍ଡ ଦ୍ୱାରା ପ୍ରଣିତ ଏକ ଅକ୍ଷମତା ପ୍ରମାଣପତ୍ର ଦେବାକୁ ହେବ। ଏଣୁ ଏହା ପ୍ରାସଙ୍ଗିକ ଅଟେ କି ଫଳାଫଳ ଘୋଷଣା ପରେ ପ୍ରାର୍ଥୀମାନେ ମେଡିକାଲ୍ ପାଠ୍ୟକ୍ରମରେ ଆଡ଼ମିଶନ ପାଇଁ କମନ୍ ଅନ୍‌ଲାଇନ୍ କାଉନ୍‌ସେଲିଂରେ ପଞ୍ଜୀକରଣ ଓ ଭାଗ ନେବା ପାଇଁ ଅକ୍ଷମତା ମୂଲ୍ୟାଙ୍କନ ବୋର୍ଡକୁ ସମ୍ମୁଖୀନ ହେବାକୁ ପଡ଼ିବ। ଯଦି ପ୍ରାର୍ଥୀମାନେ ୧୪।୫।୨୦୧୯ ତାରିଖରେ ସଂଶୋଧିତ ସ୍ନାତକ ଚିକିତ୍ସା ଶିକ୍ଷା ଅଧିନିୟମ-୧ ୯ ୯ ୭ ଧାର୍ଯ୍ୟ ମାନଦଣ୍ଡ ଅନୁସାରେ ଭିନ୍ନକ୍ଷମ ମୂଲ୍ୟାଙ୍କନ ବୋର୍ଡ ଦ୍ୱାରା ଅଯୋଗ୍ୟ ବୋଲି ଜଣାପଡ଼େ, ସେମାନେ ଏକକ ଅନ୍‌ଲାଇନ୍ କାଉନ୍‌ସେଲିଂ ପାଇଁ ପଞ୍ଜୀକରଣ କରିପାରିବେ ନାହିଁ କିମ୍ବା ଭାଗ ନେଇପାରିବେ ନାହିଁ ଏବଂ ପ୍ରାର୍ଥୀଙ୍କ କ୍ଷେତ୍ରରେ କୌଣସି ମେଡିକାଲ୍ କଲେଜର ଅନ୍‌ଲାଇନ୍ ସାମୟିକ ଆବଣ୍ଟନକୁ ସଂପୂର୍ଣ୍ଣ ଭାବେ ସଠତାପୂର୍ଣ୍ଣ ହେବ। ଏହା ପ୍ରାସଙ୍ଗିକ ଅଟେ କି ଯେ ମେଡିକାଲ୍ କଲେଜ୍‌ର ଆଡ଼ମିଶନ ପାଇଁ ରିପୋର୍ଟିଂ ବେଳେ ହିଁ ଶିକ୍ଷାଗତ ପ୍ରମାଣପତ୍ର ସାଥିରେ ଅକ୍ଷମତାର ପ୍ରମାଣପତ୍ର ସହିତ ବିଭିନ୍ନ ପ୍ରମାଣପତ୍ରଗୁଡ଼ିକର ପ୍ରତ୍ୟକ୍ଷ ତନଖି କରାଯିବ।

- ଏହା ଆହୁରି ସ୍ପଷ୍ଟ କରାଯାଉଛି କି ଯେ, ଭିନ୍ନକ୍ଷମ ବୋର୍ଡ ଦ୍ୱାରା ଜାରି ପ୍ରମାଣପତ୍ର କେବଳ ମେଡିକାଲ୍ ପାଠ୍ୟକ୍ରମରେ ପ୍ରବେଶ

ପାଇଁ ବିଚାରକୁ ନିଆଯିବ ଏବଂ ଅନ୍ୟ କୌଣସି ସରକାରୀ ମେଡିକାଲ କଲେଜ/ଜିଲ୍ଲା ଡାକ୍ତରଖାନା/ସରକାରୀ ଡାକ୍ତରଖାନା ଦ୍ୱାରା ଜାରି କୌଣସି ପ୍ରମାଣପତ୍ର ଗ୍ରହଣ କରାଯିବ ନାହିଁ।

- ଅକ୍ଷମତା ପ୍ରମାଣପତ୍ର, ୧୪।୫।୨୦୧୯ରେ ସଂଶୋଧିତ ସ୍ନାତକ ଡାକ୍ତରୀ ଶିକ୍ଷା ଅଧିନିୟମ-୧୯୯୭ ଅଧୀନରେ ଧାର୍ଯ୍ୟ ସର୍ବଭାରତୀୟ କୋଟା ପ୍ରାର୍ଥୀ ଏବଂ ଏକକ କାଉନସେଲିଂ କରୁଥିବା ଡାକ୍ତରୀ ଅନୁଷ୍ଠାନଗୁଡ଼ିକର ଚିକିତ୍ସା ପରାମର୍ଶ ସମିତି, DGHS ଦ୍ୱାରା ଏହାର ୱେବ୍‌ସାଇଟ୍‌ରେ ସୂଚିତ ଭିନ୍ନକ୍ଷମ ନିର୍ଦ୍ଧାରଣ ବୋର୍ଡମାନଙ୍କ ଦ୍ୱାରା ପ୍ରଦାନ କରାଯାଇଥାଏ।

- ଏହି ପ୍ରକାର, ରାଜ୍ୟ/କେନ୍ଦ୍ରଶାସିତ ଅଞ୍ଚଳର ନାମିତ ପରାମର୍ଶ ଅଧିକାରୀ ୧୪।୫।୨୦୧୯ ତାରିଖରେ ସଂଶୋଧିତ ସ୍ନାତକ ଚିକିତ୍ସା ଶାସ୍ତ୍ର ଅଧିନିୟମ-୧୯୯୭ ଅନ୍ତର୍ଗତ ନିର୍ଦ୍ଧାରିତ ମାନଦଣ୍ଡଗୁଡ଼ିକ ଅନୁଯାୟୀ ପ୍ରାର୍ଥୀମାନଙ୍କର ଉପଯୁକ୍ତତାର ଆକଳନ ପାଇଁ ଅକ୍ଷମତା ମୂଲ୍ୟାଙ୍କନ ବୋର୍ଡଗୁଡ଼ିକ ଗଠନ କରିବେ ଏବଂ ସେଗୁଡ଼ିକୁ ସେମାନଙ୍କର ୱେବ୍‌ସାଇଟ୍‌ରେ ପ୍ରଦର୍ଶିତ କରିବେ।

**RPwD ଅଧିନିୟମ-୨୦୧୬ର ଅଂଶ 2(r) ରେ ବ୍ୟାଖ୍ୟା କରାଯାଇଥିବା ଅନୁସାରେ ସ୍ଥିରୀକୃତ ଅକ୍ଷମତା ସମ୍ପନ୍ନ ବ୍ୟକ୍ତି ଏବଂ ଇଚ୍ଛା ଅନୁଯାୟୀ ଗତି ସହିତ ଲେଖିବାରେ ସମସ୍ୟା ଥିବା ବ୍ୟକ୍ତି ଇଚ୍ଛାକଲେ ତାଙ୍କୁ ଲିପିକର/ପାଠକ/ଲ୍ୟାବ୍ ସହକାରୀ ସୁବିଧା ପାଇଁ ଅନୁମତି ଦିଆଯିବ।**

ସ୍ଥିରୀକୃତ ଅକ୍ଷମତା ଯଥା ଅନ୍ଧତ୍ୱ, ଚଳତ୍‌ଶକ୍ତି ଅକ୍ଷମତା (ଉଭୟ ବାହୁ ଅକ୍ଷମ-BA) ଏବଂ ସେରିବ୍ରାଲ୍ ପାଲସି ଥିବା ବ୍ୟକ୍ତିମାନେ ଯଦି ଚାହାନ୍ତି, ତେବେ ସେମାନଙ୍କୁ ଲିପିକର/ପାଠକ/ଲ୍ୟାବ୍ ସହକାରୀ ଯୋଗାଇ ଦିଆଯିବ।

ଅନ୍ୟ ଶ୍ରେଣୀର ସ୍ଥିରୀକୃତ ଅକ୍ଷମ ବ୍ୟକ୍ତିମାନଙ୍କ କ୍ଷେତ୍ରରେ, ସଂପୃକ୍ତ ବ୍ୟକ୍ତିଙ୍କର ଲେଖାଲେଖି କରିବାରେ ଶାରୀରିକ ପ୍ରତିବନ୍ଧକ ଅଛି ଏବଂ ପରୀକ୍ଷାରେ ତାଙ୍କ ପାଇଁ ଲେଖିବାକୁ ଲିପିକାର ଅପରିହାର୍ଯ୍ୟ ବୋଲି **ପରିଶିଷ୍ଟ–IX-C** ଦିଆଯାଇଥିବା ପ୍ରୋଫର୍ମା ଅନୁସାରେ ମୁଖ୍ୟ ଚିକିତ୍ସା ଅଧିକାରୀ/ସିଭିଲ୍ ସର୍ଜନ/ସରକାରୀ ସ୍ୱାସ୍ଥ୍ୟସେବା ଅନୁଷ୍ଠାନର ଡାକ୍ତରଖାନା ଅଧିକ୍ଷକ ଏକ ପ୍ରମାଣପତ୍ର ଦେଲେ ଲିପିକର/ପାଠକ/ଲ୍ୟାବ ସହକାରୀ ସୁବିଧା ପାଇଁ ଅନୁମତି ଦିଆଯିବ।

ଯଦି ଲିପିକର/ପାଠକଙ୍କ ଯୋଗ୍ୟତା ପ୍ରାର୍ଥୀଙ୍କ ଯୋଗ୍ୟତା ଠାରୁ ଏକପାଦ ପଛୁଆ ଥିବେ, ତେବେ ପ୍ରାର୍ଥୀମାନେ ଅନ୍ୟାଦେଶ ଅନୁସାରେ ସେମାନଙ୍କର ନିଜର ପସନ୍ଦ ଅନୁଯାୟୀ ଲିପିକର/ପାଠକଙ୍କ ସାହାଯ୍ୟ ନେବା ପାଇଁ ଅନୁମତି ମିଳିପାରିବ। ଯେଉଁ ସ୍ଥିରୀକୃତ ଅକ୍ଷମତା ଥିବା ପ୍ରାର୍ଥୀମାନେ ନିଜର ପସନ୍ଦ ଅନୁସାରେ ଲିପିକର/ପାଠକ ନେବାକୁ ଚାହୁଁଛନ୍ତି, ସେମାନଙ୍କୁ **ପରିଶିଷ୍ଟ–IX-D**ରେ ଥିବା ପ୍ରୋଫର୍ମାରେ ନିଜର ଲିପିକରଙ୍କର ବିବରଣୀ ଦେବାକୁ ହେବ। ଯେଉଁମାନେ ନିଜ କେନ୍ଦ୍ରରୁ ଲିପିକର ନେବାକୁ ଚାହୁଁଛନ୍ତି, ସେମାନଙ୍କୁ ଗୋଟିଏ ଦିନ ପୂର୍ବରୁ କେନ୍ଦ୍ର ସହ ଯୋଗାଯୋଗ କରିବାକୁ ପଡ଼ିବ।

*ନୋଟ : (i) ଲିପିକରଙ୍କୁ ବୈଧ ସରକାରୀ ପରିଚୟପତ୍ର (ଫର୍ମରେ ଉଲ୍ଲିଖିତ ପରିଚୟପତ୍ର ହେଲେ ଉତ୍ତମ) ସହିତ ଆସିବାକୁ ପଡ଼ିବ।*
*(ii) ଲିପିକରଙ୍କୁ ଦୁଇଟି ପାସ୍‌ପୋର୍ଟ ସାଇଜ୍ ଫଟୋ ଆଣିବାକୁ ପଡ଼ିବ।*

ଲିପିକର/ପାଠକ/ଲ୍ୟାବ୍ ସହାୟକ ସୁବିଧା ନେଉଥିବା ପ୍ରାର୍ଥୀମାନଙ୍କ ପାଇଁ ପରୀକ୍ଷା ଅବଧି ଘଣ୍ଟା ପ୍ରତି ୨୦ ମିନିଟ୍ ପ୍ରତିପୂରକ ସମୟ ରହିବ।

ସରକାରଙ୍କ ଦ୍ୱାରା ବିଭିନ୍ନ ସମୟରେ ନିର୍ଦ୍ଧାରିତ ଆରକ୍ଷଣ ନୀତିର ପାଳନ ଆଡ଼ମିଶନ କରୁଥିବା ଅନୁଷ୍ଠାନଗୁଡ଼ିକ ଦ୍ୱାରା ହେବ। ପ୍ରାର୍ଥୀମାନଙ୍କୁ ଉପଦେଶ ଦିଆଯାଉଛି କି ସେମାନେ ଆଡ଼ମିଶନ ସମୟରେ ବିବରଣୀକୁ ଦେଖନ୍ତୁ।

**ଗୁରୁତ୍ୱପୂର୍ଣ୍ଣ ନୋଟ୍ :-**

***NEET (UG) 2020 ପଞ୍ଜିକରଣ ପାଇଁ NTA ଦ୍ୱାରା ନିର୍ଦ୍ଧାରିତ ଶେଷ ଦିବସ ପରେ ବର୍ଗଗୁଡ଼ିକରେ କୌଣସି ପରିବର୍ତ୍ତନ କରାଯାଇ ପାରିବ ନାହିଁ ଏବଂ NTA NEET (UG) 2020 ସ୍କୋର୍ ଘୋଷଣା ହେଲା ପରେ କୌଣସି ପରବର୍ତ୍ତୀ ପରିବର୍ତ୍ତନ ଫଳପ୍ରଦ ହେବନାହିଁ।***

# ପରିଚ୍ଛଦ -୬

## ଆବେଦନ ପତ୍ରର ଦାଖଲ ଏବଂ ଦେୟ ପ୍ରଦାନ

**Submission of Application form and Payment of Fee**

### ୬.୧ ଆବେଦନପତ୍ର ପୂରଣ କରିବାପାଇଁ ପ୍ରସ୍ତୁତି ।

ଜଣେ ପ୍ରାର୍ଥୀ ntaneet.nic.in କୁ ଲଗିଙ୍ଗ୍ କରି **NEET (UG)-2020** ପାଇଁ ଆବେଦନ କରିପାରିବେ ।

**ଦରଖାସ୍ତ ଉପସ୍ଥାପନ କରିବା ପୂର୍ବରୁ ନିମ୍ନ ପ୍ରସ୍ତୁତି ଗୁଡିକ କରିବା ଆବଶ୍ୟକ ।**

- ପ୍ରତ୍ୟକ୍ଷ କମ୍ପ୍ୟୁଟର ନିୟନ୍ତ୍ରଣରେ ଦରଖାସ୍ତ ପୁରଣ କରିବା ପାଇଁ ଏହି ସୂଚନା ସବୁ, ଯଥା-ପିତା/ମାତା ଏବଂ ପ୍ରାର୍ଥୀଙ୍କର ସଠିକ୍ ବନାନରେ ନାମ, ଆଧାର ନମ୍ବର (ଶେଷ ଚାରିଅଙ୍କ)/ବୋର୍ଡ ଦ୍ୱାରା ପ୍ରଦାନ କରାଯାଇଥିବା ଦ୍ୱାଦଶ ଶ୍ରେଣୀ ରୋଲ୍ ନମ୍ବର/ ନିର୍ବାଚନ କାର୍ଡ (ନିର୍ବାଚନ ଫଟୋ ଆଇଡେଣ୍ଟି କାର୍ଡ ସଂଖ୍ୟା) / ପାସ୍‌ପୋର୍ଟ ନମ୍ବର / ପଡି କାର୍ଡ ସଂଖ୍ୟା / ବ୍ୟାଙ୍କ୍ ଆକାଉଣ୍ଟ ସଂଖ୍ୟା / ଅନ୍ୟାନ୍ୟ ବୈଧ ସରକାରୀ ପରିଚୟ ପତ୍ର ସଂଖ୍ୟା, ଜନ୍ମ ତାରିଖ, ଠିକଣା, ମୋବାଇଲ୍ ନମ୍ବର, ଇମେଲ୍ ଆଇଡି ଇତ୍ୟାଦି ପ୍ରସ୍ତୁତ କରି ରଖିବାକୁ ହେବ । ଆବେଦନ ପତ୍ରର ପ୍ରକୃତ ପୂରଣ କରିବା ପୂର୍ବରୁ, ପ୍ରାର୍ଥୀମାନଙ୍କୁ **ପରିଶିଷ୍ଟ-XVI**ରେ ଥିବା "ଆବେଦନ ପତ୍ରର ପ୍ରତିଛବି"କୁ ଯାଞ୍ଚ କରିବାକୁ ଉପଦେଶ ଦିଆଯାଉଅଛି ।
- ପ୍ରାର୍ଥୀମାନଙ୍କୁ ନିମ୍ନଲିଖିତ ସବିଶେଷ ପରିଚୟ ତଥ୍ୟ ମଧ୍ୟରୁ ଯେ କୌଣସି ଗୋଟିଏ ପ୍ରଦାନ କରିବାକୁ ହେବ ।

| ପ୍ରାର୍ଥୀଙ୍କର ଶ୍ରେଣୀ | ଅନୁମୋଦନୀୟ ପରିଚୟ ପତ୍ରଗୁଡ଼ିକ |
|---|---|
| ସମସ୍ତ ରାଜ୍ୟର ଭାରତୀୟ ନାଗରିକ | ଆଧାର ସଂଖ୍ୟା (ଶେଷ ୪ ଅଙ୍କ), ବୋର୍ଡ ଦ୍ୱାରା ପ୍ରଦତ୍ତ ଦ୍ୱାଦଶ ଶ୍ରେଣୀ ରୋଲ ନମ୍ବର/ନିର୍ବାଚନ କାର୍ଡ (ଭୋଟ ଫଟୋ ପରିଚୟ ପତ୍ରର ସଂଖ୍ୟା), ପଡିକାର୍ଡ, ଫଟୋ ସହିତ ବ୍ୟାଙ୍କ ପାସ୍‌ବୁକ୍, ପାସ୍‌ପୋର୍ଟ ନମ୍ବର, କିମ୍ବା ଅନ୍ୟ କୌଣସି ସରକାରୀ ପ୍ରଦତ୍ତ ଫଟୋ ପରିଚୟ ପତ୍ର । |
| **ପ୍ରବାସୀ ଭାରତୀୟ** | **ପାସ୍ ପୋର୍ଟ ନମ୍ବର, ଆଧାର ସଂଖ୍ୟା (ଶେଷ ୪ ଅଙ୍କ)** |
| ବିଦେଶୀ ନାଗରିକ/ଦରିଆପାରି ଭାରତୀୟ ନାଗରିକ/ଭାରତର ମୂଳ ଅଧିବାସୀ | ପାସ୍ ପୋର୍ଟ ନମ୍ବର, |

- ଅନ୍‌ଲାଇନ୍ ଆବୋଦନ ପତ୍ର ଦାଖଲର ଏକ ଅଂଶବିଶେଷ ରୂପେ ପ୍ରାର୍ଥୀମାନେ କେବଳ JPG/JPEG ଫର୍ମାଟ୍‌ରେ ସ୍କାନିଂ ହୋଇଥିବା ପ୍ରତିଛବିଗୁଡ଼ିକ ରଖନ୍ତୁ ।
  - ➢ ସଦ୍ୟ ଉଠାଯାଇଥିବା ପାସ୍‌ପୋର୍ଟ ସାଇଜ୍ ଫଟୋ (ଆକାର: ୧୦ କେ.ବି. - ୨୦୦ କେ.ବି.)
  - ➢ ପୋଷ୍ଟକାର୍ଡ ସାଇଜ୍ ଫଟୋଗ୍ରାଫ୍ (୪x୬ ଇଞ୍ଚ)(ଆକାର: ୫୦ କେ.ବି. - ୩୦୦ କେ.ବି.)
  - ➢ ଦସ୍ତଖତ (ଆକାର: ୪ କେ.ବି. - ୩୦ କେ.ବି.)
  - ➢ ବାମହସ୍ତ ବୁଢ଼ାଅଙ୍ଗୁଳି ଛାପ (ଯଦି କୌଣସି ଘଟଣାକ୍ରମେ ବାମହସ୍ତ ବୁଢ଼ାଅଙ୍ଗୁଳି ଉପଲବ୍ଧ ନହେଲେ, ଦକ୍ଷିଣହସ୍ତ ବୁଢ଼ାଅଙ୍ଗୁଳି ଛାପ ନିଆଯାଇ ପାରିବ)(ଆକାର: ୧୦ କେ.ବି. - ୫୦ କେ.ବି.)

### ୬.୨ ପ୍ରତ୍ୟକ୍ଷ କମ୍ପ୍ୟୁଟର ନିୟନ୍ତ୍ରଣରେ ଦରଖାସ୍ତ ପୁରଣ କରିବାପାଇଁ ନିର୍ଦ୍ଦେଶାବଳି:-

(a) ପ୍ରତ୍ୟକ୍ଷ କମ୍ପ୍ୟୁଟର ନିୟନ୍ତ୍ରଣ ଦରଖାସ୍ତ ଉପସ୍ଥାପନ କରିବା ପୂର୍ବରୁ ପ୍ରାର୍ଥୀପରୀକ୍ଷାରେ ଉପସ୍ଥିତ ହେବାର ଯୋଗ୍ୟତା ସମ୍ପର୍କରେ ନିଶ୍ଚିତ ହେବା ଆବଶ୍ୟକ । ପ୍ରାର୍ଥୀଦରଖାସ୍ତ ଉପସ୍ଥାପନ କରିବାପାଇଁ, ଯତ୍ନର ସହିତ ବିଷଦ ଭାବରେ ସୂଚନା ବିବରଣ ସମ୍ପର୍କରେ ଅବଗତ ହେବା ଆବଶ୍ୟକ ।

(b) ଭବିଷ୍ୟତ ଯୋଗାଯୋଗ ପାଇଁ ପ୍ରାର୍ଥୀ କେବଳ ନିଜର କିମ୍ବା ପିତାମାତାଙ୍କର ପିନ୍‌କୋଡ ସହିତ ସମ୍ପୁର୍ଣ୍ଣ ଡାକ ଠିକଣା ପୁରଣ କରିବା ଉଚିତ୍ ।

(c) ପ୍ରାର୍ଥୀମାନେ କେବଳ ନିଜର ବା ପିତାମାତାଙ୍କର ମୋବାଇଲ୍ ନମ୍ବର ଏବଂ ଇ-ମେଲ୍ ଆଇଡି କମ୍ପ୍ୟୁଟର ନିୟନ୍ତ୍ରିତ ଦରଖାସ୍ତରେ ପୁରଣ କରିବା ଜରୁରୀ ଅଟେ, କାରଣ NTA (ଜାତୀୟ ପରୀକ୍ଷଣ ସଂସ୍ଥାନ) କେବଳ ଦିଆଯାଇଥିବା ମୋବାଇଲ୍ ନମ୍ବର ଏବଂ ଇ-ମେଲ୍ ଆଇଡିରେ ଯୋଗାଯୋଗ କରିବ।

(d) ପ୍ରାର୍ଥୀକମ୍ପ୍ୟୁଟର ନିୟନ୍ତ୍ରିତ ଦରଖାସ୍ତରେ କୋଚିଙ୍ଗ୍ ସେଣ୍ଟରର ଡାକ ଠିକଣା, ଯୋଗାଯୋଗ ନମ୍ବର/ମୋବାଇଲ୍ ନମ୍ବର ଏବଂ ଇ-ମେଲ୍ ଆଇଡି ଦେବା ଅନୁଚିତ୍।

(e) ପ୍ରାର୍ଥୀମାନେ ପାସ୍ କରିଥିବା ଯୋଗ୍ୟତା ପରୀକ୍ଷା ପାଇଁ ଦିଆଯାଇଥିବା ସ୍ତମ୍ଭରେ (୦୨-୦୭) ପୂରଣ କରନ୍ତୁ। ଯଦି କୋର୍ଡ ସଂଖ୍ୟା ୦୨-୦୭ ମଧ୍ୟରେ ଜଣେ ପ୍ରାର୍ଥୀଙ୍କର ନିର୍ଦ୍ଧାରିତ ଯୋଗ୍ୟତା ନଥାଏ, ତେବେ ପ୍ରାର୍ଥୀଙ୍କ ସ୍ତମ୍ଭ "ଅନ୍ୟାନ୍ୟ"ରେ ସବିଶେଷ ତଥ୍ୟ ପ୍ରଦାନ କରିବାକୁ ହେବ।

(f) ୨୦୨୦ ମସିହାରେ ଦ୍ୱାଦଶ ଶ୍ରେଣୀ ପରୀକ୍ଷା ଦେଉଥିବା ପ୍ରାର୍ଥୀମାନେ କୋଡ ୧ କୁ ଯୋଗ୍ୟ ବିବେଚିତ କୋର୍ଡ ଆକାରରେ ବାଛିବେ।

(g) ସମ୍ପୂର୍ଣ୍ଣ କମ୍ପ୍ୟୁଟର ନିୟନ୍ତ୍ରିତ ଢଙ୍ଗ ବ୍ୟତୀତ, ଅନ୍ୟାନ୍ୟ ଦରଖାସ୍ତ ଗ୍ରହଣୀୟ ନୁହେଁ। ପ୍ରାର୍ଥୀମାନେ, ନିଶ୍ଚିତକରଣ ହୋଇଥିବା ଅନ୍‌ଲାଇନ୍ ଆବେଦନ ପତ୍ରର ପୃଷ୍ଠି ପୃଷ୍ଠା କିମ୍ବା ଅନ୍ୟ କୌଣସି ନଥିପତ୍ର, NTAକୁ ପ୍ରେରଣ କରିବେ ନାହିଁ। ଯାହାହେଲେ ମଧ୍ୟ ପ୍ରାର୍ଥିମାନେ ଅତି କମ୍‌ରେ ପୃଷ୍ଠି ପୃଷ୍ଠାର ଚାରିକିତା ନକଲ ସହିତ ପ୍ରଦାନ କରିଥିବା ଦେୟର ପ୍ରମାଣ ଭବିଷ୍ୟତ ଉଲ୍ଲେଖ ପାଇଁ ସାଇତି ରଖିବା ଆବଶ୍ୟକ।

(h) କେନ୍ଦ୍ରଶାସିତ ଅଞ୍ଚଳ ଜାମ୍ମୁ-କାଶ୍ମୀର ଏବଂ ଲଦାଖର ପ୍ରାର୍ଥୀମାନେ ୧୫ (ପନ୍ଦର) ପ୍ରତିଶତ ସର୍ବଭାରତୀୟ କୋଟା ପାଇଁ ପରିଚ୍ଛେଦ-୪ର ପାରା ୪.୩(ବି) ଅନୁସାରେ ଅନ୍‌ଲାଇନ୍‌ରେ ନିଜର ଘୋଷଣା ପତ୍ର ପ୍ରଦାନ କରିବାକୁ ହେବ।

**ନୋଟ୍ :**

(i) କୌଣସି ପରିସ୍ଥିତିରେ ଅନ୍‌ଲାଇନ୍ ଆବେଦନ ପତ୍ରରେ କୌଣସି ପରିବର୍ତ୍ତନ ପାଇଁ ଅନୁରୋଧକୁ ବିଚାରକୁ ନିଆଯିବ ନାହିଁ।

(ii) ଅସମ୍ପୂର୍ଣ୍ଣ ଦରଖାସ୍ତ ଅଗ୍ରାହ୍ୟ କରାଯିବ।

(iii) ଏକାଧିକ ଦରଖାସ୍ତ କରିଥିବା ପ୍ରାର୍ଥୀଙ୍କର ପ୍ରାର୍ଥୀତ୍ୱ ବାତିଲ୍ କରାଯିବ।

(iv) ଯଦି ପରୀକ୍ଷାର କୌଣସି ଚରଣରେ, ପ୍ରାର୍ଥୀ ଏକାଧିକ ଫର୍ମ ଦାଖଲ କରିଛନ୍ତି କିମ୍ବା ପରରୂପ ଧାରଣ କିମ୍ବା ସଠିକ୍ ତଥ୍ୟ ଦେଇନାହାନ୍ତି ବା ନକଲି ଏବଂ ଭୁଲ ସୂଚନା ଦେଇଛନ୍ତି ବା ସେହିଭଳି କିଛି ବିଷୟରେ ଦ୍ୱନ୍ଦ୍ୱ ଉପୁଜେ, ତେବେ ପ୍ରାର୍ଥୀମାନଙ୍କୁ ଯେ କୌଣସି ସମୟରେ ଅତିରିକ୍ତ ପରିଚୟ ପ୍ରମାଣ ପାଇଁ କୁହାଯାଇପାରେ।

(v) ଯଦି ଫଳାଫଳ ଘୋଷଣା ସହ କୌଣସି ସ୍ତରରେ ଜଣାପଡ଼େ ଯେ ପ୍ରାର୍ଥୀ ଡୁପ୍ଲିକେଟ୍ ଫର୍ମ ଦାଖଲ କରିଛନ୍ତି ବା କୌଣସି ପ୍ରକାର ପରରୂପ ଧାରଣରେ ସଂପୃକ୍ତ ଥାଆନ୍ତି କିମ୍ବା କୌଣସି ମନଗଢ଼ା ତଥ୍ୟ ଦେଇଥାନ୍ତି, ତେବେ ତାଙ୍କ ପ୍ରତି ଏନ୍‌ଟିଏ ପରୀକ୍ଷାରୁ ୩ବର୍ଷ ବାସନ୍ଦ ସହିତ ଦେଶର ସଂପର୍କିତ ଆଇନ ଅନୁଯାୟୀ ଉପଯୁକ୍ତ ଅପରାଧିକ ମାମଲା ଦାୟର କରାଯାଇପାରେ।

(vi) ପଞ୍ଜିକରଣ ଓ ଆବେଦନ ପତ୍ର ଦାଖଲ ସମୟରେ NEET (UG)-2020 ୱେବ୍‌ସାଇଟ୍‌ରୁ ସୃଷ୍ଟି ହୋଇଥିବା ଅନ୍‌ଲାଇନ୍ କାରବାର ପାସ୍‌ୱାର୍ଡ (ଓଟିପି) କେବଳ ୧୫ ମିନିଟ୍ ପାଇଁ ବୈଧ ଅଟେ। ଏହି ଅବଧି ସମାପ୍ତ ହେଲା ପରେ ପ୍ରାର୍ଥୀମାନଙ୍କୁ 'ରିସେଣ୍ଡ ଓଟିପି' ଲିଙ୍କ୍‌କୁ କ୍ଲିକ୍ କରି ନୂତନ ଓଟିପି ସୃଷ୍ଟି କରିବାକୁ ହେବ।

## ଚରଣ-୧ : ପଞ୍ଜିକରଣ ପୃଷ୍ଠା

NEET (UG)-2020 ପରୀକ୍ଷା ଦେବା ପାଇଁ ପ୍ରାର୍ଥୀ କେବଳ ntaneet.nic.in କୁ ଲଗିଙ୍ଗ୍ କରି ଅନ୍‌ଲାଇନ୍‌ରେ ଆବେଦନ କରିପାରିବେ।

(i) ମାଧ୍ୟମିକ ବିଦ୍ୟାଳୟ ପରୀକ୍ଷା କିମ୍ବା ସମତୁଲ୍ୟ ବୋର୍ଡ/ ବିଶ୍ୱବିଦ୍ୟାଳୟ ପ୍ରମାଣ ପତ୍ରରେ ଦିଆଯାଇଥିବା ପ୍ରାର୍ଥିଙ୍କ ନାମ / ମାଙ୍କ ନାମ /ପିତାଙ୍କ ନାମ ଇଂରାଜୀ ବଡ ଅକ୍ଷରରେ ଲେଖିବାକୁ ହେବ।

(ii) ମାଧ୍ୟମିକ ବିଦ୍ୟାଳୟ ପରୀକ୍ଷା କିମ୍ବା ସମତୁଲ୍ୟ ବୋର୍ଡ / ବିଶ୍ୱବିଦ୍ୟାଳୟରେ ପ୍ରମାଣପତ୍ର ଅନୁସାରେ dd/mm/yyyy ଢଙ୍ଗରେ ଜନ୍ମ ତାରିଖ।

(iii) ପରିଚୟ ପ୍ରକାର ଭେଦ : ପ୍ରାର୍ଥୀମାନଙ୍କୁ ନିମ୍ନରେ ଦତ୍ତ କୌଣସି ଗୋଟିଏ ପ୍ରକାର ପରିଚୟ ଦେବାକୁ ହେବ।

| **ପ୍ରାର୍ଥୀଙ୍କର ଶ୍ରେଣୀ** | **ଅନୁମୋଦନୀୟ ପରିଚୟ ପତ୍ର** |
|---|---|
| ସମସ୍ତ ରାଜ୍ୟର ଭାରତୀୟ ନାଗରିକ | ଆଧାର ସଂଖ୍ୟା (ଶେଷ ୪ ଅଙ୍କ), ବୋର୍ଡ ଦ୍ୱାରା ପ୍ରଦତ୍ତ ଦ୍ୱାଦଶ ଶ୍ରେଣୀ ରୋଲ ନମ୍ବର, ନିର୍ବାଚନ କାର୍ଡ (ଭୋଟ ଫଟୋ ପରିଚୟ ପତ୍ରର ସଂଖ୍ୟା), ପଡ଼ିକାର୍ଡ, ଫଟୋ ସହିତ ବ୍ୟାଙ୍କ ପାସ୍‌ବୁକ୍, ପାସ୍‌ପୋର୍ଟ ନମ୍ବର, କିମ୍ବା ଅନ୍ୟ କୌଣସି ସରକାରୀ ପ୍ରଦତ୍ତ ଫଟୋ ପରିଚୟ ପତ୍ର। |
| **ପ୍ରବାସୀ ଭାରତୀୟ** | **ପାସ୍ ପୋର୍ଟ ନମ୍ବର, ଆଧାର ସଂଖ୍ୟା (ଶେଷ ୪ ଅଙ୍କ)** |
| ବିଦେଶୀ ନାଗରିକ/ଦରିଆପାରି ଭାରତୀୟ ନାଗରିକ/ଭାରତର ମୂଳ ଅଧିବାସୀ | **ପାସ୍ ପୋର୍ଟ ନମ୍ବର, ଆଧାର ସଂଖ୍ୟା (ଶେଷ ୪ ଅଙ୍କ)** |

(iv) ମୋବାଇଲ୍ ନମ୍ବର ଏବଂ ଇ-ମେଲ୍ ଠିକଣା : ପ୍ରାର୍ଥୀକେବଳ ନିଜର କିମ୍ବା ପିତାମାତାଙ୍କର ମୋବାଇଲ୍ ନମ୍ବର ଏବଂ ଇ-ମେଲ୍ ଠିକଣା ଦେବା ଜରୁରୀ।

(v) ଭବିଷ୍ୟତରେ ଯୋଗାଯୋଗ ପାଇଁ ପିନ୍ ନମ୍ବର ସହ ସଂପୂର୍ଣ୍ଣ ଠିକଣା (ସ୍ଥାୟୀ ଠିକଣା ସହ ଯୋଗାଯୋଗ ଠିକଣା) ଦିଅନ୍ତୁ। ସ୍ଥାୟୀ ଯୋଗାଯୋଗ ଠିକଣା ସହ ପିନ୍ ନମ୍ବର ଏହା ପାଇଁ ଉଦ୍ଦିଷ୍ଟ ସ୍ଥାନରେ ଦେବାକୁ ହେବ।

## ଚରଣ-୨ : ସମ୍ପୂର୍ଣ୍ଣ ଆବେଦନ ପତ୍ରଟିର ପୂରଣ

ସମ୍ପୂର୍ଣ୍ଣ ଆବେଦନ ପତ୍ରଟିକୁ ପୂରଣ କର

୧. ମୋବାଇଲ୍ ନମ୍ବର ଓ ଇ-ମେଲ୍ ବ୍ୟତୀତ ଚରଣ-୧ରେ ଦେଇଥିବା ସମସ୍ତ ତଥ୍ୟକୁ ଆବେଦନ ପତ୍ରର ଚୂଡ଼ାନ୍ତ ଦାଖଲ ପୂର୍ବରୁ ସମ୍ପାଦିତ କରିହେବ, ଯାହାକୁ ଚରଣ-୨ ପରେ ବଦଳା ଯାଇପାରିବ ନାହିଁ।

୨. **ବର୍ଗ :** ବର୍ଗ ବାଛିବା ଅନ୍ତର୍ଗତ ଡ୍ରପ୍‌ଡାଉନ୍ ତାଲିକାରେ ସାଧାରଣ, ସାଧରଣ-EWS, SC, ST ଏବଂ OBC-NCL ବିକଳ୍ପଗୁଡ଼ିକ ଅଛି। କୌଣସି ଜାତିଗତ ପ୍ରମାଣପତ୍ର NEET (UG)-2020 ଅନ୍‌ଲାଇନ୍ ଆବେଦନ ପତ୍ରରେ ଅପ୍‌ଲୋଡ୍ ହେବନାହିଁ, ଜାତି ଓ ସଂପ୍ରଦାୟ ସଂପର୍କିତ ସମସ୍ତ ଆବଶ୍ୟକୀୟ ଦସ୍ତାବିଜ୍ କାଉନ୍‌ସେଲିଂ ସମୟରେ ସଂପୃକ୍ତ କେନ୍ଦ୍ର/ରାଜ୍ୟ କାଉନ୍‌ସେଲିଂ ଅଧିକାରଙ୍କ ଦ୍ୱାରା ଯାଞ୍ଚ କରାଯିବ।

- ଅନ୍ୟ ପଛୁଆବର୍ଗ (OBC-NCL) ଶ୍ରେଣୀ : ଭାରତ ସରକାରଙ୍କ ପଛୁଆବର୍ଗ ଜାତୀୟ କମିଶନ(NCBC)ଙ୍କର ୱେବ୍‌ସାଇଟ୍ www.ncbc.nic.inରେ ଉପଲବ୍ଧ ଅନ୍ୟ ପଛୁଆବର୍ଗ ତାଲିକା ଅନୁଯାୟୀ ଅଣସ୍ୱଚ୍ଛଳବର୍ଗ। ତେଣୁ ଏହି ତାଲିକାରେ ଆସୁଥିବା ପ୍ରାର୍ଥୀମାନେ ବର୍ଗ ସ୍ତମ୍ଭରେ OBC-NCL ଦର୍ଶାଇ ପାରନ୍ତି। କେନ୍ଦ୍ରୀୟ OBC-NCL ତାଲିକାରେ ନଥାଇ ରାଜ୍ୟ OBC-NCL ତାଲିକାରେ ଥିବା ପ୍ରାର୍ଥୀମାନଙ୍କୁ ସାଧାରଣବର୍ଗ ବାଛିବାକୁ ପଡ଼ିବ।
- ଆର୍ଥିକ ଦୁର୍ବଳ ଶ୍ରେଣୀ (EWS) : କେନ୍ଦ୍ରୀୟ ଅନୁଷ୍ଠାନଗୁଡ଼ିକରେ ଆଡ଼ମିଶନ ପାଇଁ ଆର୍ଥିକ ଦୁର୍ବଳ ଶ୍ରେଣୀଗୁଡ଼ିକ ପାଇଁ ସଂରକ୍ଷଣ, ସାମାଜିକ ନ୍ୟାୟ ଓ ସଶକ୍ତିକରଣ ମନ୍ତ୍ରଣାଳୟ ଦ୍ୱାରା ଜାନୁୟାରୀ ୧୭, ୨୦୧୯ ତାରିଖରେ ଜାରି OM No.20013/01/2018-BC-II ଏବଂ OM No.12-4/2019-U1 ଅନୁସାରେ ଏବଂ ସେହିପରି ମାନବସମ୍ବଳ ବିକାଶ ମନ୍ତ୍ରଣାଳୟର ଉଚ୍ଚ ଶିକ୍ଷା ବିଭାଗର ଚିଠି ସଂଖ୍ୟା-35-2/2019-T.S.I ତାରିଖ ୨୧।୧।୨୦୧୯, ୧।୨।୨୦୧୯, ୪।୨।୨୦୧୯ ଏବଂ ୧୫।୨।୨୦୧୯ ଅନୁଯାୟୀ ହେବ।

୩. **ଜାତୀୟତା :** ଭାରତୀୟ ନାଗରିକ, ପ୍ରବାସୀ ଭାରତୀୟ, ଦରିଆପାରି ଭାରତୀୟ ନାଗରିକ, ଭାରତର ମୂଳ ଅଧିବାସୀ ଏବଂ ବିଦେଶୀ ନାଗରିକ NEET (UG)-2020 ପରୀକ୍ଷା ଦେବା ପାଇଁ ଯୋଗ୍ୟ ଅଟନ୍ତି।

୪. **ରାଜ୍ୟ/କେନ୍ଦ୍ରଶାସିତ ଅଞ୍ଚଳ କୋଡ :** NEET (UG)-2020 ପାଇଁ ଅନ୍‌ଲାଇନ୍ ପଞ୍ଜିକରଣ ସମୟରେ ପ୍ରାର୍ଥୀମାନଙ୍କୁ ପରିଶିଷ୍ଟ- V ଅନୁସାରେ ରାଜ୍ୟ/କେନ୍ଦ୍ରଶାସିତ ଅଞ୍ଚଳ କୋଡ ଦାଖଲ କରିବାକୁ ହେବ।

୫. **ଅକ୍ଷମତା (PwD) ସ୍ଥିତି :** ଅକ୍ଷମ ବ୍ୟକ୍ତିଙ୍କ ଅଧିକାର ଅଧିନିୟମ-୨୦୧୬ର ବିହିତ ବ୍ୟବସ୍ଥା ଏବଂ MCIର ଦିଶାନିର୍ଦ୍ଦେଶ ଅନୁସାରେ PwDର ଅର୍ଥ ହେଲା ବେଞ୍ଚ ମାର୍କ ଅକ୍ଷମତା ଥିବା ବ୍ୟକ୍ତି। ଯଦି PwD ବର୍ଗ ଅନୁଯାୟୀ ରିହାତି ଦାବି କରୁଥାନ୍ତି, ତେବେ କ୍ଷମତାପ୍ରାପ୍ତ ଅଧିକାରୀଙ୍କ ଦ୍ୱାରା ଜାରି PwD ପ୍ରମାଣପତ୍ର ଜରୁରୀ।

୬. **ପରୀକ୍ଷା ସହର ଚୟନ :** ପ୍ରାର୍ଥୀଙ୍କୁ ପରିଶିଷ୍ଟ-IIରୁ ନିଜ ଇଚ୍ଛା ଅନୁସାରେ NEET (UG)-2020 ପରୀକ୍ଷା ଦେବା ପାଇଁ ଯେ କୌଣସି ଚାରୋଟି ସହର ଚୟନ କରିବାକୁ ହେବ। ପରୀକ୍ଷା କେନ୍ଦ୍ରର ଆବଣ୍ଟନ କମ୍ପ୍ୟୁଟର ଦ୍ୱାରା କରାଯିବ ଏବଂ ସେଥିରେ କୌଣସି ମାନବୀୟ ହସ୍ତକ୍ଷେପ ହେବ ନାହିଁ।

୭. **ପ୍ରଶ୍ନପତ୍ରର ମାଧ୍ୟମ/ଭାଷା :**

- **ଇଂରାଜୀକୁ ମନୋନୟନ କରିଥିବା ପ୍ରାର୍ଥୀମାନଙ୍କୁ କେବଳ ଇଂରାଜୀରେ ଲେଖାଯାଇଥିବା ପ୍ରଶ୍ନ ପୁସ୍ତିକା (Test Booklet) ପ୍ରଦାନ କରାଯିବ।**
- **ହିନ୍ଦୀ/ସ୍ଥାନୀୟ ଭାଷା ମନୋନୟନ କରିଥିବା ପ୍ରାର୍ଥୀମାନଙ୍କୁ ଦ୍ୱିଭାଷୀ ପ୍ରଶ୍ନ ପୁସ୍ତିକା (Test Booklet) ପ୍ରଦାନ କରାଯିବ ଅର୍ଥାତ୍ ହିନ୍ଦୀ/ସ୍ଥାନୀୟ ଭାଷାରେ ଏବଂ ଇଂରାଜୀରେ। କୌଣସି ପ୍ରଶ୍ନର ଅନୁବାଦରେ ଅସ୍ପଷ୍ଟତା ଘଟଣାରେ ଇଂରାଜୀ ସଂସ୍କରଣକୁ ଚୂଡ଼ାନ୍ତ ଧରାଯିବ।**

୮. **ଶିକ୍ଷାଗତ (X, XI & XII) ବିବରଣୀ :** ପ୍ରାର୍ଥୀମାନଙ୍କୁ X, XI & XII / ଯୋଗ୍ୟତା ପରୀକ୍ଷାର ସଂପୂର୍ଣ୍ଣ ଶିକ୍ଷାଗତ ବିବରଣୀ ପୂରଣ କରିବାକୁ ପଡ଼ିବ। ଉତ୍ତୀର୍ଣ୍ଣ ହୋଇଥିବା ପ୍ରାର୍ଥୀ ଯୋଗ୍ୟତା ପରୀକ୍ଷା ପାଇଁ ଉଦ୍ଦିଷ୍ଟ ସ୍ତମ୍ଭରେ କୋର୍ଡ (୦୨-୦୭) ପୂରଣ କରିବାକୁ ପଡ଼ିବ। ଯଦି କୋର୍ଡ ସଂଖ୍ୟା ୦୨-୦୭ ମଧ୍ୟରେ ଜଣେ ପ୍ରାର୍ଥୀଙ୍କର ନିର୍ଦ୍ଧାରିତ ଯୋଗ୍ୟତା ନଥାଏ, ତେବେ ପ୍ରାର୍ଥୀଙ୍କୁ ସ୍ତମ୍ଭ 'ଅନ୍ୟାନ୍ୟ'ରେ ସବିଶେଷ ତଥ୍ୟ ଦେବାକୁ ହେବ। ଦ୍ୱାଦଶ ଶ୍ରେଣୀ ପରୀକ୍ଷା ଦେଉଥିବା ପ୍ରାର୍ଥୀମାନେ ୦୧କୁ ଯୋଗ୍ୟ ବିବେଚିତ କୋର୍ଡ ସଂଖ୍ୟା ଆକାରରେ ଚୟନ କରିବେ।

୯. **ସିଙ୍ଗଲ୍ ଗାର୍ଲ ଚାଇଲ୍ଡ :** ଏହି ବିକଳ୍ପ ସେତେବେଳେ ଦେଖାଦେବ ଯେତେବେଳେ ପ୍ରାର୍ଥୀ 'ଲିଙ୍ଗ' ସ୍ତମ୍ଭରେ 'ମହିଳା' ବିକଳ୍ପ ଚୟନ କରିଥିବେ। ଭାଇ କିମ୍ବା ଭଉଣୀ ନଥାଇ ପରିବାରର ଏକମାତ୍ର କନ୍ୟା ସନ୍ତାନ ଏହି ବିକଳ୍ପଟି ଚୟନ କରିପାରିବେ। ପରିବାରର ଯାଆଁଳା ଝିଅ/ଭାଇ ଝିଅ ମଧ୍ୟ ଏହି ବିକଳ୍ପଟି ମଧ୍ୟ ଚୟନ କରିପାରିବେ। (ପରିଶିଷ୍ଟ-XII)

୧୦. **ସଂଖ୍ୟାଲଘୁ :** ଯଦି ପ୍ରଯୁଜ୍ୟ, ଜାତୀୟ ସଂଖ୍ୟାଲଘୁ ଆୟୋଗ ଅଧିନିୟମ-୧୯୯୨ର ଧାରା ୨(ସି) ଅନୁସାରେ ସଂଖ୍ୟାଲଘୁ ସଂପ୍ରଦାୟ ଅଧୀନରେ ଆସୁଥିବା ମୁସଲମାନ, ଖ୍ରୀଷ୍ଟିୟାନ, ଶିଖ, ବୌଦ୍ଧଧର୍ମାବଲମ୍ବୀ, ଜୈନଧର୍ମାବଲମ୍ବୀ ଏବଂ ପାର୍ସି ଭିତରୁ କୌଣସି ଗୋଟିକୁ ପ୍ରାର୍ଥୀମାନଙ୍କୁ ଚୟନ କରିବାକୁ ପଡ଼ିବ। ପ୍ରାର୍ଥୀଙ୍କ ଦ୍ୱାରା ସଂଖ୍ୟାଲଘୁ ଛାତ୍ରଙ୍କ ସମର୍ଥନ ପାଇଁ ପ୍ରସ୍ତୁତ ଆତ୍ମଘୋଷଣା ପତ୍ର ପରିଶିଷ୍ଟ - XIII ରେ ଦିଆଯାଇଛି।

୧୧. **ପିତା/ମାତା/ଅଭିଭାବକଙ୍କ ବିବରଣୀ :** ଏହି ସ୍ତମ୍ଭରେ ଜୀବୀକା, ଆୟ ଏବଂ ଶିକ୍ଷାଗତ ଯୋଗ୍ୟତାର କୋଡ ପୂରଣ ହେବ।

**ନୋଟ୍ :**

- ଜଣେ ପ୍ରାର୍ଥୀ କେବଳ ଗୋଟିଏ ଆବେଦନପତ୍ର ଦାଖଲ କରିବେ।
- ଥରେ ଚୂଡ଼ାନ୍ତ ଦାଖଲ ପରେ, କେବଳ 'ସଠିକ୍ ଝରକା' ସମୟରେ କୌଣସି ଏକ କ୍ଷେତ୍ରରେ ତଥ୍ୟ ପରିବର୍ତ୍ତନ କରାଯାଇ ପାରିବ। ଏହା ପରେ ଏହି ବିଷୟରେ କୌଣସି ବାର୍ତ୍ତା ବିନିମୟକୁ ଗ୍ରହଣ କରାଯିବ ନାହିଁ।
- ଯଦି ଦେୟ ପ୍ରଦାନ ସଫଳ ହୁଏ, ତେବେ ପଞ୍ଜିକରଣକୁ ସଂପୂର୍ଣ୍ଣ ବୋଲି ଧରାଯିବ, ଅନ୍ୟଥା ଆବେଦନପତ୍ରଟି ବାତିଲ୍ ହୋଇଯିବ।
- ପ୍ରାର୍ଥୀମାନେ ପୃଷ୍ଠ ପୃଷ୍ଠାଟିର ହାର୍ଡ କପିକୁ ଏନ୍‌ଟିଏ ଅଫିସ୍‌କୁ ପଠାଇବା/ଦାଖଲ କରିବା ଆବଶ୍ୟକ ନାହିଁ। ତା ସତ୍ତ୍ୱେ ପ୍ରାର୍ଥୀମାନଙ୍କୁ ଉପଦେଶ ଦିଆଯାଉଛି କି ଭବିଷ୍ୟତରେ ଆବଶ୍ୟକ ପାଇଁ ପୃଷ୍ଠ ପୃଷ୍ଠାଟିର ହାର୍ଡ କପି ଏବଂ ଦେୟ ପ୍ରଦାନର ପ୍ରମାଣକୁ ନିଜ ପାଖରେ ରଖନ୍ତୁ।
- ପ୍ରାର୍ଥୀମାନଙ୍କୁ ଧ୍ୟାନ ଦେବା ଆବଶ୍ୟକ କି ଖାଲି ବ୍ୟାଙ୍କ ଖାତାରୁ ପଇସା କଟିଯିବା କେବଳ ଦେୟ ପ୍ରଦାନର ପ୍ରମାଣ ନୁହେଁ। ଦେୟ ପ୍ରଦାନ ପ୍ରାର୍ଥୀଙ୍କ ଖାତାରେ ଦେୟ ଅପ୍‌ଡେଟ୍ ଦ୍ୱାରା ସମର୍ଥିତ ହେବା ଉଚିତ। ପୃଷ୍ଠ ପୃଷ୍ଠାର ସୃଷ୍ଟି, ଆବେଦନ ପତ୍ରର ସଫଳ ଦାଖଲର ପ୍ରମାଣ ଅଟେ।

## ଚରଣ-୩: କ୍ରମ ବିକ୍ଷଣ (ସ୍କାନିଙ୍ଗ୍) ଛବିର ଅପ୍‌ଲୋଡିଙ୍ଗ

**ଅପଲୋଡ ହେବାକୁ ଥିବା ପ୍ରାର୍ଥୀଙ୍କର ଫଟୋଗ୍ରାଫ୍ :**

- ପାସ୍‌ପୋର୍ଟ ସାଇଜ୍ ଫଟୋଗ୍ରାଫ୍ (ସାଇଜ୍ : ୨୦ କେ.ବି.ରୁ ୨୦୦ କେ.ବି.)
- ପୋଷ୍ଟକାର୍ଡ ସାଇଜ୍ ଫଟୋଗ୍ରାଫ୍ (୪x୬ ଇଞ୍ଚ)(ସାଇଜ୍ : ୫୦ କେ.ବି.ରୁ ୩୦ କେ.ବି.)

- ଫଟୋଟି ନିଶ୍ଚିତ ୦୧.୦୯.୨୦୨୦ ଦିନ କିମ୍ବା ତାପରେ ଉଠାଯାଇଥିବ, ସେଥିରେ ତାରିଖ ସହ ପରିଷ୍କାର ଭାବେ ପ୍ରାର୍ଥୀଙ୍କର ନାମ ଉଲ୍ଲେଖ ରହିଥିଲେ ଭଲ। ଟୋପି କିମ୍ବା ଗଗ୍‌ଲେସ୍ (ଚଷମା) ଲଗା ଫଟୋ ହୋଇ ନଥିବ। ଫୋକସ୍ ମୁଖମଣ୍ଡଳରେ କେନ୍ଦ୍ରୀତ ହେବା ଆବଶ୍ୟକ (ଧଳାପୃଷ୍ଠଭୂମିରେ ମୁଖମଣ୍ଡଳର ୮୦% ଭାଗ ସହିତ କାନଟି ପରିଷ୍କାର ଦୃଶ୍ୟମାନ ହେଉଥିବ)।
- ନିୟମିତ ବ୍ୟବହାର କରୁଥିଲେ ଚଷମା ପାଇଁ ଅନୁମତି ମିଳିବ।
- ପୋଲାରଏଡ୍ ଏବଂ କମ୍ପ୍ୟୁଟରରୁ ପ୍ରସ୍ତୁତ ଫଟୋ ଗ୍ରହଣୀୟ ନୁହେଁ।
- ଆବେଦନ ପତ୍ରଟି ଏହିସବୁ ଆଦେଶ ଅନୁସାରେ ନଥିଲେ କିମ୍ବା ଫଟୋଟି ଅସ୍ପଷ୍ଟ ଥିଲେ, ଆବେଦନ ପତ୍ର ଗ୍ରହଣୀୟ ନୁହେଁ।
- ବିନା ଫଟୋରେ ଆବେଦନ ପତ୍ରଟି ନାକଚ କରାଯିବ।
- ଫଟୋଟିକୁ ଆଟେଷ୍ଟ କରିବାର ଆବଶ୍ୟକତା ନାହିଁ। ପ୍ରାର୍ଥୀମାନଙ୍କୁ ପରାମର୍ଶ ଦିଆଯାଉଛି ଯେ, ସେମାନେ ଧଳା ପୃଷ୍ଠଭୂମି ସହ ୬ ରୁ ୮ଟା ପାସ୍‌ପୋର୍ଟ ସାଇଜ୍ ଫଟୋ ଓ ୪ରୁ ୬ଟି ପୋଷ୍ଟକାର୍ଡ ଆକାର(୪x୬ ଇଞ୍ଚ)ର ରଙ୍ଗିନ୍ ଫଟୋକୁ ପ୍ରସ୍ତୁତ କରି ରଖନ୍ତୁ।
- ପ୍ରାର୍ଥୀମାନେ ଜାଣିରଖନ୍ତୁ ଯେ, ଯଦି ଅପଲୋଡ୍ ହୋଇଥିବା ଫଟୋଗୁଡ଼ିକ ଜାଲ୍ ଯଥା-ବିକୃତ କିମ୍ବା ହାତ ତିଆରି କିମ୍ବା କମ୍ପ୍ୟୁଟର ପ୍ରସ୍ତୁତ ହୋଇଥିବାର ଜଣାପଡ଼ିବ, ତେବେ ପ୍ରାର୍ଥୀଙ୍କର ଆବଦେନପତ୍ରଟି ନାକଚ କରାଯିବ। ଏବଂ ତାହାକୁ ଅସାଧୁ ଉପାୟ ଅବଲମ୍ବନ ବୋଲି ଧରାଯିବ ଏବଂ ପ୍ରାର୍ଥୀମାନଙ୍କ ବିରୁଦ୍ଧରେ ବିଧି ଅନୁଯାୟୀ କାର୍ଯ୍ୟାନୁଷ୍ଠାନ ନିଆଯିବ।
- ଯଦି କାହାର ଫଟୋଗ୍ରାଫ୍ ଅପ୍‌ଲୋଡ଼୍ ହୋଇଯାଇଛି, ତେବେ ପ୍ରାର୍ଥୀତ୍ୱ ବାତିଲ୍ ହୋଇଯିବ ଏବଂ ମାମଲାଟିକୁ ଅସାଧୁ ଉପାୟ ଅବଲମ୍ବନ (UFM) ବୋଲି ଧରାଯିବ। ଦେଶର ଆଇନ ଅନୁଯାୟୀ ଫୌଜଦାରୀ କାର୍ଯ୍ୟାନୁଷ୍ଠାନ ଆରମ୍ଭ କରାଯିବ।

**ନୋଟ୍ :** ଏକାଭଳି ପାସ୍‌ପୋର୍ଟ ସାଇଜ୍ ଏବଂ ପୋଷ୍ଟକାର୍ଡ ସାଇଜ୍ ଫଟୋଗ୍ରାଫଗୁଡ଼ିକ ଅନ୍‌ଲାଇନ୍ ଆବେଦନ ପତ୍ର ଏବଂ ପରୀକ୍ଷା କେନ୍ଦ୍ରରେ ଉପସ୍ଥାନ ଫର୍ଦ୍ଦରେ ଲଗାଇବା ପାଇଁ/କାଉନ୍‌ସେଲିଂ/ଆଡ୍‌ମିଶନ ସମୟରେ ବ୍ୟବହାର କରାଯିବ। ପ୍ରାର୍ଥୀମାନଙ୍କୁ ମନେପକାଇ ଦିଆଯାଉଛି କି ଯେ ସେମାନେ ଧଳା ପୃଷ୍ଠଭୂମି ସହ ୬ରୁ ୮ଟି ପାସ୍‌ପୋର୍ଟ ସାଇଜ୍ ଓ ୪ରୁ ୬ଟି ପୋଷ୍ଟକାର୍ଡ ସାଇଜ୍ (୪x୬ ଇଞ୍ଚ) ରଙ୍ଗୀନ ଫଟୋ ରଖନ୍ତୁ।

**ଅପଲୋଡ ହେବାକୁ ଥିବା ପ୍ରାର୍ଥୀଙ୍କର ଦସ୍ତଖତ :**

- ପ୍ରାର୍ଥୀକଳା କାଳି କଲମରେ (ସାଧାରଣ ହସ୍ତାକ୍ଷରରେ) ତାଙ୍କର ପୂର୍ଣ୍ଣ ଦସ୍ତଖତ (ଇଂରାଜୀ ବଡ଼ ଅକ୍ଷରରେ ନୁହେଁ) ଧଳା କାଗଜରେ କରି କ୍ରମବିକ୍ଷଣ କରିବେ।
- ଫାଇଲ୍ ଆକାର ୪ କେବିରୁ ୩୦ କେବି ମଧ୍ୟରେ ହେବା ଜରୁରୀ।
- ଦସ୍ତଖତ ହୋଇ ନଥିବା ଦରଖାସ୍ତ ନାକଚ କରାଯିବ।
- ଯଦି ଅନ୍ୟ କାହାର ଦସ୍ତଖତ ଅପ୍‌ଲୋଡ୍ ହୋଇଥିବ, ତେବେ ପ୍ରାର୍ଥୀଙ୍କର ପ୍ରାର୍ଥୀତ୍ୱ ବାତିଲ୍ ହୋଇଯିବ ଏବଂ ଘଟଣାଟି ଅସତ୍ ଉପାୟ ଅବଲମ୍ବନ (UFM) ବୋଲି ଧରାଯିବ। ଆଉ ମଧ୍ୟ ଦେଶର ଆଇନ ଅନୁଯାୟୀ ଫୌଜଦାରୀ କାର୍ଯ୍ୟାନୁଷ୍ଠାନ ଆରମ୍ଭ କରାଯିବ।

**ବି:ଦ୍ର:**-ପ୍ରାର୍ଥୀମାନେ ନିଶ୍ଚିତ ହେବା ଆବଶ୍ୟକ ଯେ, ଅପଲୋଡ ହୋଇଥିବା ପ୍ରତିଛବି ସବୁ ସ୍ପଷ୍ଟ ଏବଂ ଉପଯୁକ୍ତ ହେବା ଦରକାର।

**ଅପଲୋଡ ହେବାକୁ ଥିବା ପ୍ରାର୍ଥିଙ୍କର ବୁଢ଼ାଆଙ୍ଗୁଳି ଛାପ :**

- ପ୍ରାର୍ଥୀମାନଙ୍କୁ ନୀଳ ସ୍ୟାହିରେ ଧଳା କାଗଜରେ ଛାପ ପାଇଁ ନିଜର ବାମହସ୍ତ ବୁଢ଼ାଆଙ୍ଗୁଳିକୁ ଉପଯୋଗ କରିବା ଆବଶ୍ୟକ ଏବଂ ଅପ୍‌ଲୋଡ଼ ପାଇଁ ସ୍କାନ୍ କରିବାକୁ ହେବ। କୌଣସି ଘଟଣାରେ ବାମହସ୍ତ ବୁଢ଼ାଅଙ୍ଗୁଳି ଉପଲବ୍ଧ ନହେଲେ ଦକ୍ଷିଣହସ୍ତ ବୁଢ଼ାଅଙ୍ଗୁଳି ଛାପ ନିଆଯିବ।
- ଫାଇଲ୍ ଆକାର ୪ କେବିରୁ ୩୦ କେବି ହେବା ଆବଶ୍ୟକ।
- ଏହାଛଡ଼ା ଅସ୍ପଷ୍ଟ ଆଙ୍ଗୁଳି ଛାପ ଥିବା ଅନ୍‌ଲାଇନ୍ ଆବେଦନପତ୍ରକୁ ରଦ୍ଦ କରିଦିଆଯିବ।

**ନୋଟ୍ :** ପ୍ରାର୍ଥୀମାନେ ନିଶ୍ଚିତ ହେବା ଆବଶ୍ୟକ ଯେ ଅପ୍‌ଲୋଡ୍ ହୋଇଥିବା ପ୍ରତିଛବି ସବୁ ସ୍ପଷ୍ଟ ଏବଂ ଉପଯୁକ୍ତ ଅଟେ। ଯଦି କୌଣସି ଘଟଣାରେ ବାମହସ୍ତ ବୁଢ଼ାଅଙ୍ଗୁଳି ଉପଲବ୍ଧ ନହେଲେ ଦକ୍ଷିଣହସ୍ତ ବୁଢ଼ାଅଙ୍ଗୁଳି ଛାପ ନିଆଯିବ।

**ଅପ୍‌ଲୋଡ ହେବାକୁ ଥିବା ପ୍ରାର୍ଥିଙ୍କ ଦଶମଶ୍ରେଣୀ ପାସ୍ ପ୍ରମାଣପତ୍ର :**

- ପ୍ରାର୍ଥୀ ତାଙ୍କର ଦଶମଶ୍ରେଣୀ ପାସ୍ ପ୍ରମାଣପତ୍ରକୁ ଅପ୍‌ଲୋଡ୍ ପାଇଁ ସ୍କାନ କରନ୍ତୁ।
- ଫାଇଲ୍ ଆକାର ୧୦୦ କେ.ବି.ରୁ ୪୦୦ କେ.ବି. ହେବା ଜରୁରୀ

## ଚରଣ-୪ : ଦେୟ ପ୍ରଦାନ ରସିଦ୍ ଏବଂ ଅନ୍‌ଲାଇନ୍ ଦରଖାସ୍ତ ସ୍ଥିତି

ଆବେଦନ ପତ୍ରର ଚରଣ-୩ ସଂପୂର୍ଣ୍ଣ କଲା ପରେ ପ୍ରାର୍ଥୀମାନେ ନିମ୍ନଲିଖିତ ବିକଳ୍ପ (ଚରଣ-୪)କୁ ଚୟନ କରି ପରୀକ୍ଷା ଫି ପ୍ରଦାନ କରିପାରିବେ।

- ଡେବିଟ୍/କ୍ରେଡିଟ୍ କାର୍ଡ ଏବଂ ନେଟ୍ ବ୍ୟାଙ୍କିଙ୍ଗ୍/ଦେୟ/ସେବା ଯୋଗାଣକାରୀଙ୍କ ପେଟିଏମ୍ ମୋର୍ଡ ଚୟନ କରନ୍ତୁ। [ପ୍ରତି ଆଦାନପ୍ରଦାନରେ ହେଉଥିବା ସେବା/ପ୍ରକ୍ରିୟାକରଣ ଦେୟ ଓ GST (୧୮% ହିସାବରେ) ପ୍ରାର୍ଥୀ ପ୍ରଦାନ କରିବେ] ଏବଂ ନିର୍ଦ୍ଦେଶ ଅନୁସାରେ ଷ୍ଟେପ୍‌ସଗୁଡ଼ିକ ପୂରଣ କରନ୍ତୁ।
- ଚରଣ-୪ ସଂପୂର୍ଣ୍ଣ ହେଲାପରେ ଅର୍ଥାତ୍ ଡେବିଟ୍/କ୍ରେଡିଟ୍ କାର୍ଡ/ନେଟ୍ ବ୍ୟାଙ୍କିଙ୍ଗ୍/ୟୁପିଆଇ ମାଧ୍ୟମରେ ଏସ୍‌ବିଆଇ/ସିଣ୍ଡିକେଟ୍ ବ୍ୟାଙ୍କ/ଏଚ୍‌ଡିଏଫ୍‌ସି ବ୍ୟାଙ୍କ/ଆଇସିଆଇସିଆଇ ବ୍ୟାଙ୍କ/ପେଟିଏମ୍ ଜରିଆରେ ଦେୟ ପ୍ରଦାନ ପରେ ପୃଷ୍ଟି ପୃଷ୍ଠାକୁ ପ୍ରିଣ୍ଟ୍ କରନ୍ତୁ।
- ଅନ୍‌ଲାଇନ୍ ଆବେଦନର ଚୂଡ଼ାନ୍ତ ଦାଖଲ ଅସଂପୂର୍ଣ୍ଣ ଏବଂ ବିଫଳ ହେବ ଯଦି ପ୍ରାର୍ଥୀ ଚରଣ-୪ ପର୍ଯ୍ୟନ୍ତ ସମସ୍ତ ଚରଣ ସଂପୂର୍ଣ୍ଣ କରିବାକୁ ଅକ୍ଷମ ହୁଅନ୍ତି।
- ପୃଷ୍ଟି ପୃଷ୍ଠାର ସୃଷ୍ଟି ଆବେଦନ ପତ୍ରର ଚୂଡ଼ାନ୍ତ ଦାଖଲକୁ ନିଶ୍ଚିନ୍ତ କରାଏ। ଯଦି ପୃଷ୍ଟି ପୃଷ୍ଠାଟି ସୃଷ୍ଟି ହେଲାନାହିଁ, ତା ଅର୍ଥ ହେଲା ଆବେଦନ ପତ୍ରଟି ସଫଳତାର ସହ ଦାଖଲ ହୋଇନାହିଁ।

**ନୋଟ୍ : ଦେୟ ପ୍ରଦାନ ସ୍ଥିତି 'ଓକେ' ନଥିଲେ ପ୍ରାର୍ଥୀମାନଙ୍କୁ ନିମ୍ନୋକ୍ତ ପ୍ରକାରରେ ପରାମର୍ଶ ଦିଆଯାଉଛି :**

- ଯଦି ଦେୟ କ୍ରେଡିଟ୍/ଡେବିଟ୍ କାର୍ଡ ପ୍ରଦାନ କରାଯାଉଛି ଏବଂ ସ୍ଥିତି 'ଓକେ' ନୁହଁ, ତା ଅର୍ଥ ଦେଣନେଣଟି ବାତିଲ୍ ହୋଇଯାଇଛି। ତା'ହେଲେ ଏହିଭଳି ପ୍ରାର୍ଥୀଙ୍କୁ ଆଉଥରେ ଦେୟ ପ୍ରଦାନ କରିବାକୁ ପଡ଼ିବ ଏବଂ ଦେୟ ପ୍ରଦାନ ସ୍ଥିତିକୁ ଓକେ ବୋଲି ସୁନିଶ୍ଚିନ୍ତ ହେବାକୁ ପଡ଼ିବ।

  ଦେଣନେଣ ବାତିଲ୍ ଘଟଣାରେ ଆବେଦନ ପତ୍ରର ଅନ୍‌ଲାଇନ୍ ଦାଖଲର ଶେଷ ଦିବସ ପରେ କିମ୍ବା ଦେୟସଂଗତି ଦୂର ହେଲାପରେ ପଇସା ଆପେ ଆପେ ସଂପୃକ୍ତ କ୍ରେଡିଟ୍/ଡେବିଟ୍ କାର୍ଡକୁ ଫେରିଯିବ।

## ୬.୩ ଅନ୍‌ଲାଇନ୍ ଆବେଦନ ପତ୍ର ପୂରଣର ଯାଞ୍ଚ ତାଲିକା:

ଅନ୍‌ଲାଇନ୍ ଆବେଦନ ପତ୍ର ଦାଖଲ ପୂର୍ବରୁ ନିମ୍ନଲିଖିତ ବିଷୟରେ ନିଶ୍ଚିନ୍ତ ହେବା ପାଇଁ ପ୍ରାର୍ଥୀମାନଙ୍କୁ ଉପଦେଶ ଦିଆଯାଉଛି।

(i) ସେମାନେ ପରୀକ୍ଷାପାଇଁ ନିର୍ଦ୍ଧାରିତ ଯୋଗ୍ୟତା ପୂରଣ କରନ୍ତି କି ନାହିଁ।

(ii) ଯେ, ସେମାନେ ଠିକ୍‌ରେ 'ଲିଙ୍ଗ' ଚୟନ କରିଛନ୍ତି।

(iii) ଯେ, ସେମାନେ ସେମାନଙ୍କର ବର୍ଗ ଯଥା:-ସାଧାରଣ/ସାଧାରଣ-ଅର୍ଥନୈତିକ ଦୁର୍ବଳଶ୍ରେଣୀ/ଅନ୍ୟାନ୍ୟ ପଛୁଆ ବର୍ଗ ଜାତି-ଅଣସ୍ୱଚ୍ଛଳ ବର୍ଗ/ଅନୁସୂଚିତ ଜାତି/ଅନୁସୂଚିତ ଉପଜାତି ପାଇଁ ନିର୍ଦ୍ଧାରିତ ସ୍ତମ୍ଭରେ ଚୟନ କରିଛନ୍ତି କି ନାହିଁ।

(iv) ଯେ PwD ପ୍ରାର୍ଥୀ ଅନ୍‌ଲାଇନ୍ ଆବେଦନ ପତ୍ରର ପ୍ରାସଙ୍ଗିକ ସ୍ତମ୍ଭକୁ ଠିକ୍‌ରେ ପୂରଣ କରିଛନ୍ତି। କେବଳ PwD ପ୍ରାର୍ଥୀ ଏହି ସ୍ତମ୍ଭକୁ ପୂରଣ କରିବେ ଏବଂ ଅନ୍ୟମାନେ ଏହାକୁ ଖାଲି ଛାଡ଼ିଦେବେ।

(v) ସେମାନେ ଆବେଦନ ପତ୍ର (ପୃଷ୍ଠିପୃଷ୍ଠା)ର ଏକ ଛାପା ନକଲ ନିଜର ପ୍ରମାଣ ପାଇଁ ରଖିଛନ୍ତି କି ନାହିଁ।

## ୬.୪ ଦେୟ ପ୍ରଦାନର ବିସ୍ତୃତ ବିବରଣୀ

| | | | |
|---|---|---|---|
| ପ୍ରାର୍ଥୀଙ୍କ ଦ୍ୱାରା ଦେୟ ପ୍ରଦାନ | ସାଧାରଣ | ଟ. | ୧୫୦୦/- |
| | ସାଧାରଣ-ଅର୍ଥନୈତିକ ଦୁର୍ବଳ ଶ୍ରେଣୀ/ଓ.ବି.ସି-ଏନ୍.ସି.ଏଲ୍ | ଟ. | ୧୪୦୦/- |
| | ଏସ୍‌ସି/ଏସ୍‌ଟି/ପିଡବ୍ଲ୍ୟୁଡି/ଟ୍ରାନ୍ସଜେଣ୍ଡର (କିନ୍ନର) | ଟ. | ୮୦୦/- |
| | ଆବଶ୍ୟକୀୟ ପ୍ରକ୍ରିୟାକରଣ ଦେୟ ଏବଂ ଉପଯୁକ୍ତ ଦ୍ରବ୍ୟ ଓ ସେବା କର ପ୍ରାର୍ଥୀ ବହନ କରିବେ | | |

# ପରିଚ୍ଛଦ -୭

## ଅନ୍‌ଲାଇନ୍ ଦରଖାସ୍ତରେ ପୂରଣ ହେବାକୁ ଥିବା ତଥ୍ୟ

**Particulars to be filled in the online Application Form**

- ❑ ପ୍ରାର୍ଥୀନିମ୍ନଲିଖିତ ତଥ୍ୟଗୁଡ଼ିକୁ ଅନ୍‌ଲାଇନ୍ ଦରଖାସ୍ତରେ ପୁରଣ କରିବେ ।
- ❑ ଜାତୀୟତା
- ❑ ସ୍ୱଘୋଷଣା ପତ୍ର (ପରିଶିଷ୍ଟ- III)
- ❑ ଲିଙ୍ଗ
- ❑ ଶ୍ରେଣୀ/ବର୍ଗ
- ❑ ସ୍ଥାୟୀ ଠିକଣା ଏବଂ ଯୋଗାଯୋଗ ଠିକଣା
- ❑ ପାସ୍‌ପୋର୍ଟ ନମ୍ବର/ପରିଚୟପତ୍ର ନମ୍ବର/ବ୍ୟାଙ୍କ୍ ଜମାଖାତା ନମ୍ବର/ଅନ୍ୟାନ୍ୟ ଯେ କୌଣସି ବୈଧ ସରକାରୀ ପତ୍ର ନମ୍ବର/ଆଧାର ନମ୍ବର (ଶେଷ ଚାରିଅଙ୍କ)/ବୋର୍ଡ ଦ୍ୱାରା ପ୍ରଦତ୍ତ ଦ୍ୱାଦଶ ଶ୍ରେଣୀ ରୋଲନମ୍ବର/ଭୋଟର ପରିଚୟ ପତ୍ର (ଏପିକ୍ ନମ୍ବର) ।
- ❑ ଜନ୍ମ ହୋଇଥିବା ରାଜ୍ୟ/ଜିଲ୍ଲା
- ❑ ପିତା/ଅଭିଭାବକ/ମାତାଙ୍କର ବୃତ୍ତି (ପରିଶିଷ୍ଟ- VI)
- ❑ ପିତା/ଅଭିଭାବକ/ମା ତାଙ୍କର ଶିକ୍ଷାଗତ ଯୋଗ୍ୟତା (ପରିଶିଷ୍ଟ- VI)
- ❑ ପିତା/ଅଭିଭାବକ/ମାତାଙ୍କର ସମସ୍ତ ବାର୍ଷିକ ଆୟ (ପରିଶିଷ୍ଟ- VI)
- ❑ ପ୍ରଶ୍ନପତ୍ରର ଭାଷା
- ❑ ଦ୍ୱାଦଶ ଶ୍ରେଣୀ/ସମତୁଲ୍ୟ ଶ୍ରେଣୀରୁ ଉତ୍ତୀର୍ଣ୍ଣ/ପରୀକ୍ଷା ଦେଉଥିବା ବର୍ଷ
- ❑ ଦଶମଶ୍ରେଣୀ/ସମତୁଲ୍ୟ ଶ୍ରେଣୀ ଓ ଦ୍ୱାଦଶ ଶ୍ରେଣୀ/ସମତୁଲ୍ୟ ଶ୍ରେଣୀରେ ରଖିଥିବା ଶତକଡ଼ା ନମ୍ବର/ଗ୍ରେଡ୍
- ❑ ଦଶମ, ଏକାଦଶ ଏବଂ ଦ୍ୱାଦଶ ଶ୍ରେଣୀ ପାସ୍ କରିଥିବା ରାଜ୍ୟ/ଜିଲ୍ଲା
- ❑ ଧର୍ମ
- ❑ ସଂଖ୍ୟାଲଘୁ ସ୍ଥିତି
- ❑ ଭାରତୀୟ ଚିକିତ୍ସା ପରିଷଦ (ଏମ୍‌ସିଆଇ)ଙ୍କ ଦିଶା ନିର୍ଦ୍ଦେଶ ଅନୁସାରେ ଅସମର୍ଥତାର ସ୍ଥିତି
- ❑ ଦ୍ୱାଦଶ ଶ୍ରେଣୀ/ସମତୁଲ୍ୟ ଶ୍ରେଣୀ ପଢୁଥିବା ଅନୁଷ୍ଠାନର ପ୍ରକାର ଭେଦ
- ❑ ଗ୍ରାମାଞ୍ଚଳ/ସହରାଞ୍ଚଳର ବାସିନ୍ଦା ।
- ❑ NEET (UG) ପାଇଁ କେଉଁଭଳି ପ୍ରସ୍ତୁତ କରୁଥିଲେ ?
- ❑ ପ୍ରାର୍ଥୀ ବାସକରୁଥିବା/ଆବେଦନ ପାଇଁ ଇଚ୍ଛା ପ୍ରକାଶ କରୁଥିବା ରାଜ୍ୟ (ପରିଶିଷ୍ଟ- V)
- ❑ ଯୋଗ୍ୟତା ପରୀକ୍ଷାର କୋର୍ଡ (ଭାଗ-୪ର ସେକ୍ସନ ୪.୪ ଦେଖନ୍ତୁ)
- ❑ ବିଦ୍ୟାଳୟ ଶିକ୍ଷା ବୋର୍ଡ (ପରିଶିଷ୍ଟ- VII)
- ❑ ଚୟନ କରୁଥିବା ପରୀକ୍ଷା କେନ୍ଦ୍ର/ସହର (ପରିଶିଷ୍ଟ- II)

# ପରିଚ୍ଛଦ -୮

# ବର୍ଜିତ ଜିନିଷ ଏବଂ ପୋଷାକ ନିୟମ

## BARRED ITEMS AND DRESS CODE

## ୮.୧-ବର୍ଜିତ ପଦାର୍ଥ:-

ପ୍ରାର୍ଥୀମାନଙ୍କୁ କୌଣସି ପରିସ୍ଥିତିରେ ନିମ୍ନଲିଖିତ ପଦାର୍ଥ ପରୀକ୍ଷା କେନ୍ଦ୍ର ଭିତରକୁ ନେବାକୁ ଅନୁମତି ଦିଆଯିବ ନାହିଁ। ପରୀକ୍ଷା କେନ୍ଦ୍ରକୁ ପ୍ରବେଶ ପୂର୍ବରୁ ପ୍ରାର୍ଥୀମାନେ ସୁକ୍ଷ୍ମାନୁଭବ ଧାତବ ସୂଚକ ଯନ୍ତ୍ର ଦ୍ୱାରା ବ୍ୟାପକ ଏବଂ ଅନିବାର୍ଯ୍ୟ ଫ୍ରିସ୍କିଂର ସମ୍ମୁଖୀନ ହେବେ।

(a) କୌଣସି ପ୍ରକାର କ୍ଷେପନାରୀ ଜିନିଷ ଯେମିତି କି ପାଠ୍ୟ ସାମଗ୍ରୀ (ଛପାଯାଇଥିବା ବା ହାତଲେଖା), କଲମ, ସ୍କେଲ, କାଗଜଖଣ୍ଡ, ଜ୍ୟାମିତି କିମ୍ବା ପେନ୍‌ସିଲ୍ ବାକ୍ସ, ପ୍ଲାଷ୍ଟିକ୍ ମୁଣା, ପେନ୍ ଡ୍ରାଇଭ୍, ରବର, ଲଗ୍ ଟେବୁଲ୍, ଇଲେକ୍‌ଟ୍ରୋନିକ୍ କଲମ/ସ୍କାନର ଇତ୍ୟାଦି।

(b) କୌଣସି ଯୋଗାଯୋଗ ଯନ୍ତ୍ର ଯଥା-ମୋବାଇଲ୍ ଫୋନ୍ ବ୍ଲୁଟୁଥ୍, ଇୟର ଫୋନ୍, ମାଇକ୍ରୋଫୋନ୍, ପେଜର୍, ହେଲଥ୍ ବ୍ୟାଣ୍ଡ ଇତ୍ୟାଦି।

(c) ଅନ୍ୟାନ୍ୟ ପଦାର୍ଥ ଯଥା-ମନିପର୍ସ, ଗଗ୍‌ଲେସ୍, ହ୍ୟାଣ୍ଡବ୍ୟାଗ୍ , ବେଲ୍‌ଟ, ଟୋପି ଇତ୍ୟାଦି।

(d) କୌଣସି ଘଣ୍ଟା/ହାତଘଣ୍ଟା/ଚୁଡ଼ି/କ୍ୟାମେରା ଇତ୍ୟାଦି।

(e) କୌଣସି ଗହଣା/ଧାତବ ବସ୍ତୁ

(f) କୌଣସି ପ୍ୟାକ୍ ହୋଇଥିବା କିମ୍ବା ଖୋଲା ଖାଦ୍ୟ ସାମଗ୍ରୀ, ପାଣି ବୋତଲ ଇତ୍ୟାଦି।

(g) ଅନ୍ୟାନ୍ୟ କୌଣସି ଜିନିଷ, ଯେଉଁଗୁଡ଼ିକ ଅସାଧୁତା ଉପାୟ ପାଇଁ ବ୍ୟବହାର କରାଯାଇପାରିବ, ଯଥା-ଲୁକାୟିତ ଅବସ୍ଥାରେ ରହୁଥିବା ମାଇକ୍ରୋଚିପ୍, କ୍ୟାମେରା, ବ୍ଲୁ ଟୁଥ୍ ଇତ୍ୟାଦି।

***ନୋଟ୍ : ଏହି ସମ୍ବନ୍ଧରେ ମାନନୀୟ ସର୍ବୋଚ୍ଚ ନ୍ୟାୟାଳୟ/ଉଚ୍ଚ ନ୍ୟାୟାଳୟଗୁଡ଼ିକର ଲାଗୁ କରାଯାଇ ପାରୁଥିବା କୌଣସି ଆଦେଶକୁ ପାଳନ କରାଯିବ।***

**ପରୀକ୍ଷା କେନ୍ଦ୍ରରେ ପରୀକ୍ଷାର୍ଥୀଙ୍କର କୌଣସି ବସ୍ତୁ ରଖିବାର କୌଣସି ବ୍ୟବସ୍ଥା ନାହିଁ।**

କୌଣସି ପରିସ୍ଥିତିରେ, ପରୀକ୍ଷା କେନ୍ଦ୍ର ଭିତରେ ପରୀକ୍ଷାର୍ଥୀଙ୍କ ପାଖରେ ବାରଣ କରାଯାଇଥିବା ବସ୍ତୁ ରଖିବାର ଦୃଷ୍ଟିକୁ ଆସିଲେ, ଏହା ଅସାଧୁତା ଭାବରେ ବିଚାର କରାଯିବ, ଏବଂ ନିର୍ଦ୍ଧାରିତ ନିୟମ ଅନୁସାରେ ପ୍ରାର୍ଥୀଙ୍କ ବିରୁଦ୍ଧରେ ଆବଶ୍ୟକୀୟ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ।

## ୮.୨ ପୋଷାକ ନିୟମ:-

ପ୍ରାର୍ଥୀମାନେ ଜାତୀୟ ପ୍ରବେଶିକା ଯୋଗ୍ୟତା ପରୀକ୍ଷା NEET (UG) 2020 ଦେବା ସମୟରେ ନିମ୍ନଲିଖିତ ପୋଷାକ ସମ୍ବନ୍ଧୀୟ ନିୟମ ଅନୁସରଣ କରିବାକୁ ହେବ।

(a) ହାଲୁକା ଅଧାହାତ କାମିଜି ପିନ୍ଧିବା ଆବଶ୍ୟକ, ଲମ୍ବା ହାତ କାମିଜି ପାଇଁ ଅନୁମତି ନାହିଁ। ଯଦି ପ୍ରାର୍ଥୀମାନେ ସାଂସ୍କୃତିକ / ବିଶେଷ ଢଙ୍ଗର ପୋଷାକରେ ପରୀକ୍ଷା କେନ୍ଦ୍ରକୁ ଆସନ୍ତି, ତେବେ ସେମାନଙ୍କୁ ଅତି କମ୍‌ରେ ଏକଘଣ୍ଟା ପୂର୍ବରୁ ଅର୍ଥାତ୍ ଦିନ ୧୨.୩୦ ମିନିଟ୍ ପୂର୍ବରୁ ଉପଯୁକ୍ତ ଅନୁସନ୍ଧାନ ପାଇଁ ଉପସ୍ଥିତ ହେବେ। ଯାହାଫଳରେ, ସେମାନେ ପରୀକ୍ଷା କେନ୍ଦ୍ରକୁ ପ୍ରବେଶ କରିବାର କୌଣସି ଅସୁବିଧା ହେବନାହିଁ ଏବଂ ଏହାଦ୍ୱାରା ପରୀକ୍ଷାର ଶୁଦ୍ଧତା ବଜାୟ ରହିବ।

(b) କମ୍ ଉଚ୍ଚତାର ଚପଲ ଓ ସ୍ୟାଣ୍ଡଲ ପାଇଁ ଅନୁମତି ଅଛି। ଜୋତା ପିନ୍ଧିବାର ଅନୁମତି ନାହିଁ।

(c) **ଅପରିହାର୍ଯ୍ୟ ପରିସ୍ଥିତି (ମେଡିକାଲ୍ ଇତ୍ୟାଦି) ଯୋଗୁଁ ଆବଶ୍ୟକୀୟ କୌଣସି ବିଚ୍ୟୁତି ଘଟଣାରେ ଆଡ୍‌ମିଟ୍ କାର୍ଡ ଜାରି ହେବା ପୂର୍ବରୁ NTAର ନିର୍ଦ୍ଦିଷ୍ଟ ସ୍ୱୀକୃତି ନେବାକୁ ପଡ଼ିବ।**

ପ୍ରାର୍ଥୀମାନେ NTA ଦ୍ୱାରା ଜାରି କରାଯାଇଥିବା ଆଦେଶ ସବୁ ଅନୁସରଣ କରିବାକୁ ଆଶା କରାଯାଏ । ଏହା ପରୀକ୍ଷାର ସୁପରିଚାଳନା ପାଇଁ ସାହାଯ୍ୟ କରିବ ।

ନୋଟ୍- *ଏନ୍.ଟି.ଏ. ପରୀକ୍ଷା ପରିଚାଳନାରେ ଶୁଦ୍ଧତା ଏବଂ ନିରପେକ୍ଷତାରେ ବିଶ୍ୱାସ କରେ । ଏହା ମଧ୍ୟ ବାଳିକା ପ୍ରାର୍ଥୀଙ୍କର ଅନୁସନ୍ଧାନ ସମୟରେ ସୂକ୍ଷ୍ମାନୁଭବକୁ ବିଶ୍ୱାସ କରେ । ତେଣୁ ଅନୁସନ୍ଧାନ ପାଇଁ ପରୀକ୍ଷା କେନ୍ଦ୍ରରେ ନିୟୋଜିତ କର୍ମଚାରୀମାନଙ୍କ ପାଇଁ ବିସ୍ତୃତ ନିର୍ଦ୍ଦେଶାବଳୀ ଜାରି କରିଥାଏ ।*

## ପରିଚ୍ଛଦ -୯

## ପିତା/ମାତା/ଅଭିଭାବକଙ୍କ ପାଇଁ ସୂଚନା

### INFORMATIONS FOR FATHER/MOTHER/GUARDIAN

୧. ଏହା ଆଶା କରାଯାଏ ଯେ, ପିତାମାତା / ଅଭିଭାବକମାନେ ସେମାନଙ୍କର ସନ୍ତାନମାନଙ୍କୁ ନିଟ୍ (ଇଉଜି) ୨୦୨୦ ପରୀକ୍ଷା ଦେବାପାଇଁ ଘରୁ ଯିବା ପୂର୍ବରୁ ନିମ୍ନଲିଖିତ ତଥ୍ୟଗୁଡ଼ିକ ଉପରେ ପରାମର୍ଶ ଦେବେ।

(a) **ପରୀକ୍ଷାର୍ଥୀମାନଙ୍କୁ ଅପରାହ୍ନ ୧.୩୦ ପରେ ପରୀକ୍ଷା କେନ୍ଦ୍ରକୁ ପ୍ରବେଶ କରିବାକୁ ଅନୁମତି ଦିଆଯିବ ନାହିଁ। ତେଣୁ ବିଭିନ୍ନ ପାରିପାର୍ଶ୍ୱିକ ଅବସ୍ଥାକୁ ବିଚାରକୁ ନେଇ, ଯଥା-ଟ୍ରାଫିକ୍, ପରୀକ୍ଷା କେନ୍ଦ୍ରର ଅବସ୍ଥିତି ଏବଂ ପାଣିପାଗ ଇତ୍ୟାଦି, ପ୍ରାର୍ଥୀ ବହୁ ପୂର୍ବରୁ ଘରୁ ବାହାରିବା ଆବଶ୍ୟକ।**

(b) ପରୀକ୍ଷାର୍ଥୀ ପରୀକ୍ଷାର ସମସ୍ତ ଆଦେଶକୁ ଅନୁସରଣ କରିବେ ଏବଂ ଶୃଙ୍ଖଳା ବଜାୟ ରଖିବେ।

(c) ପରୀକ୍ଷାର୍ଥୀ କୌଣସି ପରୀକ୍ଷା ନିୟମ ଭଙ୍ଗ କରିବେ ନାହିଁ।

(d) ପରୀକ୍ଷାର୍ଥୀ ପରୀକ୍ଷାରେ କୌଣସି ଅସାଧୁ କାର୍ଯ୍ୟ କରିବେ ନାହିଁ କିମ୍ବା ଅସାଧୁ କାର୍ଯ୍ୟକୁ ଉତ୍ସାହିତ କରିବେ ନାହିଁ।

(e) ଯଦି ପ୍ରାର୍ଥୀ ଆଉ ଜଣେ ପରୀକ୍ଷାର୍ଥୀ ଅସାଧୁ କାର୍ଯ୍ୟ କରୁଥିବାର ଦେଖେ, ତାହା ସାଙ୍ଗେ ସାଙ୍ଗେ ପରୀକ୍ଷକଙ୍କୁ ଜଣାଇବେ।

(f) ପରୀକ୍ଷା କେନ୍ଦ୍ରକୁ ପରୀକ୍ଷାର୍ଥୀମାନେ କେବଳ ଏହିଗୁଡିକୁ ଆଣିପାରିବେ।

- **ପାସ୍‌ପୋର୍ଟ ସାଇଜ୍ ଫଟୋ ଲଗାଯାଇଥିବା ପ୍ରବେଶ ପତ୍ର।**
- **ଉପସ୍ଥାନ ସିଟ୍‌ରେ ଲାଗିବାକୁ ଥିବା ଗୋଟିଏ ପାସ୍‌ପୋର୍ଟ ଆକାରର ଫଟୋ।**
- **ବୈଧ ମୂଳ ପ୍ରମାଣ ପତ୍ର, PwD ପ୍ରମାଣପତ୍ର ଆବଶ୍ୟକ ହେଉଥିଲେ।**
- **ଧଳା ପୃଷ୍ଠତଳ ଥାଇ ଗୋଟିଏ ପୋଷ୍ଟକାର୍ଡ ସାଇଜ୍ (୪x୬ ଇଞ୍ଚ)ର ରଙ୍ଗୀନ ଫଟୋକୁ ଆଡ୍‌ମିଟ୍ କାର୍ଡ ସଙ୍ଗେ ଡାଉନ୍‌ଲୋଡ୍ ହୋଇଥିବା ପ୍ରୋଫର୍ମା ଉପରେ ଲଗାଇ ପରୀକ୍ଷା କେନ୍ଦ୍ରରେ ନିରୀକ୍ଷକଙ୍କୁ ଦେବାକୁ ହେବ।**

***ନୋଟ୍ : ଯେଉଁ ପ୍ରାର୍ଥୀ ପୋଷ୍ଟକାର୍ଡ ସାଇଜ୍ (୪x୬ ଇଞ୍ଚ)ର ରଙ୍ଗୀନ ଫଟୋଲଗା ଡାଉନ୍‌ଲୋଡ୍ ହୋଇଥିବା ପ୍ରୋଫର୍ମା ଏବଂ ଗୋଟିଏ ପାସ୍‌ପୋର୍ଟ ସାଇଜ୍ ଫଟୋଗ୍ରାଫ୍ ସାଙ୍ଗରେ ଆଣିନଥିବେ, ସେମାନଙ୍କୁ ପରୀକ୍ଷାରେ ବସିବା ପାଇଁ ଦିଆଯିବ ନାହିଁ ଏବଂ ଏହା ତାଙ୍କର ଅଯୋଗ୍ୟତା ପାଇଁ ବାଟ କଢ଼େଇବ।***

(g) ବାରଣ କରାଯାଇଥିବା କୌଣସି ବସ୍ତୁ ପରୀକ୍ଷା କେନ୍ଦ୍ରକୁ ଆଣିବେ ନାହିଁ।

(h) ଅନୁସନ୍ଧାନ କରୁଥିବା କର୍ମଚାରୀଙ୍କୁ ସହଯୋଗ କରିବେ।

(i) ପରୀକ୍ଷାର୍ଥୀମାନେ ପରୀକ୍ଷା କେନ୍ଦ୍ରରେ ବହୁ ପୂର୍ବରୁ ବାଧ୍ୟତାମୂଳକ ଶାରିରୀକ ଅନୁସନ୍ଧାନ ପାଇଁ ପହଞ୍ଚିବେ।

(j) **ପରୀକ୍ଷାର୍ଥୀନିଟ୍ (ଇଉଜି) ୨୦୨୦ ପରୀକ୍ଷା ପାଇଁ ନିର୍ଦ୍ଧାରିତ ପୋଷାକ ନିୟମ ଅନୁସରଣ କରିବେ। ଯଦି ପ୍ରାର୍ଥୀମାନେ ବିଶେଷ ଢଙ୍ଗର ପୋଷାକ ପିନ୍ଧିଥିବେ, ତେବେ ସେମାନେ ପରୀକ୍ଷା ଦିନ ଅପରାହ୍ନ ୧୨.୩୦ ସୁଦ୍ଧା ଆବଣ୍ଟିତ ପରୀକ୍ଷା କେନ୍ଦ୍ରରେ ଉପସ୍ଥାନ ଜଣାଇବେ।**

(k) **ପରୀକ୍ଷା ବିଷୟରେ କୌଣସି ଅପ୍‌ଡେଟ୍ ସୂଚନା ପାଇବା ପାଇଁ ପ୍ରାର୍ଥୀମାନେ ନିୟମିତ ଭାବେ ୱେବ୍‌ସାଇଟ୍ (ntaneet.nic.in)କୁ ପରିଦର୍ଶନ କରନ୍ତୁ। ଆଉ ମଧ୍ୟ ପଞ୍ଜିକୃତ ଇ-ମେଲ୍ ଓ ଏସ୍‌ଏମ୍‌ଏସ୍ ଦେଖନ୍ତୁ।**

୨. ଯଦି ଆପଣଙ୍କର ସନ୍ତାନ, ଉପରୋକ୍ତ କୌଣସି ନିୟମକୁ ଭଙ୍ଗ କରେ, ତେବେ ପରୀକ୍ଷା କେନ୍ଦ୍ରରେ ପ୍ରବେଶ ଏବଂ ପରୀକ୍ଷା ଦେବାପାଇଁ ଅନୁମତି ପାଇବେ ନାହିଁ।

୩. ଯଦି ଆପଣଙ୍କର ସନ୍ତାନ କୌଣସି ଅଦରକାରୀ କାର୍ଯ୍ୟକଳାପରେ ଲିପ୍ତ ରୁହନ୍ତି, ତେବେ ନିୟମ ଅନୁଯାୟୀ, ସେ ଏ ପରୀକ୍ଷା ଦେବାରୁ ବାଦ୍ ପଡିବେ ଏବଂ ଅପରାଧି କାର୍ଯ୍ୟ ପାଇଁ ଆଇନ୍ ଅନୁସାରେ ବାଧିତ ହେବ / କିମ୍ବା ଏନ୍.ଟି.ଏ ଦ୍ୱାରା ବିବେଚିତ ଉପଯୁକ୍ତ ପଦକ୍ଷେପ ନିଆଯିବ।

୪. **ନିଶ୍ଚିତ ରୁହନ୍ତୁ, ତୁମର ସନ୍ତାନ ପରୀକ୍ଷା ଦିନ ଅପରାହ୍ନ ୧.୩୦ ପୂର୍ବରୁ ପରୀକ୍ଷା କେନ୍ଦ୍ରରେ ପହଞ୍ଚିବ। ସେଥିପାଇଁ ଟ୍ରାଫିକ୍ ଅବସ୍ଥା, ପରୀକ୍ଷା କେନ୍ଦ୍ରର ଅବସ୍ଥିତି, ପାଣିପାଗ ଅବସ୍ଥାକୁ ଦେଖି ଆଗରୁ ଘରୁ ବାହାରିବା ଉଚିତ୍। ଗୋଟିଏ ଦିନ ପୂର୍ବରୁ ପରୀକ୍ଷା କେନ୍ଦ୍ର ପରିଦର୍ଶନ କରି, କେନ୍ଦ୍ରର ଦୂରତା, ଅବସ୍ଥିତି ସମ୍ବନ୍ଧରେ ଜାଣିନେବା ଭଲ ହେବ। ଯାହାଫଳରେ ପରୀକ୍ଷା କେନ୍ଦ୍ରରେ ବିଳମ୍ବରେ ପହଞ୍ଚିବା ଏବଂ ଅନୁମତି ନ ମିଳିବାରୁ ରକ୍ଷା ପାଇବେ।**

# ପରିଚ୍ଛଦ -୧୦
# ପ୍ରବେଶ ପତ୍ର
## ADMIT CARD

ସମସ୍ତ ଯୋଗ୍ୟତା ପୂରଣ କରିଥିଲେ, ସାମୟିକ ଭାବେ ପ୍ରାର୍ଥୀମାନଙ୍କୁ ପ୍ରବେଶ ପତ୍ର ଯୋଗାଇ ଦିଆଯାଇଥାଏ।

ପ୍ରାର୍ଥୀ ମାର୍ଚ୍ଚ ୨୭, ୨୦୨୦ ପରେ ଏନ୍.ଟି.ଏ ୱେବସାଇଟ୍‌ରୁ ପ୍ରବେଶ ପତ୍ର ଡାଉନ୍‌ଲୋଡ କରିବେ ଏବଂ ଏଥିରେ ଥିବା ପରୀକ୍ଷାକେନ୍ଦ୍ର, ତାରିଖ ଏବଂ ସମୟରେ ପରୀକ୍ଷାରେ ଉପସ୍ଥିତ ହେବେ।

**ପ୍ରବେଶ ପତ୍ରରେ ଦିଆଯାଇଥିବା ପରୀକ୍ଷା କେନ୍ଦ୍ର, ତାରିଖ ଓ ସମୟ ବ୍ୟତୀତ ଅନ୍ୟ ସ୍ଥାନରେ ପରୀକ୍ଷା ଦେବାପାଇଁ କୌଣସି ପରୀକ୍ଷାର୍ଥୀଙ୍କୁ ଅନୁମତି ମିଳିବ ନାହିଁ।**

ଯଦି ପରୀକ୍ଷାର୍ଥୀ ୱେବସାଇଟ୍‌ରୁ ପ୍ରବେଶ ପତ୍ର ଡାଉନ୍‌ଲୋଡ୍ କରିବାକୁ ଅସମର୍ଥ ହୁଅନ୍ତି, ତେବେ ସେମାନେ ୨୭ ମାର୍ଚ୍ଚ ୨୦୨୦ ଠାରୁ ୧୦ ଏପ୍ରିଲ୍ ୨୦୨୦ ପର୍ଯ୍ୟନ୍ତ ୧୦ ଟାରୁ ୫ଟା ମଧ୍ୟରେ ହେଲ୍‌ପ ଲାଇନ୍‌ର ସାହାଯ୍ୟ ନେବେ।

ସୂଚନା ପୁସ୍ତିକା ଏବଂ ପ୍ରବେଶ ପତ୍ରରେ ଥିବା ନିର୍ଦ୍ଦେଶକୁ ଯତ୍ନ ସହକାରେ ପଢିନେବାକୁ ଏବଂ ସେସବୁକୁ ପରୀକ୍ଷା ସମୟରେ ଅନୁସରଣ କରିବାକୁ ପରୀକ୍ଷାର୍ଥୀମାନଙ୍କୁ ଉପଦେଶ ଦିଆଯାଉଅଛି।

ପରୀକ୍ଷାର୍ଥୀଙ୍କର ପ୍ରବେଶ ପତ୍ର ଏବଂ ପୃଷ୍ଠିପୃଷ୍ଠାରେ ଫଟୋ ଓ ଦସ୍ତଖତରେ ଯଦି କିଛି ଅମେଳ ଥାଏ, ସାଙ୍ଗେ ସାଙ୍ଗେ ହେଲ୍‌ପ ଲାଇନ୍‌ର ସହାୟତା ପାଇଁ ୧୦ଟାରୁ ୫ ଟା ପର୍ଯ୍ୟନ୍ତ  ୨୭ ମାର୍ଚ୍ଚରୁ ୧୦ ଏପ୍ରିଲ, ୨୦୨୦ ମଧ୍ୟରେ ଯୋଗାଯୋଗ କରିପାରିବେ। ଏହି କ୍ଷେତ୍ରରେ ପରୀକ୍ଷାର୍ଥୀ ଡାଉନ୍‌ଲୋଡ କରିଥିବା ପ୍ରବେଶ ପତ୍ରଦ୍ୱାରା ପରୀକ୍ଷା ଦେଇପାରିବେ। ପରବର୍ତ୍ତି ସମୟରେ ଏନ୍.ଟି.ଏ ଆବଶ୍ୟକୀୟ ସଂଶୋଧନ ପାଇଁ ପଦକ୍ଷେପ ନେବ।

**ଧ୍ୟାନ ଦିଅନ୍ତୁ:**

(a) ପ୍ରାର୍ଥୀମାନେ ଦୟାକରି ଧ୍ୟାନ ଦିଅନ୍ତୁ ଯେ, ଆର୍ଡ଼ମିଟ୍ ଡାକ ଦ୍ୱାରା ପଠାଯିବ ନାହିଁ।

(b) କୌଣସି ପରିସ୍ଥିତିରେ, ପରୀକ୍ଷା କେନ୍ଦ୍ର ଗୁଡ଼ିକରେ NEET (UG)-2020 ପାଇଁ ଡୁପ୍ଲିକେଟ୍ ଆର୍ଡ଼ମିଟ୍ କାର୍ଡ ପ୍ରଦାନ କରାଯାଇ ପାରିବନି।

(c) ପ୍ରାର୍ଥୀମାନେ ଆର୍ଡମିଟ୍ କାର୍ଡକୁ ଲୋଚାକୋଚା କିମ୍ବା ସେଥିରେ ଥିବା ଲେଖାରେ କୌଣସି ପରିବର୍ତ୍ତନ ନ କରିବା ବିଧେୟ।

(d) ପ୍ରାର୍ଥୀମାନଙ୍କୁ ପରାମର୍ଶ ଦିଆଯାଉଛି କି, ଭବିଷ୍ୟତରେ ସମ୍ବନ୍ଧ ଉଲ୍ଲେଖ ପାଇଁ ଆଡ୍‌ମିଟ୍ କାର୍ଡକୁ ଉନ୍ନତ ଅବସ୍ଥାରେ ସାଇତି ରଖନ୍ତୁ।

(e) ଯେଉଁ ପ୍ରାର୍ଥୀମାନଙ୍କର ଆବେଦନ ପତ୍ର ଯେ କୌଣସି କାରଣବସତଃ (ଅସ୍ୱଷ୍ଟ / ସନ୍ଦେହଯୁକ୍ତ ଫଟୋ / ଦସ୍ତଖତ ନଥିବା ଆବେଦନ ପତ୍ର ଅନ୍ତର୍ଭୁକ୍ତ) କିମ୍ବା ଯେଉଁ ପ୍ରାର୍ଥୀମାନେ ପରୀକ୍ଷା ପାଇଁ ଯୋଗ୍ୟତା ମାନଦଣ୍ଡ ପୂରଣ କରୁନାହାଁନ୍ତି ସେମାନଙ୍କୁ ଆର୍ଡମିଟ୍ କାର୍ଡ ପ୍ରଦାନ କରାଯିବ ନାହିଁ।

(f) ତା' ସତ୍ତ୍ୱେ, ଆର୍ଡମିଟ୍ କାର୍ଡ ପ୍ରଦାନ ଜରୁରୀ ନୁହେଁ କି ପ୍ରାର୍ଥୀଙ୍କର ଯୋଗ୍ୟତା ଆଡ଼ମିଶନର ପରବର୍ତ୍ତୀ ଚରଣରେ ଗ୍ରହଣୀୟ ଯାହାକି ଜାଞ୍ଚ କରାଯିବ।

# ପରିଚ୍ଛଦ -୧୧

## ପରୀକ୍ଷା ହଲରେ ଅନୁସୃତ ନିର୍ଦ୍ଦେଶାବଳୀ

### INSTRUCTIONS TO BE FOLLOWED IN THE EXAMINATION HALL

(a) ସାଧାରଣ ପରୀକ୍ଷା କେନ୍ଦ୍ରଟି ପରୀକ୍ଷା ଆରମ୍ଭର ଦୁଇ (02) ଘଣ୍ଟା ପୂର୍ବରୁ ଖୋଲାଯିବ । କୌଣସି ପରୀକ୍ଷାର୍ଥୀ ଅପରାହ୍ଣ ୧.୩୦ ପଶ୍ଚାତ୍ ପରୀକ୍ଷା କେନ୍ଦ୍ରକୁ ପ୍ରବେଶ ପାଇଁ ଅନୁମତି ଦିଆଯିବ ନାହିଁ । ତେଣୁ ପରୀକ୍ଷାର୍ଥୀମାନେ ସମସ୍ତ ତଥ୍ୟ ଯଥା ରାସ୍ତାଭିଡ, ପରୀକ୍ଷା କେନ୍ଦ୍ରରେ ଅବସ୍ଥାନ, ପାଣିପାଗ ଅବସ୍ଥା, ଇତ୍ୟାଦିକୁ ବିଚାର କରି ଯଥେଷ୍ଟ ସମୟ ପୂର୍ବରୁ ଘରୁ ବାହାରିବା ନିଶ୍ଚିନ୍ତ କରନ୍ତୁ । ଆଶା କରାଯାଉଛି ଯେ ପରୀକ୍ଷାର୍ଥୀମାନେ ପରୀକ୍ଷା ହଲ୍ ଖୋଲିବା ମାତ୍ରେ ତତ୍‌କ୍ଷଣାତ ସେମାନଙ୍କର ଆସନରେ ଅଳଂକୃତ କରିବେ ।

| | |
|---|---|
| **ପରୀକ୍ଷା ତାରିଖ** | **୦୩।୦୫।୨୦୨୦ (ରବିବାର)** |
| **ପରୀକ୍ଷା ସମୟ ଏବଂ ଅବଧି** | **ଅପରାହ୍ଣ ୨ଟାରୁ ୫ଟା (୩ ଘଣ୍ଟା)** |
| • ପରୀକ୍ଷା ହଲ୍‌ରେ ଅନ୍ତିମ ପ୍ରବେଶ | ଅପରାହ୍ଣ ୧.୩୦ |
| • ପରୀକ୍ଷା ହଲ୍ / ଗୃହରେ ଆସନ ଗ୍ରହଣ । | ଅପରାହ୍ଣ ୧.୧୫ ଠାରୁ |
| • ନିରୀକ୍ଷକଙ୍କ ଦ୍ୱାରା ଆଡ୍‌ମିଟ୍ କାର୍ଡ ଯାଞ୍ଚ ଏବଂ ଗୁରୁତ୍ୱପୂର୍ଣ୍ଣ ନିର୍ଦ୍ଦେଶାବଳୀ ଘୋଷଣା । | ଅପରାହ୍ଣ ୧.୩୦ରୁ ୧.୪୫ |
| • ନିରୀକ୍ଷକଙ୍କ ଦ୍ୱାରା ପ୍ରଶ୍ନ ପୁସ୍ତିକା ବଣ୍ଟନ | ଅପରାହ୍ଣ ୧.୪୫ |
| • ପରୀକ୍ଷାର୍ଥୀଙ୍କ ଦ୍ୱାରା ପ୍ରଶ୍ନ ପୁସ୍ତିକା ଉପରେ ନିର୍ଦ୍ଦିଷ୍ଟ ବିବରଣୀ ଲିଖନ । | ଅପରାହ୍ଣ ୧.୫୦ |
| **ପରୀକ୍ଷା ଆରମ୍ଭ** | **ଅପରାହ୍ଣ ୨.୦୦** |
| **ପରୀକ୍ଷା ଶେଷ** | **ଅପରାହ୍ଣ ୫.୦୦** |

(b) ପରୀକ୍ଷା ହଲ୍‌ରେ ପ୍ରବେଶ ପାଇଁ ପରୀକ୍ଷାର୍ଥୀମାନଙ୍କୁ ମଗାଯାଇଥିବା ଆଡ୍‌ମିଟ୍ କାର୍ଡ ଦେଖାଇବାକୁ ହେବ । ଯେଉଁ ପରୀକ୍ଷାର୍ଥୀଙ୍କର ଆଡ୍‌ମିଟ୍ କାର୍ଡ ନଥିବ,ସେମାନଙ୍କୁ ପରୀକ୍ଷା ହଲ୍‌ରେ ପ୍ରବେଶ ପାଇଁ କେନ୍ଦ୍ର ଅଧୀକ୍ଷକ ଅନୁମତି ଦେବେ ନାହିଁ ।

(c) ପ୍ରତ୍ୟେକ ପରୀକ୍ଷାର୍ଥୀଙ୍କୁ ରୋଲ୍ ନମ୍ବର ସହ ଗୋଟିଏ ସିଟ୍ ଆବଣ୍ଟନ କରାଯିବ । ପରୀକ୍ଷାର୍ଥୀ ସେମାନଙ୍କର ଆବଣ୍ଟିତ ସିଟ୍‌କୁ ଖୋଜିବାକୁ ପଡିବ ଏବଂ ସେଠାରେ ବସିବାକୁ ହେବ । ଯଦି କୌଣସି ପରୀକ୍ଷାର୍ଥୀ ଆବଣ୍ଟିତ ସିଟ୍ ଛଡା ଅନ୍ୟ ସିଟ୍ ବା ରୁମ୍‌ରେ ପରୀକ୍ଷା ଦେଉଥାଆନ୍ତି ତେବେ ସେମାନଙ୍କର ପ୍ରାର୍ଥୀତ୍ୱକୁ ବାତିଲ୍ କରାଯିବ ।

(d) ପରୀକ୍ଷା ଚାଲିଥିବା ସମୟରେ, ନିରିକ୍ଷକ ପ୍ରତ୍ୟେକ ପରୀକ୍ଷାର୍ଥୀଙ୍କର ଆଡ୍‌ମିଟ୍ କାର୍ଡ ଜାଞ୍ଚ କରି ପରିଚୟ ସୁନିଶ୍ଚିନ୍ତ କରିବେ । ନିରିକ୍ଷକମାନେ ଉତ୍ତର ଫର୍ମ୍ଦ ଏବଂ ଉପସ୍ଥାନ ଫର୍ଦ୍ଦରେ ଦିଆଯାଇଥିବା ସ୍ଥାନରେ ଦସ୍ତଖତ କରିବେ ।

(e) **ଯେଉଁ ପରୀକ୍ଷାର୍ଥୀ ଅପରାହ୍ଣ ୧.୩୦ ପରେ ଆସିବେ ସେମାନଙ୍କୁ ପରୀକ୍ଷା କେନ୍ଦ୍ରରେ ପ୍ରବେଶ କରିବା ପାଇଁ କୌଣସି ପରିସ୍ଥିତିରେ ଅନୁମତି ଦିଆଯିବ ନାହିଁ ।**

(f) **ପରୀକ୍ଷା ଦିନ ପରୀକ୍ଷା କେନ୍ଦ୍ରକୁ ପରୀକ୍ଷାର୍ଥୀ କେବଳ ନିମ୍ନଲିଖିତ ଦସ୍ତାବିଜଗୁଡିକ ଆଣିବେ । ଯେଉଁ ପରୀକ୍ଷାର୍ଥୀ ଉକ୍ତ ଦସ୍ତାବିଜଗୁଡିକ ଆଣିବେ ନାହିଁ ସେମାନଙ୍କୁ ପରୀକ୍ଷା ହଲରେ ବସିବାକୁ ଅନୁମତି ପ୍ରାପ୍ତ ହେବ ନାହିଁ ।**

- NTA ୱେବ୍‌ସାଇଟ୍‌ରୁ ଡାଉନ୍‌ଲୋଡ୍ ହୋଇଥିବା ଆଡ୍‌ମିଟ୍ କାର୍ଡର ପ୍ରିଣ୍ଟେଡ୍ କପି ସହ ପାସ୍‌ପୋର୍ଟ ସାଇଜ୍ ଫଟୋ (ଅପ୍‌ଲୋଡ୍ ହୋଇଥିବା ଆବେଦନ ପତ୍ରରେ ଲଗାଯାଇଥିବା ଫଟୋ ଭଳି) ।
- NEET (UG-2020) ପରୀକ୍ଷା କେନ୍ଦ୍ରରେ ପରୀକ୍ଷା ଚାଲୁଥିବା ସମୟରେ ଗୋଟିଏ ପାସ୍‌ପୋର୍ଟ ସାଇଜ୍ ଫଟୋଗ୍ରାଫ୍ (ଅନ୍‌ଲାଇନ୍ ଆବେଦନ ପତ୍ରରେ ଲଗାଯାଇଥିବା ଫଟୋ ସହ ସମାନ) ଆଟେଣ୍ଡାନ୍ସ ସିଟ୍‌ର ନିର୍ଦ୍ଦିଷ୍ଟ ସ୍ଥାନରେ ଲଗାଇବା ପାଇଁ ।
- **ଧଳା ପୃଷ୍ଠଭୂମି ଥିବା (୪ଗ୬ଇଞ୍ଚ) ଆକାରର ପୋଷ୍ଟକାର୍ଡ ସାଇଜ୍ ଫଟୋକୁ ଆଡ୍‌ମିଟ୍ କାର୍ଡ ସହ ଡାଉନ୍‌ଲୋଡ୍ ହୋଇଥିବା ପ୍ରୋଫର୍ମାରେ ଲଗାଯିବ । ପରୀକ୍ଷା ହଲ୍‌ରେ ଉକ୍ତ ପୋଷ୍ଟକାର୍ଡ ସାଇଜ୍ ଫଟୋଲଗା ପ୍ରୋଫର୍ମାଟିକୁ ନିରୀକ୍ଷକଙ୍କୁ ପ୍ରଦାନ କରିବାକୁ ହେବ ।**

- ଯେ କୌଣସି ସ୍ୱୀକୃତିପ୍ରାପ୍ତ ଫଟୋ ପରିଚୟ ପତ୍ର (ମୂଳ ଏବଂ ବୈଧ) ଯଥା ପ୍ୟାନ୍ କାର୍ଡ / ଡ୍ରାଇଭିଙ୍ଗ୍ ଲାଇସେନ୍ସ / ଭୋଟର ପରିଚୟପତ୍ର /ପାସ୍‌ପୋର୍ଟ / ଆଧାର କାର୍ଡ (ଫଟୋ ସହିତ) / ରେସନ୍ କାର୍ଡ / ବୋର୍ଡ ଦ୍ୱାରା ଜାରି ଦ୍ୱାଦଶ ଶ୍ରେଣୀ ରୋଲନମ୍ବର/ ଅନ୍ୟ କୌଣସି ସରକାରୀ ଫଟୋ ପରିଚୟ ପତ୍ର।
- PwD ଶ୍ରେଣୀ ଅନ୍ତର୍ଭୁକ୍ତ କୋହଳ ଦାବି ପାଇଁ କ୍ଷମତାପ୍ରାପ୍ତ ଅଧିକାରୀଙ୍କ ଦ୍ୱାରା ପ୍ରଦତ୍ତ PwD ପ୍ରମାଣ ପତ୍ର।
- ନିଜ ଲିପିକାର ପାଇଁ ଅଣ୍ଡରଟେକିଙ୍ଗ୍ ପତ୍ର।

(g) ପ୍ରାର୍ଥୀଙ୍କୁ କୌଣସି ବର୍ଜିତ ବସ୍ତୁ ବା ଅନ୍ୟ କୌଣସି ବସ୍ତୁ ଯାହାକୁ ଅନୁଚିତ ବ୍ୟବହାର ପାଇଁ ଉପଯୋଗ କରାଯାଇପାରିବ ଆଣିବାପାଇଁ ମନା। ପରୀକ୍ଷା କେନ୍ଦ୍ର ପରିସରରେ ପ୍ରାର୍ଥୀଙ୍କ ପାଖରେ ଥିବା ଏହି ପ୍ରକାରର କୌଣସି ବସ୍ତୁ ପ୍ରାପ୍ତ ହେଲେ ଅନୁଚିତ ପ୍ରଥାଜନିତ ଦଣ୍ଡକୁ ଆକର୍ଷିତ କରିବ।

(h) ପ୍ରାର୍ଥୀମାନଙ୍କୁ ପରାମର୍ଶ ଦିଆଯାଉଛି ଯେ, ସେମାନେ ସ୍ୱଇଚ୍ଛାରେ କୌଣସି ବର୍ଜିତ ବସ୍ତୁକୁ ପରୀକ୍ଷା ସ୍ଥଳକୁ ଆଣନ୍ତୁ ନାହିଁ କାରଣ ସେଗୁଡ଼ିକୁ ନିରାପଦରେ ରଖିବାପାଇଁ କୌଣସି ବ୍ୟବସ୍ଥା କରାଯିବ ନାହିଁ ଏବଂ ପ୍ରାର୍ଥୀମାନଙ୍କ ପାଖରେ ଏସବୁ ବସ୍ତୁ ଥିବାର ଦେଖାଗଲେ ପରୀକ୍ଷା କେନ୍ଦ୍ରକୁ ପ୍ରବେଶ ପାଇଁ ଅନୁମତି ପ୍ରାପ୍ତ ହେବେ ନାହିଁ।

(i) ନିର୍ଘଣ୍ଟ ଅନୁଯାୟୀ ପରୀକ୍ଷା ଶେଷ ନ ହେବା ପର୍ଯ୍ୟନ୍ତ କୌଣସି ପରୀକ୍ଷାର୍ଥୀଙ୍କୁ ସେମାନଙ୍କର ଆସନ ବା ପରୀକ୍ଷା ଗୃହ /ହଲ୍ ଛାଡିପାରିବେ ନାହିଁ। ପ୍ରାର୍ଥୀମାନେ ଦାୟିତ୍ୱରେ ଥିବା ନିରୀକ୍ଷକଙ୍କୁ OMR ଫର୍ଦ୍ଦ ନଦେଇ ପରୀକ୍ଷା ଗୃହ/ହଲ୍ ଛାଡ଼ିପାରିବେ ନାହିଁ।

(j) ପରୀକ୍ଷା କେନ୍ଦ୍ରରେ ଧୂମ୍ରପାନ କରିବା ନିଷେଧ।

(k) ପରୀକ୍ଷା କେନ୍ଦ୍ରକୁ ପ୍ରାର୍ଥୀମାନଙ୍କ ଦ୍ୱାରା ପାଣି ବୋତଲ, ଚା, କଫି, ଥଣ୍ଡା ପାନୀୟ କିମ୍ବା ସ୍ନାକ୍ସ ଆଣିବା ମନା। **ମଧୁମେହ ରୋଗରେ ପିଡୀତ ପରୀକ୍ଷାର୍ଥୀ ସେମାନଙ୍କ ସହ ପରୀକ୍ଷା ହଲକୁ ଖାଇବା ପଦାର୍ଥ (ପୂର୍ବ ସୂଚନା ସହ) ଯଥା ଶର୍କରା ବଟିକା / ଫଳ (କଦଳୀ / ସେଓ /କମଳା ଇତ୍ୟାଦି) ଏବଂ ସ୍ୱଚ୍ଛ ପାଣି ବୋତଲ ଆଣିପାରିବେ। ତା ସତ୍ତ୍ୱେ ସେମାନଙ୍କୁ ସେମାନଙ୍କ ସହ ପ୍ୟାକେଟ୍ ଖାଦ୍ୟ ଯଥା ଚକୋଲେଟ୍ / କ୍ୟାଣ୍ଡି / ସ୍ୟାଣ୍ଡୱିଚ୍ ଇତ୍ୟାଦି ଆଣିପାରିବେ ନାହିଁ।**

(l) ଆଡ଼୍‌ମିଟ୍ କାର୍ଡରେ ଉଲ୍ଲିଖିତ ସମୟ ଅନୁଯାୟୀ ଠିକ୍ ସେହି ସମୟକୁ ପରୀକ୍ଷା ଆରମ୍ଭ ହେବ ଏବଂ ଏହି ମର୍ମରେ ଏକ ଘୋଷଣା ପରୀକ୍ଷା ନିରିକ୍ଷକଙ୍କ ଦ୍ୱାରା କରାଯିବ।

(m) ପରୀକ୍ଷା ଆରମ୍ଭ ପୂର୍ବରୁ, ପରୀକ୍ଷା ନିରିକ୍ଷକଙ୍କ ଦ୍ୱାରା ମହତ୍ତ୍ୱପୂର୍ଣ୍ଣ ନିର୍ଦ୍ଦେଶ ଗୁଡ଼ିକୁ ଶକ୍ତ ପାଳନ ପାଇଁ ଜଣାଇ ଦିଆଯିବ।

(n) **ପରୀକ୍ଷା ଆରମ୍ଭରେ ଏବଂ ଅଧା ସମୟରେ ଏକ ସଂକେତ ଦିଆଯିବ। ଆଉ ମଧ୍ୟ ଏକ ସଂକେତ ପରୀକ୍ଷା ଶେଷ ପୂର୍ବରୁ ଦିଆଯିବ ଯେତେବେଳେ ପରୀକ୍ଷାର୍ଥୀଙ୍କୁ ଉତ୍ତର ଗୁଡ଼ିକୁ ଚିହ୍ନିତ କରିବା ବନ୍ଦ କରିବେ।**

(o) ପରୀକ୍ଷାର୍ଥୀମାନଙ୍କୁ ଉପସ୍ଥାନ ଫର୍ଦ୍ଦରେ ଉଲ୍ଲିଖିତ ସ୍ଥାନରେ ଦୁଇଥର ଦସ୍ତଖତ କରିବାକୁ ହେବ, ପ୍ରଥମେ ପରୀକ୍ଷା ଆରମ୍ଭ ମାତ୍ରେ ଏବଂ ଦ୍ୱିତୀୟରେ ଯେତେବେଳେ ଉତ୍ତର ଫର୍ଦ୍ଦକୁ ପରୀକ୍ଷା ନିରିକ୍ଷକଙ୍କୁ ଦେବେ। ଆଉ ମଧ୍ୟ ପରୀକ୍ଷାର୍ଥୀଙ୍କୁ ଉପସ୍ଥାନ ଫର୍ଦ୍ଦର ଉଦ୍ଦିଷ୍ଟ ସ୍ଥାନରେ ସେମାନଙ୍କର ଆଙ୍ଗୁଠି ଛାପ ଦେବେ।

(p) ପ୍ରାର୍ଥୀମାନେ ଜାଞ୍ଚ କରିବେ ଏବଂ ସୁନିଶ୍ଚିତ ହେବେ ଯେ ପରୀକ୍ଷା ପୁସ୍ତିକାଟି ଉପର ପୃଷ୍ଠାର ଶୀର୍ଷରେ ଲେଖା ଅନୁଯାୟୀ ପୃଷ୍ଠା ବହନ କରୁଛି।

(q) କୌଣସି କାରଣ ବଶତଃ ପରୀକ୍ଷା ପାଇଁ ନିର୍ଦ୍ଧାରିତ ତାରିଖରେ ଦେଇପାରି ନଥିବା ପ୍ରାର୍ଥୀମାନଙ୍କ ପାଇଁ କୌଣସି ପରିସ୍ଥିତିରେ NTA ଦ୍ୱାରା ପୁନଃ ପରୀକ୍ଷଣ ଅନୁଷ୍ଠିତ ହେବନାହିଁ।

(r) NTA ଦ୍ୱାରା ନିର୍ଦ୍ଦେଶ ଅନୁଯାୟୀ ପରୀକ୍ଷା କେନ୍ଦ୍ରରେ ଡାଇବେଟିକ୍ ରୋଗରେ ପ୍ରପୀଡ଼ିତ ପ୍ରାର୍ଥୀଙ୍କର ଯତ୍ନ ନିଆଯିବ।

# ପରିଚ୍ଛଦ -୧୨

## ଅସତ୍ ଉପାୟ, ପ୍ରଥା ଏବଂ ପରୀକ୍ଷା ନିୟମାବଳୀ ଉଲଂଘନ ସଂଜ୍ଞା

## UNFAIRMEANS, PRACTICES AND BREACH OF EXAMINATION RULES DEFINITION

**ସଂଜ୍ଞା :**

**ଅସତ୍ ଉପାୟ ଅବଲମ୍ବନ ଏବଂ ଗତିବିଧି ଯାହା ଜଣେ ପରୀକ୍ଷାର୍ଥୀଙ୍କୁ ଅନ୍ୟ ପରୀକ୍ଷାର୍ଥୀଙ୍କ ତୁଳନାରେ ଅନୁଚିତ ସୁବିଧା ପ୍ରଦାନ କରିଥାଏ । ଏଥିରେ ଅନ୍ତର୍ଭୁକ୍ତ, କିନ୍ତୁ ସୀମିତ ନୁହେଁ, କାରଣଗୁଡିକ ହେଲା:-**

(a) ନିଜ ପାଖରେ ଥିବା କୌଣସି ବର୍ଜିତ ବସ୍ତୁ ବା ଲେଖା ଏବଂ କୌଣସି ଅସତ୍ ଉପାୟ ଅବଲମ୍ବନରେ ସହାୟକ ହେଉଥିବା ବସ୍ତୁ ଯାହା ପରୀକ୍ଷା ପ୍ରଶ୍ନ ସହ ସଂପର୍କିତ ହୋଇଥାଉ ବା ନାହିଁ ଯେ କୌଣସି କ୍ଷେପସନାରୀ ଜିନିଷ, ଯୋଗାଯୋଗ ଯନ୍ତ୍ର, ଉପକରଣ, ଖାଇବା ପଦାର୍ଥ, ଗହଣା କିମ୍ବା ଅନ୍ୟ କୌଣସି ବସ୍ତୁ ବା ଲେଖା ।

(b) ଅନ୍ୟ ବ୍ୟକ୍ତିଙ୍କ ଦ୍ୱାରା ପରୀକ୍ଷାରେ ଲେଖେଇବା (ପରରୂପଧାରଣ) କିମ୍ବା ନକଲ କରିବାପାଇଁ ଉପକରଣ ତିଆରି କରିବା ।

(c) ପରୀକ୍ଷା ନିୟମ କିମ୍ବା ବିଭିନ୍ନ ସମୟରେ ଦିଆଯାଇଥବା NEET (UG)-2020 ପରୀକ୍ଷା ଚାଳନା ସମ୍ବନ୍ଧୀୟ NTA ଦ୍ୱାରା ଜାରି କରାଯାଇଥିବା ନିର୍ଦ୍ଦେଶର ଉଲଂଘନ ।

(d) ପ୍ରତ୍ୟକ୍ଷ ବା ପରୋକ୍ଷ ଭାବରେ ଯେ କୌଣସି ସାହାଯ୍ୟ ପ୍ରଦାନ କରିବା ବା ସାହାଯ୍ୟ ପ୍ରାପ୍ତ କରିବା କିମ୍ବା ଏ ସମ୍ବନ୍ଧୀୟ କାର୍ଯ୍ୟରେ ପ୍ରଚେଷ୍ଟା କରିବା ବା ଅନ୍ୟ ପରୀକ୍ଷାର୍ଥୀମାନଙ୍କୁ ଅସତ୍ ଉପାୟ ଅବଲମ୍ବନରେ ସାହାଯ୍ୟ କରିବା ।

(e) କେନ୍ଦ୍ର ଅଧିକ୍ଷକ ଦ୍ୱାରା ଉତ୍ତର ଲେଖିବା ପାଇଁ ଦତ୍ତ ଉତ୍ତର ଫର୍ଦ୍ଦ ବ୍ୟତୀତ ଅନ୍ୟ କୌଣସି ପ୍ରଶ୍ନ କିମ୍ବା ଉତ୍ତର ଲେଖିବା ।

(f) ଉତ୍ତର ଫର୍ଦ୍ଦ କିମ୍ବା ପ୍ରଶ୍ନ ପୁସ୍ତିକାର କୌଣସି ପୃଷ୍ଠାକୁ ଚିରିବା ।

(g) ପରୀକ୍ଷା କେନ୍ଦ୍ରରେ ପରୀକ୍ଷା ଚାଲିଥିବା ସମୟରେ ପରୀକ୍ଷା କର୍ମଚାରୀଙ୍କ ବ୍ୟତୀତ ଅନ୍ୟ କୌଣସି ବ୍ୟକ୍ତିଙ୍କ ସହ ଯୋଗାଯୋଗ କିମ୍ବା ସଂପର୍କ ସ୍ଥାପନ ଅଥବା ତାହା କରିବାପାଇଁ ଚେଷ୍ଟା କରିବା ।

(h) ଉତ୍ତର ଫର୍ଦ୍ଦକୁ ପରୀକ୍ଷା ହଲ୍ / ଗୃହରୁ ନେଇ ପକାଇବା ।

(i) ପ୍ରଶ୍ନପତ୍ର କିମ୍ବା ଏହାର କୌଣସି ଅଂଶକୁ ବା ଚୋରାଇ ନେବା ବା ଉତ୍ତର ଫର୍ଦ୍ଦ କିମ୍ବା ଏହାର ଏକ ଅଂଶକୁ ଚୋରାଇ ନେବା ।

(j) ପରୀକ୍ଷା ପରିଚାଳନା ସହ ସମ୍ପୃକ୍ତ କୌଣସି ଅଧିକାରୀ କିମ୍ବା କୌଣସି ପରୀକ୍ଷାର୍ଥୀଙ୍କୁ ଧମକ ଦେବା;

(k) ପରୀକ୍ଷା ସମ୍ବନ୍ଧୀୟ କୌଣସି ଅବାଞ୍ଛିତ ପଦ୍ଧତି ବା ଉପାୟକୁ ଉପଯୋଗ କରିବା ବା ଉପଯୋଗ ପାଇଁ ଚେଷ୍ଟା କରିବା;

(l) ଅନ୍‌ଲାଇନ ଦସ୍ତାବିଜ ଗୁଡିକ ଯଥା ଆଡ୍‌ମିଟ୍ କାର୍ଡ, ର୍ୟାଙ୍କ ପତ୍ର, ସ୍ୱୟଂ ଘୋଷଣା ପତ୍ର ଇତ୍ୟାଦିର ହେରଫେର ଏବଂ ପ୍ରସ୍ତୁତ କରିବା;

(m) ଜବରଦସ୍ତି ପରୀକ୍ଷା କେନ୍ଦ୍ର / ହଲ୍‌କୁ ପ୍ରବେଶ / ପ୍ରସ୍ଥାନ କରିବା;

(n) ପରୀକ୍ଷା କେନ୍ଦ୍ରରେ ପ୍ରବେଶ ପରେ କୌଣସି ପ୍ରକାର ଇଲେକ୍‌ଟ୍ରୋନିକ୍ ଯନ୍ତ୍ରପାତିର ବ୍ୟବହାର ପାଇଁ ପ୍ରୟାସ କରିବା;

(o) ଆବେଦନ ପତ୍ର / ଆଡ୍‌ମିଟ୍ କାର୍ଡ଼ / ପ୍ରୋଫର୍ମାରେ ଭୁଲ୍/ବଦଳା ଯାଇଥିବା ଫଟୋ ଲଗାଇବା ବା ଅପଲୋଡ କରିବା;

(p) OMR ଫର୍ଦ୍ଦରେ ଛପାଯାଇଥିବା କୌଣସି ତଥ୍ୟକୁ ଘଷି ଲିଭାଇଦେବା ବା ନିଶ୍ଚିହ୍ନ କରିଦେବା;

(q) ଉତ୍ତର ଫର୍ଦ୍ଦରେ ଭୁଲ୍ ତଥ୍ୟ ଦେବା;

(r) **ଫଳାଫଳ ଘୋଷଣାର ପୂର୍ବରୁ ବା ପରେ ୱେବସାଇଟରେ ଅପଲୋଡ଼ ହୋଇଥିବା OMR ଫର୍ଦ୍ଦରେ ଦିଆଯାଇଥିବା ପ୍ରତିକ୍ରିୟାରେ ହେରଫେର କରି ନକଲି ଦାବି କରିବା;**

(s) ପରୀକ୍ଷାର ସୁଚାରୁ ଏବଂ ନିରପେକ୍ଷ ପରିଚାଳନାରେ ବାଧା ଦେବା ।

(t) NTA ଦ୍ୱାରା ଅନୁଚିତ ଘୋଷିତ ଅନ୍ୟ କୌଣସି ମାଲପ୍ରାକ୍ଟିସ୍;

**୧୨.୧ ଅନୁଚିତ ପ୍ରଥାକୁ ଉପଯୋଗ ପାଇଁ ଦଣ୍ଡ**

ପରୀକ୍ଷା ଚାଲୁଥିବା ସମୟରେ, କିମ୍ବା ପରୀକ୍ଷା ପୂର୍ବରୁ ବା ପରେ ଯଦି କୌଣସି ପରୀକ୍ଷାର୍ଥୀ ଉପରୋକ୍ତ ବର୍ଣ୍ଣିତ ବା ସମ କାର୍ଯ୍ୟାବଳୀକୁ ପ୍ରଶୟ ଦେଉଥାନ୍ତି ତେବେ ଧରିନିଆଯିବ ଯେ ସେ ଅନୁଚିତ ପ୍ରଥା ବ୍ୟବହାର କରୁଛନ୍ତି ଏବଂ UNFAIRMEANS (U.F.M) ଘଟଣାରେ ଦୋଷୀ କରାଯିବ। ପରୀକ୍ଷାର୍ଥୀଙ୍କୁ ଭବିଷ୍ୟତରେ ତିନି ବର୍ଷ ପାଇଁ ପରୀକ୍ଷା ଦେବାରୁ ବଞ୍ଚିତ କରାଯିବ, ଆଉ ମଧ୍ୟ ଫୌଜଦାରୀ କାର୍ଯ୍ୟ ଏବଂ/ବା ଅନ୍ୟ ଯଥାଯୋଗ୍ୟ କର୍ମ ପାଇଁ ଦାୟୀ କରାଯିବ।

**୧୨.୨ ଫଳାଫଳ ବାତିଲ**

(a) ଅନୁଚିତ ବ୍ୟବହାରରେ ସମ୍ପୃକ୍ତ ପ୍ରାର୍ଥୀଙ୍କର NEET (UG) -2020 ପରୀକ୍ଷାର ଫଳାଫଳକୁ ବାତିଲ୍ କରାଯିବ ଏବଂ ଘୋଷଣା କରାଯିବ ନାହିଁ।

(b) ସେଇଭଳି, ଯେଉଁ ପରୀକ୍ଷାର୍ଥୀ ସେମାନଙ୍କୁ ଆବଣ୍ଟିତ କେନ୍ଦ୍ର ବ୍ୟତୀତ ଅନ୍ୟ ଠାରେ ପରୀକ୍ଷା ଦେଉଥିବେ, ଅନ୍ୟ ପରୀକ୍ଷାର୍ଥୀଙ୍କ ପ୍ରଶ୍ନ ପୁସ୍ତିକା/OMR ଫର୍ଦ୍ଦରେ ଲେଖୁଥିବେ ବା ଅନ୍ୟ ପରୀକ୍ଷାର୍ଥୀଙ୍କୁ ସେମାନଙ୍କ ପ୍ରଶ୍ନପୁସ୍ତିକା / OMR ଫର୍ଦ୍ଦରେ ଲେଖିବାକୁ ଦେଉଥିବେ, ସେମାନଙ୍କର ଫଳାଫଳ ବାତିଲ୍ କରାଯିବ (ଏବଂ ଘୋଷଣା କରାଯିବ ନାହିଁ)

# ପରିଚ୍ଛଦ -୧୩

# ମେଧା ତାଲିକା ଏବଂ ଯୋଗ୍ୟତା ମାନଦଣ୍ଡ

## MERIT LIST AND QUALIFYING CRITERIA

### ୧୩.୧ : ଯୋଗ୍ୟତା ମାନଦଣ୍ଡ

ଭାରତୀୟ ଚିକିତ୍ସା ପରିଷଦ ଆଇନ -୧୯୫୬ ଅଧୀନରେ ଜାରି ସ୍ନାତକ ଚିକିତ୍ସା ଶାସ୍ତ୍ର ଅଧିନିୟମ-୧୯୯୭ ଏବଂ ଦନ୍ତ ଚିକିତ୍ସକ ଆଇନ-୧୯୪୮ ଅଧୀନରେ ଜାରି ... ପାଠ୍ୟକ୍ରମ ଅଧିନିୟମ-୨୦୦୭ ଏବଂ ବିଭିନ୍ନ ସମୟରେ ସଂଶୋଧିତ ଅନ୍ୟ ସଂପର୍କିତ ଆଇନଗୁଡ଼ିକରେ ଦିଆଯାଇଥିବା ନିୟମ ଅନୁସାରେ ଭାରତୀୟ ଭେଷଜ ପରିଷଦ ଓ ଭାରତୀୟ ଦନ୍ତ ଚିକିତ୍ସା ପରିଷଦ ଦ୍ୱାରା ପ୍ରଣିତ ମାନଦଣ୍ଡ ଅନୁଯାୟୀ ଜାତୀୟ ପରୀକ୍ଷଣ ସଂସ୍ଥାନ NEET (UG)-2020 ପରୀକ୍ଷାର କୃତୀ ପ୍ରାର୍ଥୀମାନଙ୍କର ଏକ ସର୍ବଭାରତୀୟ ମେଧା ତାଲିକା ପ୍ରସ୍ତୁତ କରିବ।

**ଯୋଗ୍ୟତା ମାନଦଣ୍ଡଗୁଡ଼ିକ ଏହି ପ୍ରକାରର ଅଟେ :**

(a) କୌଣସି ଏକ ନିର୍ଦ୍ଦିଷ୍ଟ ଶିକ୍ଷାବର୍ଷ ପାଇଁ **ମେଡିକାଲ ସ୍ନାତକ ପାଠ୍ୟକ୍ରମ**ଗୁଡ଼ିକରେ ଆଡ୍‌ମିଶନ୍ ପାଇଁ ଯୋଗ୍ୟତା ହାସଲ ନିମନ୍ତେ, ପ୍ରାର୍ଥୀଙ୍କୁ ଉକ୍ତ ଶିକ୍ଷାବର୍ଷରେ **ମେଡିକାଲ ସ୍ନାତକ ପାଠ୍ୟକ୍ରମ** ଗୁଡ଼ିକ ପାଇଁ ଜାତୀୟ ଯୋଗ୍ୟତା ତଥା ପ୍ରବେଶିକା ପରୀକ୍ଷାରେ ଅତି କମ୍‌ରେ **୫୦ତମ ପରସେଣ୍ଟାଇଲ୍**ରେ ନମ୍ବର ରଖିବାକୁ ହେବ। ସେ ଯାହାହେଉ,ତଫସିଲଭୁକ୍ତ ଜାତି, ତଫସିଲଭୁକ୍ତ ଉପଜାତି, ଅନ୍ୟାନ୍ୟ ପଛୁଆ ବର୍ଗ ଶ୍ରେଣୀ ଅନ୍ତର୍ଭୁକ୍ତ ପ୍ରାର୍ଥୀମାନଙ୍କ ପାଇଁ ନ୍ୟୁନତମ ନମ୍ବର **୪୦ତମ ପରସେଣ୍ଟାଇଲ** ହେବ। ବିକଳାଙ୍ଗ ବ୍ୟକ୍ତିଙ୍କର ଅଧିକାର ଅଧିନିୟମ, ୨୦୧୬ ରେ ଉଲ୍ଲେଖ ବେଞ୍ଚମାର୍କ ବିକଳାଙ୍ଗ ପ୍ରାର୍ଥୀମାନଙ୍କ ପାଇଁ ନ୍ୟୁନତମ ନମ୍ବର ଅସଂରକ୍ଷିତ ବର୍ଗ ଓ GEN-EWS ବର୍ଗ ପାଇଁ **୪୫ତମ ପରସେଣ୍ଟାଇଲ୍** ଏବଂ SC / ST /OBC-NCL ପ୍ରାର୍ଥୀମାନଙ୍କ ପାଇଁ **୪୦ତମ ପରସେଣ୍ଟାଇଲ୍** ହେବ। **ମେଡ଼ିକାଲ ସ୍ନାତକ ପାଠ୍ୟକ୍ରମ**ରେ ଆଡ୍‌ମିଶନ୍ ପାଇଁ ଜାତୀୟ ଯୋଗ୍ୟତା ତଥା ପ୍ରବେଶିକା ପରୀକ୍ଷାରେ ରହିଥିବା ସର୍ବାଧିକ ନମ୍ବର ଅନୁଯାୟୀ ପରସେଣ୍ଟାଇଲ୍ ନିର୍ଦ୍ଧାରଣ କରାଯିବ।

(b) ଯଦି କୌଣସି ଶିକ୍ଷାବର୍ଷରେ ସମ୍ବନ୍ଧିତ ଶ୍ରେଣୀଗୁଡ଼ିକରେ ପର୍ଯ୍ୟାପ୍ତ ସଂଖ୍ୟାରେ ପ୍ରାର୍ଥୀମାନେ **ମେଡ଼ିକାଲ ସ୍ନାତକ ପାଠ୍ୟକ୍ରମ** ଗୁଡ଼ିକରେ ଆଡ୍‌ମିଶନ୍ ପାଇଁ ହେଉଥିବା ଜାତୀୟ ଯୋଗ୍ୟତା ତଥା ପ୍ରବେଶିକା ପରୀକ୍ଷାରେ ନିର୍ଦ୍ଧାରିତ ନ୍ୟୁନତମ ନମ୍ବର ରଖିବାରେ ବିଫଳ ହୁଅନ୍ତି, ତେବେ ମେଡ଼ିକାଲ କାଉନସିଲ୍ ଅଫ୍ ଇଣ୍ଡିଆ, ଡେଣ୍ଟାଲ୍ କାଉନସିଲ୍ ଅଫ୍ ଇଣ୍ଡିଆ ଓ ସେଣ୍ଟ୍ରାଲ କାଉନସିଲ୍ ଅଫ୍ ଇଣ୍ଡିଆନ୍ ମେଡିସିନ୍ ଓ ସେଣ୍ଟ୍ରାଲ୍ କାଉନ୍‌ସିଲ୍ ଅଫ୍ ହୋମିଓପାଥିଗୁଡ଼ିକର ପରାମର୍ଶରେ କେନ୍ଦ୍ର ସରକାର ନିଜର ବିବେକ ଅନୁଯାୟୀ **ମେଡ଼ିକାଲ ସ୍ନାତକ ପାଠ୍ୟକ୍ରମ** ଆଡ୍‌ମିଶନ୍ ପାଇଁ ଆବଶ୍ୟକ ହେଉଥିବା ସମ୍ବନ୍ଧିତ ଶ୍ରେଣୀର ନ୍ୟୁନତମ ନମ୍ବରକୁ କମାଇ ପାରିବେ ଏବଂ କେନ୍ଦ୍ର ସରକାରଙ୍କ ଦ୍ୱାରା କମାଯାଇଥିବା ନମ୍ବର କେବଳ ଉକ୍ତ ଶିକ୍ଷାବର୍ଷ ପାଇଁ ଲାଗୁ ହେବ।

(c) ୨୦୧୮ରେ ସଂଶୋଧିତ ସ୍ନାତକ ଚିକିତ୍ସା ଶାସ୍ତ୍ର ଅଧିନିୟମ-୧୯୯୭ ଏବଂ BDS ପାଠ୍ୟକ୍ରମ ଅଧିନିୟମରେ ଉଲ୍ଲେଖିତ ଯୋଗ୍ୟତା ପରୀକ୍ଷାରେ ଜଣେ ପ୍ରାର୍ଥୀଙ୍କୁ **ମେଡିକାଲ୍ ସ୍ନାତକ ପାଠ୍ୟକ୍ରମ**ଗୁଡ଼ିକରେ ନାମ ଲେଖାଇବା ପାଇଁ ଯୋଗ୍ୟ ହେବାପାଇଁ ପ୍ରତ୍ୟେକ ବିଷୟ ତଥା ପଦାର୍ଥବିଜ୍ଞାନ, ରସାୟନ ବିଜ୍ଞାନ, ଜୀବ ବିଜ୍ଞାନ / ଜୈବ-ପ୍ରଯୁକ୍ତିବିଦ୍ୟା ଓ ଇଂରାଜୀରେ ଉତ୍ତୀର୍ଣ୍ଣ ହେବା ଆବଶ୍ୟକ ଏବଂ ମିଳିତ ଭାବେ ପଦାର୍ଥବିଜ୍ଞାନ, ରସାୟନ ବିଜ୍ଞାନ ଓ ଜୀବ ବିଜ୍ଞାନ / ଜୈବ-ପ୍ରଯୁକ୍ତିବିଦ୍ୟାରେ ୫୦% ନମ୍ବର ରଖିବାକୁ ହେବ ଏବଂ ତା ସହିତ **ମେଡ଼ିକାଲ ସ୍ନାତକ ପାଠ୍ୟକ୍ରମ**ରେ ଆଡମିଶନ୍ ପାଇଁ ହେଉଥିବା ଜାତୀୟ ଯୋଗ୍ୟତା ତଥା ପ୍ରବେଶିକା ପରୀକ୍ଷାରେ ମେଧା ତାଲିକାରେ ଅନ୍ତର୍ଭୁକ୍ତ ହେବା ଜରୁରୀ। ତଫସିଲ ଭୁକ୍ତ ଜାତି, ତଫସିଲଭୁକ୍ତ ଉପଜାତି ଓ OBC-NCL ବର୍ଗ ଅଧିନରେ ଆସୁଥିବା ପ୍ରାର୍ଥୀମାନଙ୍କ କ୍ଷେତ୍ରରେ, ଯୋଗ୍ୟତା ପରୀକ୍ଷାରେ ପଦାର୍ଥ ବିଜ୍ଞାନ, ରସାୟନ ବିଜ୍ଞାନ ଓ ଜୀବ ବିଜ୍ଞାନ /ଜୈବ-ପ୍ରଯୁକ୍ତିବିଦ୍ୟାରେ ଏବଂ ପ୍ରତିଯୋଗିତାମୂଳକ ପରୀକ୍ଷା (ପଦାର୍ଥ ବିଜ୍ଞାନ, ରସାୟନ ବିଜ୍ଞାନ, ଜୀବ ବିଜ୍ଞାନ)ରେ ରଖିଥିବା ନମ୍ବର ୫୦% ବଦଳରେ ୪୦% ରହିବା ବିଧେୟ। ବିକଳାଙ୍ଗ ବ୍ୟକ୍ତିଙ୍କର ଅଧିକାର ଅଧିନିୟମ, ୨୦୧୬ ଅଧିନରେ ଦର୍ଶାଯାଇଥିବା ବେଞ୍ଚମାର୍କ ବିକଳାଙ୍ଗ ପ୍ରାର୍ଥୀମାନଙ୍କ କ୍ଷେତ୍ରରେ ଯୋଗ୍ୟତା ପରୀକ୍ଷାରେ ମିଳିତ ଭାବେ ପଦାର୍ଥ ବିଜ୍ଞାନ, ରସାୟନ ବିଜ୍ଞାନ ଓ ଜୀବ ବିଜ୍ଞାନ / ଜୈବ-ପ୍ରଯୁକ୍ତିବିଦ୍ୟା ବିଷୟରେ ରଖିଥବା ନ୍ୟୁନତମ ନମ୍ବର ଅସଂରକ୍ଷିତ ବର୍ଗ ଓ GBM-EWS ପ୍ରାର୍ଥୀମାନଙ୍କ ପାଇଁ ୫୦ % ବଦଳରେ ୪୫% ଓ SC / ST / OBC-NCL ପ୍ରାର୍ଥୀମାନଙ୍କ ପାଇଁ ୪୦% ହେବ। BUMS ପାଠ୍ୟକ୍ରମରେ ଆଡ୍‌ମିଶନ୍ ପାଇଁ, ପ୍ରାର୍ଥୀମାନଙ୍କୁ ଉର୍ଦ୍ଦୁ, ଆରବିକ କିମ୍ବା ପାର୍ସୀ ଭାଷାର ଏକ ବିଷୟ

ଥାଇ ୧୦ମ ଶ୍ରେଣୀ ଉତ୍ତୀର୍ଣ୍ଣ ହୋଇଥିବେ ବା ସରକାରଙ୍କ ଦ୍ୱାରା ଅନୁମୋଦିତ ବିଶ୍ୱବିଦ୍ୟାଳୟ କିମ୍ବା ବୋର୍ଡ କିମ୍ବା ପଞ୍ଜିକୃତ ସୋସାଇଟି ବା ସଂଘ ଦ୍ୱାରା ପରିଚାଳିତ ପ୍ରବେଶିକା ପରୀକ୍ଷା (ଯେଉଁଠାରେ ଏଭଳି ପରୀକ୍ଷା କରିବା ପାଇଁ ପ୍ରାବଧାନ ଥିବ)ରେ ୧୦ମ ଶ୍ରେଣୀ ଅନୁରୂପ ଉର୍ଦ୍ଧ୍ୱ ପରୀକ୍ଷା ପାସ୍ କରିବାକୁ ହେବ। BSMS ପାଠ୍ୟକ୍ରମରେ ଆଡ଼ମିଶନ ପାଇଁ ପ୍ରାର୍ଥୀ ୧୦ମ ଶ୍ରେଣୀ/ଉଚ୍ଚ ମାଧ୍ୟମିକ ପାଠ୍ୟକ୍ରମରେ ତାମିଲ୍ ଏକ ବିଷୟ ଥାଇ ପାସ୍ କରିଥିବା ଜରୁରୀ କିମ୍ବା ପ୍ରାର୍ଥୀମାନଙ୍କୁ ପ୍ରଥମ ବୃତ୍ତିଗତ ପାଠ୍ୟକ୍ରମ ସମୟରେ ତାମିଲ୍‌କୁ ଗୋଟିଏ ବିଷୟ ଆକାରରେ ପଢ଼ିବେ।

(d) *ଯେଉଁ ପ୍ରାର୍ଥୀମାନେ ମୁକ୍ତ ବିଦ୍ୟାଳୟ କିମ୍ବା ଘରୋଇ ବିଦ୍ୟାର୍ଥୀ ଭାବେ ୧୦+୨ ପରୀକ୍ଷା ଉତ୍ତୀର୍ଣ୍ଣ ହୋଇଥିବେ ସେମାନେ "ଜାତୀୟ ଯୋଗ୍ୟତା ତଥା ପ୍ରବେଶିକା ପରୀକ୍ଷା" ପାଇଁ ଯୋଗ୍ୟ ବିବେଚିତ ହେବେ ନାହିଁ। ଏହାଛଡ଼ା, ୧୦+୨ ସ୍ତରରେ ଏକ ଅତିରିକ୍ତ ବିଷୟ ଆକାରରେ ଜୀବବିଜ୍ଞାନ / ଜୈବ-ପ୍ରଯୁକ୍ତି ବିଦ୍ୟା ପଠନ ମଧ୍ୟ ଅନୁମୋଦନୀୟ ନୁହେଁ।**

**(**ଟିପ୍ପଣୀ :** ଉପରେ ବର୍ଣ୍ଣିତ ପ୍ରତିବନ୍ଧ ବିରୁଦ୍ଧରେ ଦିଲ୍ଲୀର ମାନନୀୟ ଉଚ୍ଚ ନ୍ୟାୟାଳୟ, ଆହ୍ଲାବାଦର ମାନନୀୟ ଉଚ୍ଚ ନ୍ୟାୟାଳୟର ଲକ୍ଷ୍ନୌ ପୀଠ ଏବଂ ଜବଲପୁରସ୍ଥ ମଧ୍ୟପ୍ରଦେଶର ମାନନୀୟ ଉଚ୍ଚ ନ୍ୟାୟାଳୟରେ ଆବେଦନ କରାଯାଇଅଛି। ମାନ୍ୟତା ପ୍ରାପ୍ତ ମୁକ୍ତ ବିଦ୍ୟାଳୟ ବୋର୍ଡରୁ ଉତ୍ତୀର୍ଣ୍ଣ ପ୍ରାର୍ଥୀ ଏବଂ ଜୀବ ବିଜ୍ଞାନ / ଜୈବ-ପ୍ରଯୁକ୍ତିବିଦ୍ୟାକୁ ଅତିରିକ୍ତ ବିଷୟ ରଖି ପଢିଥିବା ପ୍ରାର୍ଥୀଙ୍କୁ ଅଯୋଗ୍ୟ ଘୋଷଣ କରିବାର ନିୟମ ବ୍ୟବସ୍ଥା କାଟି ଦିଆଯାଇଛି")*

* ମାନନୀୟ ସର୍ବୋଚ୍ଚ ନ୍ୟାୟାଳୟ ସମ୍ମୁଖରେ ବିଶେଷ ଅବକାଶ ଯାଚିକା ଏବଂ ମାନନୀୟ ଉଚ୍ଚ ନ୍ୟାୟାଳୟ ଗୁଡ଼ିକରେ ହୋଇଥିବା ଅପିଲ୍‌ଗୁଡ଼ିକୁ ଭାରତୀୟ ଚିକିତ୍ସା ପରିଷଦ ପ୍ରାଥମିକତା ଦେଉଛନ୍ତି। ତେଣୁ, ଜାତୀୟ ମୁକ୍ତ ବିଦ୍ୟାଳୟ ଶିକ୍ଷା ସଂସ୍ଥାନ ବା ରାଜ୍ୟ ମୁକ୍ତ ବିଦ୍ୟାଳୟ ବା ସ୍ୱୀକୃତି ପ୍ରାପ୍ତ ରାଜ୍ୟ ବୋର୍ଡରୁ ଘରୋଇ ବିଦ୍ୟାର୍ଥୀ ହିସାବରେ ୧୦+୨ ଯୋଗ୍ୟତା ପରୀକ୍ଷା ପାସ୍ କରିଥିବା ପ୍ରାର୍ଥୀ କିମ୍ବା ଜୀବ ବିଜ୍ଞାନ / ଜୈବ-ପ୍ରଯୁକ୍ତି ବିଦ୍ୟା ଅତିରିକ୍ତ ବିଷୟ ସହ ଉତ୍ତୀର୍ଣ୍ଣ ପ୍ରାର୍ଥୀଙ୍କର ପ୍ରାର୍ଥୀତ୍ୱକୁ ଅନୁଗ୍ରହିତ କରାଯିବ, କିନ୍ତୁ ଏହା ଭାରତୀୟ ଚିକିତ୍ସା ପରିଷଦ ଦ୍ୱାରା ଦାଖଲ ଅବକାଶ ଯାଚିକାଙ୍କ ଆବେଦନର ଫଳାଫଳ ଉପରେ ନିର୍ଭର କରୁଛି।

(e) ଫଳାଫଳ ବାହାରି ନଥିବା ଯୋଗ୍ୟତା ପରୀକ୍ଷା ଦେଇଥିବା ପ୍ରାର୍ଥୀମାନଙ୍କୁ ପ୍ରତିଯୋଗିତା ମୂଳକ ପ୍ରବେଶିକା ପରୀକ୍ଷା ଦେବାପାଇଁ ଅସ୍ଥାୟୀ ଭାବେ ଅନୁମତି ଦିଆଯିବପାରିବ ଏବଂ ଯଦି **ମେଡ଼ିକାଲ ସ୍ନାତକ ପାଠ୍ୟକ୍ରମ**ରେ ଆଡ଼ମିଶନ୍ ପାଇଁ ମନୋନୀତ ହୁଅନ୍ତି, ତେବେ ଉପର ଲିଖିତ ଯୋଗ୍ୟତା ମାନଦଣ୍ଡକୁ ପୂରଣ ନ କରିବାଯାଏ ତାଙ୍କୁ ଆଡ଼ମିଶନ୍ ମିଳିପାରିବ ନାହିଁ। ବିସ୍ତୃତ ବିବରଣୀ ପାଇଁ ପ୍ରାର୍ଥୀମାନେ ସ୍ନାତକ ମେଡ଼ିକାଲ ଶିକ୍ଷା ଅଧିନିୟମ, ୧୯୯୭, BDS ପାଠ୍ୟକ୍ରମ ଅଧିନିୟମ, ୨୦୦୭, ଭାରତୀୟ ଚିକିତ୍ସା କେନ୍ଦ୍ରୀୟ ପରିଷଦ (ଭାରତୀୟ ଚିକିତ୍ସା ଶାସ୍ତ୍ରର ସର୍ବନିମ୍ନ ମାନ) ଅଧିନିୟମ ଏବଂ ହୋମିଓପାଥି (ସ୍ନାତକ ପାଠ୍ୟକ୍ରମ) ଅଧିନିୟମ, ୧୯୮୩କୁ ଅନୁସରଣ କରିପାରନ୍ତି।

(f) MBBS ପାଠ୍ୟକ୍ରମଗୁଡ଼ିକରେ ପ୍ରବେଶ କରିବାକୁ ଯୋଗ୍ୟତା ହାସଲ ପାଇଁ ଥିବା ନ୍ୟୁନତମ ନମ୍ବରର ମାନଦଣ୍ଡ ସମ୍ବନ୍ଧିତ INI ଗୁଡ଼ିକ ପାଇଁ ମଧ୍ୟ ଲାଗୁ ହେବ।

**ଜାତୀୟ ଯୋଗ୍ୟତା ତଥା ପ୍ରବେଶିକା ପରୀକ୍ଷା NEET (UG)-2020 ରେ ରଖିଥିବା ନମ୍ବର ଉପରେ ଆଧାରିତ କୃତୀ ପ୍ରାର୍ଥୀମାନଙ୍କର ସର୍ବଭାରତୀୟ ର୍‍ୟାଙ୍କ ଓ ରାଜ୍ୟ ର୍‍ୟାଙ୍କ ଅନୁଯାୟୀ ଏକ ତାଲିକା NTA ଦ୍ୱାରା ପ୍ରସ୍ତୁତ ହେବ।**

**୧୩.୨ ଟାଇ-ବ୍ରେକିଙ୍ଗ୍ ପାଇଁ ପ୍ରାର୍ଥୀମାନଙ୍କର ଇଣ୍ଟର-ସି-ମେରିଟ୍:**

ଦୁଇ ବା ତତୋଧିକ ପ୍ରାର୍ଥୀ, NEET (UG)-2020 ରେ ଏକା ନମ୍ବର ରଖିଥିବା ଘଟଣାରେ ଇଣ୍ଟର-ସି-ମେରିଟ ନିମ୍ନାନୁସାରେ କରାଯିବ:

(a) ପ୍ରବେଶିକା ପରୀକ୍ଷାରେ ଜୀବ ବିଜ୍ଞାନ (ଉଦ୍ଭିଦ ବିଜ୍ଞାନ ଓ ପ୍ରାଣୀ ବିଜ୍ଞାନ)ରେ ଅଧିକ ନମ୍ବର ରଖିଥିବା ପ୍ରାର୍ଥୀ। ତାପରେ,

(b) ପ୍ରବେଶିକା ପରୀକ୍ଷାରେ ରସାୟନ ଶାସ୍ତ୍ରରେ ଅଧିକ ନମ୍ବର ରଖିଥିବା ପ୍ରାର୍ଥୀ। ତାପରେ,

(c) ପ୍ରବେଶିକା ପରୀକ୍ଷାରେ ସବୁ ବିଷୟରେ କମ୍ ଭୁଲ୍ ନମ୍ବର ନେଇଥିବା ପ୍ରାର୍ଥୀ। ତାପରେ,

(d) ବୟସ ଅଧିକ ଥିବା ପ୍ରାର୍ଥୀ।

**୧୩.୩ : ସର୍ବଭାରତୀୟ କୋଟା ଅନ୍ତର୍ଗତ ୧୫% ଆସନର ପରାମର୍ଶ ପାଇଁ ଯୋଗ୍ୟତା ତାଲିକା:**

ସର୍ବଭାରତୀୟ ଅଧିନସ୍ଥ ୧୫% କୋଟା ଆସନ ପାଇଁ ଆବେଦନ କରିଥିବେ, ଯୋଗ୍ୟ ଓ କୃତୀ ପ୍ରାର୍ଥୀମାନଙ୍କର ଏକ ମେଧା ତାଲିକା NTA ଦ୍ୱାରା NEET (UG)-2020 ରେ ରଖିଥିବା ନମ୍ବର ଅନୁସାରେ ପ୍ରସ୍ତୁତ ହେବ। ସର୍ବଭାରତୀୟ ଅଧିନସ୍ଥ ୧୫% କୋଟା

ଆସନ ଗୁଡ଼ିକର ଅନ୍‌ଲାଇନ୍ ପରାମର୍ଶ ପାଇଁ ଯୋଗ୍ୟ ପ୍ରାର୍ଥୀଙ୍କର ତାଲିକାକୁ ସ୍ୱାସ୍ଥ୍ୟ ସେବାର ମହା ନିର୍ଦ୍ଦେଶକ (ଚିକିତ୍ସା ଶାସ୍ତ୍ର ପରୀକ୍ଷା ବିଭାଗ), ଭାରତ ସରକାରଙ୍କ ସ୍ୱାସ୍ଥ୍ୟ ଓ ପରିବାର କଲ୍ୟାଣ ମନ୍ତ୍ରଣାଳୟ ଏବଂ ଭାରତ ସରକାରଙ୍କ ଆୟୁଷ (AYUSH) ମନ୍ତ୍ରଣାଳୟକୁ ପଠାଯିବ।

**୧୩.୪ : ସର୍ବଭାରତୀୟ କୋଟା ଅଧୀନସ୍ଥ ୧୫% କୋଟା ଆସନ ବ୍ୟତୀତ ମେଧା ତାଲିକା।**

(a) NTA ସର୍ବଭାରତୀୟ ର୍‍ୟାଙ୍କ ପ୍ରଦାନ କରିବ। ସେଇଟିକୁ ଆଡ୍‌ମିଟିଙ୍ଗ୍ ଅଧିକାରୀଙ୍କୁ ପ୍ରଦାନ କରିବାପାଇଁ ଫଳାଫଳକୁ ସ୍ୱାସ୍ଥ୍ୟ ସେବାର ମହାନିର୍ଦ୍ଦେଶକ, ଭାରତ ସରକାରଙ୍କ ସ୍ୱାସ୍ଥ୍ୟ ଓ ପରିବାର କଲ୍ୟାଣ ମନ୍ତ୍ରଣାଳୟ ଏବଂ ଭାରତ ସରକାରଙ୍କ ଆୟୁଷ (AYUSH) ମନ୍ତ୍ରଣାଳୟ ସହ ଭାଗ କରାଯିବ।

(b) ଆଡ୍‌ମିଟିଙ୍ଗ୍ ଅଧିକାରୀ ପରାମର୍ଶ (କାଉନ୍‌ସେଲିଙ୍ଗ୍) ପାଇଁ ଦରଖାସ୍ତ ଆମନ୍ତ୍ରଣ କରିବେ।

(c) ରାଜ୍ୟର ଉପଯୁକ୍ତ ନିୟମ ଅନୁଯାୟୀ ଆଡ଼ମିଶନ/ପରାମର୍ଶ ପାଇଁ ଆବେଦନ ସମୟରେ ପ୍ରାର୍ଥୀମାନଙ୍କ ଘୋଷଣା ଅନୁଯାୟୀ ଯଥାଯଥ ବର୍ଗର ପ୍ରାର୍ଥୀମାନଙ୍କର ସର୍ବଭାରତୀୟ ର୍‍ୟାଙ୍କ ଅନୁସାରେ ଏକ ମେଧା ତାଲିକା ଆଡ଼ମିଶନ/ପରାମର୍ଶ ଅଧିକାରୀମାନେ ପ୍ରସ୍ତୁତ କରିବେ।

# ପରିଚ୍ଛଦ -୧୪
# ପରାମର୍ଶ ପାଇଁ ନିର୍ଦ୍ଦେଶାବଳୀ
## INSTRUCTIONS FOR COUNSELLING

**୧୪.୧ ସର୍ବଭାରତୀୟ କୋଟା ଅଧିନରେ ଥିବା ୧୫% ଆସନ ଏବଂ AIIMS, JIPMER, AFMC, ESIC, ଦିଲ୍ଲୀ ବିଶ୍ୱବିଦ୍ୟାଳୟ (DU), BHU, AMU ଓ ଡିମ୍‌ଡି ବିଶ୍ୱବିଦ୍ୟାଳୟଗୁଡ଼ିକ ସହ ସମସ୍ତ କେନ୍ଦ୍ରୀୟ ଅନୁଷ୍ଠାନଗୁଡ଼ିକ ପାଇଁ ଥିବା ସମସ୍ତ ଆସନ ପାଇଁ ପରାମର୍ଶ ।**

**ଡାକ୍ତରୀ ସ୍ନାତକ ପାଠ୍ୟକ୍ରମ**ଗୁଡ଼ିକ ପାଇଁ ଥିବା ସ୍ୱାସ୍ଥ୍ୟ ସେବାର ମହାନିର୍ଦ୍ଦେଶକ ଚିକିତ୍ସା ପରାମର୍ଶ ସମିତି ଦ୍ୱାରା ଅନ୍‌ଲାଇନ୍ ପରାମର୍ଶ ଆୟୋଜନ କରାଯିବ । **ଡାକ୍ତରୀ ସ୍ନାତକ ପାଠ୍ୟକ୍ରମ** ପାଇଁ ଅନ୍‌ଲାଇନ୍ ପରାମର୍ଶର ସୂଚନା କେବଳ ଚିକିତ୍ସା ପରାମର୍ଶ ସମିତି (MCC) ର ୱେବସାଇଟ୍ (**mcc.nic.in**) ରେ ଉପଲବ୍ଧ ହେବ । ଯୋଗ୍ୟ ବିବେଚିତ ପ୍ରାର୍ଥୀମାନଙ୍କୁ ଉପଦେଶ ଦିଆଯାଉଛି କି ଯେ ସେମାନେ ପରାମର୍ଶ ସମ୍ପର୍କୀୟ ସୂଚନାକୁ ସତର୍କତା ସହକାରେ ପଢନ୍ତୁ ଏବଂ କାଉନସେଲିଙ୍ଗ୍ ସମୟରେ ଉପସ୍ଥିତ ରହିବା ପାଇଁ ନିଆଯାଉଥିବା ପଦକ୍ଷେପକୁ ବୁଝନ୍ତୁ । ୧୫% ସର୍ବଭାରତୀୟ କୋଟା, **AFMC, ESIC, ଦିଲ୍ଲୀ ବିଶ୍ୱବିଦ୍ୟାଳୟ (DU), BHU, AMU, AHMS, JIPMER,** ଏବଂ **ଡ଼ିମଡ୍ ବିଶ୍ୱବିଦ୍ୟାଳୟ**ଗୁଡ଼ିକ ସହ ସବୁ କେନ୍ଦ୍ରୀୟ ଅନୁଷ୍ଠାନ ଗୁଡ଼ିକର କାଉନସିଲିଙ୍ଗ୍ ସମ୍ବନ୍ଧିତ କୌଣସି ପ୍ରକାର ପ୍ରଶ୍ନ ନିମ୍ନଲିଖିତ ଠିକଣାରେ ପଠାଯାଇପାରିବ ।

**MBBS / BDS ପାଠ୍ୟକ୍ରମ ପାଇଁ:**

The Assistant Director General (ME)
Directorate General of Health Services,
Nirman Bhawan, New Delhi-110 108
E-mail: aiqpmt-mcc@nic.in

**BAMS / BSMS /BUBS /BHMS ପାଠ୍ୟକ୍ରମ ପାଇଁ:**

The Director (SRKV),
Ministry of AYUSH,
AYUSH Bhawan, B-Block,GPO Complex,
INA, New Delhi-110023
E-mail: counseling-ayush@gov.in

ଡାକ୍ତରୀ ସ୍ନାତକ ପାଠ୍ୟକ୍ରମଗୁଡ଼ିକର ସବୁ ପରାମର୍ଶ ସମ୍ବନ୍ଧୀୟ ପ୍ରଶ୍ନ, ପରାମର୍ଶ, କର୍ମସୂଚୀ, ବାରମ୍ବାର ପଚରାଯାଉଥିବା ପ୍ରଶ୍ନଗୁଡ଼ିକ ପାଇଁ ଦୟାକରି ୱେବ୍‌ସାଇଟ୍ **mcc.nic.in** ଦେଖନ୍ତୁ । ପ୍ରାର୍ଥୀମାନଙ୍କୁ ଉପଦେଶ ଦିଆଯାଉଛି କି ଉପରୋକ୍ତ ୱେବ୍‌ସାଇଟ୍‌ରୁ ପରିପତ୍ର, ନୋଟିସ୍, ଘଟଣାବଳୀ ସମ୍ବନ୍ଧୀୟ ସମ୍ବାଦ ଇତ୍ୟାଦି ବିଷୟରେ ସବୁବେଳେ ଅପ୍‌ଡେଟ୍ ରୁହନ୍ତୁ ।

**୧୪.୨ ସର୍ବଭାରତୀୟ ୧୫% ଆସନ ବ୍ୟତୀତ ଅନ୍ୟ ଆସନଗୁଡ଼ିକ ପାଇଁ ପରାମର୍ଶ ଓ ଆଡ୍‌ମିଶନ:**

NEET (UG) - 2020 ମେଧା ତାଲିକା ବ୍ୟବହାର କରି ରାଜ୍ୟ ମେଡ଼ିକାଲ୍ କଲେଜ୍/ବିଶ୍ୱବିଦ୍ୟାଳୟ/ଅନୁଷ୍ଠାନରେ ଆଡ଼ମିଶନ ପାଇଁ ଆବେଦନ କରୁଥିବା ପ୍ରାର୍ଥୀମାନେ କାଉନ୍‌ସେଲିଙ୍ଗ୍ ପାଇଁ ରାଜ୍ୟ ସରକାର ଏବଂ/କିମ୍ବା ଡାକ୍ତରୀ/ଦନ୍ତ ଚିକିତ୍ସା/ଆୟୁର୍ବେଦ/ସିଦ୍ଧ/ୟୁନାନୀ/ହୋମିଓପ୍ୟାଥି କଲେଜ/ଅନୁଷ୍ଠାନ/ବିଶ୍ୱବିଦ୍ୟାଳୟର ସଂପୃକ୍ତ ଅଧିକାରୀଙ୍କ ଉପଦେଶକୁ ଅନୁସରଣ କରିବା ବିଧେୟ । ଘରୋଇ ମେଡ଼ିକାଲ କଲେଜଗୁଡ଼ିକ (ଡ଼ିମଡ୍ ବ୍ୟତୀତ) ପାଇଁ କାଉନସିଲିଙ୍ଗ୍ / ପରାମର୍ଶ ନିଜ ନିଜ ରାଜ୍ୟ ସରକାରଙ୍କ ସହ ହେବ । ଘରୋଇ ଆୟୁର୍ବେଦ / ସିଦ୍ଧ / ୟୁନାନୀ / ହୋମିଓପାଥି କଲେଜ ଗୁଡ଼ିକର ୧୫% ସର୍ବଭାରତୀୟ କୋଟା ଆସନ ଗୁଡ଼ିକ ଆୟୁଷ ଆଡ଼ମିଶନ୍ କେନ୍ଦ୍ରୀୟ ପରାମର୍ଶ ସମିତି (AACCC) ଏବଂ ଆୟୁଷ ମନ୍ତ୍ରଣାଳୟ ଦ୍ୱାରା ପୂରଣ କରାଯିବ ।

ଆଡ଼ମିଶନ୍ / ପରାମର୍ଶ ପାଇଁ ଆବେଦନ ସମୟରେ ପ୍ରାର୍ଥୀମାନେ ଘୋଷଣା ଅନୁଯାୟୀ ପ୍ରାର୍ଥୀମାନଙ୍କର ନିଜ ନିଜ ବର୍ଗ ଅନୁଯାୟୀ ମେଧା ତାଲିକା NTA ଦ୍ୱାରା ବାହାର କରାଯିବ । ପ୍ରାର୍ଥୀମାନଙ୍କର ତଥ୍ୟ ବଦଳାଇବାର ସୁଯୋଗ ବନ୍ଦ ହେଲାପରେ NTA ସେଥିରେ କୌଣସି ପ୍ରକାର ପରିବର୍ତ୍ତନ କରିବ ନାହିଁ । କୌଣସି ପରିସ୍ଥିତିରେ ଫଳ ଘୋଷଣା ପରେ ପ୍ରାର୍ଥୀଙ୍କ ଦ୍ୱାରା ଦାଖଲ ହୋଇଥିବା ଅନ୍‌ଲାଇନ୍ ଆବେଦନ ପତ୍ରର ତଥ୍ୟ NTA ଦ୍ୱାରା ବଦଳା ଯାଇପାରିବ ନାହିଁ ।

ଆବେଦନ ପତ୍ରରେ**,** ପ୍ରାର୍ଥୀମାନଙ୍କର ବର୍ଗଗୁଡ଼ିକ କେନ୍ଦ୍ରୀୟ ବର୍ଗ ତାଲିକା ଅନୁସାରେ ପ୍ରାପ୍ତ କରାଯାଇଛି । **୧୫%** ସର୍ବଭାରତୀୟ କୋଟା ଆସନ ବ୍ୟତୀତ ଅନ୍ୟ ଆସନଗୁଡ଼ିକରେ ପରାମର୍ଶ ଓ ଆଡ଼ମିଶନ ପାଇଁ ପ୍ରାର୍ଥୀମାନେ ରାଜ୍ୟ ବର୍ଗ ତାଲିକା ଅନୁସାରେ ତାଙ୍କର ନିଜର ବର୍ଗ ଦର୍ଶାଇ ଯୋଗ୍ୟତାଭିତ୍ତିକ ପରାମର୍ଶ ନିମନ୍ତେ ପଞ୍ଜୀକରଣ କରିବେ ଏବଂ ତଦନୁସାରେ **NTA** ପ୍ରାର୍ଥୀମାନଙ୍କର ମେଧା ତାଲିକା ପ୍ରସ୍ତୁତ କରିବ ।

ସ୍ଥାୟୀ ବାସିନ୍ଦା ମାନଦଣ୍ଡ ସଂପୃକ୍ତ ରାଜ୍ୟ ଅନୁସାରେ ସ୍ଥିର କରାଯିବ ଏବଂ ଏଥିରେ **NTA**ର କୌଣସି ଭୂମିକା ରହିବ ନାହିଁ ।

ରାଜ୍ୟ ସରକାର କର୍ତ୍ତୃପକ୍ଷଙ୍କ ତାଲିକା **ପରିଶିଷ୍ଟ-IV** ରେ ଦିଆଯାଇଅଛି ।

# ପରିଚ୍ଛଦ -୧୫

## ପରୀକ୍ଷା ପରବର୍ତ୍ତୀ କାର୍ଯ୍ୟାବଳୀ ଏବଂ ଫଳ ଘୋଷଣା

### POST EXAMINATION ACTIVITIES AND DECLARATION OF RESULT

**୧୫.୧ ୱେବସାଇଟ୍‌ରେ OMR ଫର୍ଦ୍ଦର ପ୍ରଦର୍ଶନ ଏବଂ ପ୍ରତିକ୍ରିୟା**

(a) NTA ୱେବ୍‌ସାଇଟ୍ **ntaneet.nic.in.** ରେ OMR ଉତ୍ତର ଫର୍ଦ୍ଦର ପ୍ରତିଛବି ଏବଂ ସମସ୍ତ ପରୀକ୍ଷାର୍ଥୀଙ୍କର ମେସିନ୍ ଦ୍ୱାରା ଲିପିବଦ୍ଧ ପ୍ରତିକ୍ରିୟାଗୁଡ଼ିକ ପ୍ରଦର୍ଶନ ହେବ। ପରୀକ୍ଷା ଶେଷ ହେଲାପରେ OMR ଉତ୍ତର ଫର୍ଦ୍ଦ ଏବଂ ପ୍ରତିକ୍ରିୟାଗୁଡ଼ିକର ପ୍ରତିଛବି ପ୍ରଦର୍ଶନର ନିର୍ଦ୍ଦିଷ୍ଟ ତାରିଖ NTA ୱେବ୍‌ସାଇଟ୍ ଜରିଆରେ ଜଣାଇ ଦିଆଯିବ।

(b) ଆପତ୍ତି କରିବା ପାଇଁ ପ୍ରତି ଉତ୍ତର ପିଛା ୧୦୦୦/- ଟଙ୍କା ପ୍ରକ୍ରିୟାକରଣ ଶୁଳ୍କଦେଇ ପ୍ରାର୍ଥୀମାନେ OMR ଗ୍ରେଡିଙ୍ଗ୍ ବିରୁଦ୍ଧରେ ଆବେଦନ କରିବାର ସୁଯୋଗ ପାଇବେ।

(c) ପ୍ରାର୍ଥୀମାନଙ୍କ ଦ୍ୱାରା OMR ଗ୍ରେଡିଙ୍ଗ ବିରୁଦ୍ଧରେ କରାଯାଇଥିବା ଆବେଦନ NTA ଦ୍ୱାରା ପ୍ରକୃତ ରେକର୍ଡରୁ ଯାଞ୍ଚ କରାଯିବ ଏବଂ ଯଦି ତାହା ଠିକ୍ ବୋଲି ଜଣାପଡିବ ତେବେ ଡାଟା ଅପଡେଟ୍ କରାଯିବ। **ଏହା ସତ୍ତ୍ୱେ, ପ୍ରାର୍ଥୀଙ୍କୁ ବ୍ୟକ୍ତିଗତ ଭାବରେ କୌଣସି ତଥ୍ୟ ପଠାଯିବ ନାହିଁ।**

**ସମସ୍ତ ପ୍ରାର୍ଥୀମାନଙ୍କୁ ଉପଦେଶ ଦିଆଯାଉଛି କି, OMR / ଉତ୍ତର ଫର୍ଦ୍ଦର ପ୍ରତିଛବି ଏବଂ ପ୍ରାର୍ଥୀମାନଙ୍କର ଲିପିବଦ୍ଧ ପ୍ରତିକ୍ରିୟାକୁ ଦେଖିବା ଓ ଡାଉନ୍‌ଲୋଡ୍ କରିବା ନିମନ୍ତେ ୱେବସାଇଟ୍ ntaneet.nic.in କୁ ପ୍ରଦର୍ଶନ କରନ୍ତୁ।**

**୧୫.୨ ଆପତ୍ତି କରିବା ପାଇଁ ଉତ୍ତର କି ର ପ୍ରଦର୍ଶନ**

(a) ୱେବସାଇଟ୍ ntaneet.nic.in ରେ ଦର୍ଶାଯାଇଥିବା ଉତ୍ତର 'କି'ରେ ଯଦି ସନ୍ଦେହ ଉପୁଜେ, ତେବେ ପ୍ରାର୍ଥୀମାନଙ୍କୁ ଆପତ୍ତି ନିମନ୍ତେ ସୁଯୋଗ ଦେବାପାଇଁ NTA ପ୍ରଶ୍ନଗୁଡ଼ିକର ସାମୟିକ ଉତ୍ତର 'କି' ପ୍ରଦର୍ଶନ କରିବ। **ଉତ୍ତର 'କି' ପ୍ରଦର୍ଶନର ପ୍ରକୃତ ତାରିଖ ଜାଣିବା ପାଇଁ, ପ୍ରାର୍ଥୀମାନେ ପରୀକ୍ଷା ପରେ ନିୟମିତ NTA ୱେବସାଇଟ୍‌ରେ ଅପ୍‌ଡ଼େଟ୍‌ଗୁଡ଼ିକୁ ଯାଞ୍ଚ କରିପାରନ୍ତି।**

(b) ଆପତ୍ତି କରୁଥିବା ଉତ୍ତର ପିଛା ୧୦୦୦ ଟଙ୍କା ପ୍ରକ୍ରିୟାକରଣ ଶୁଳ୍କ ନେଇ ପ୍ରାର୍ଥୀମାନେ ସାମୟିକ ଉତ୍ତର 'କି' ବିରୁଦ୍ଧରେ ଅନ୍‌ଲାଇନ୍ ଆପତ୍ତି କରିବାର ସୁଯୋଗ ପାଇବେ।

(c) ପ୍ରାର୍ଥୀମାନଙ୍କ ଦ୍ୱାରା କରାଯାଇଥିବା ଆପତ୍ତିଗୁଡ଼ିକୁ NTA ଦ୍ୱାରା ବିଷୟ ବିଶେଷଜ୍ଞମାନଙ୍କ ଦ୍ୱାରା ଯାଞ୍ଚ କରାଯିବ। ଯଦି ଠିକ୍ ବୋଲି ଜଣାପଡ଼େ, ତେବେ ସେହି ଅନୁସାରେ ଉତ୍ତର 'କି'କୁ ସଂଶୋଧନ କରାଯିବ। ଚୂଡ଼ାନ୍ତ ଉତ୍ତର 'କି' ଅନୁସାରେ, ପରୀକ୍ଷା ପ୍ରସ୍ତୁତ ଏବଂ ଘୋଷଣା କରାଯିବ।

(d) **କୌଣସି ପ୍ରାର୍ଥୀଙ୍କୁ ବ୍ୟକ୍ତିଗତ ଭାବେ ସେମାନଙ୍କର ଆପତ୍ତିର ଗ୍ରହଣୀୟତା / ଅଗ୍ରହଣୀୟତା ବିଷୟରେ ଜଣାଯିବ ନାହିଁ।**

(e) ଆପତ୍ତି ଗୁଡ଼ିକ ଚୂଡ଼ାନ୍ତ ହେଲାପରେ 'କି' କୁ ଚୂଡ଼ାନ୍ତ କରାଯିବ।

**୧୫.୩ ଫଳ ଘୋଷଣା**

(a) ଜାତୀୟ ପରୀକ୍ଷଣ ସଂସ୍ଥାନ ମାନକ ପ୍ରକ୍ରିୟାକୁ ଉପଯୋଗ କରି ଉତ୍ତର ଫର୍ଦ୍ଦଗୁଡ଼ିକର ମୂଲ୍ୟାଙ୍କନ କରିବ ଏବଂ ଫଳାଫଳ ୱେବସାଇଟ୍ **ntaneet.nic.in**ରେ ପ୍ରଦର୍ଶନ ହେବ ଏବଂ ଏହାପରେ ପରୀକ୍ଷାର୍ଥୀମାନେ ନିଜ ନିଜର ଫଳାଫଳ ପତ୍ରକୁ ଡାଉନ୍‌ଲୋଡ୍ କରିପାରନ୍ତି।

(b) DGHS ଏବଂ AYUSH ଆଡ଼ମିଶନର କେନ୍ଦ୍ରୀୟ ପରାମର୍ଶ ସମିତିର ନିର୍ଦ୍ଦେଶ ଅନୁଯାୟୀ NTA ମେଧା ତାଲିକା ପ୍ରସ୍ତୁତ କରିବ।

(c) ବର୍ଗୀକୃତ ଫଳାପଳ ଫର୍ଦ୍ଦ ପ୍ରସ୍ତୁତ କରାଯିବ ନାହିଁ।

(d) NEET (UG)-2020 ପରୀକ୍ଷା ଦେଉଥିବା ସମସ୍ତ ପ୍ରାର୍ଥୀ ନିୟମିତ ଭାବେ NTA, MoH & FW, ଚିକିତ୍ସା ପରାମର୍ଶ ସମିତି (**mcc.nic.in**), MoA, ଆୟୁଷ ଆଡ଼ମିଶନ କେନ୍ଦ୍ରୀୟ ପରାମର୍ଶ ସମିତି (**aaccc.gov.in**), ଏବଂ ଭାଗ ନେଉଥିବା ରାଜ୍ୟ / ବିଶ୍ୱବିଦ୍ୟାଳୟ / ଅନୁଷ୍ଠାନ ଗୁଡ଼ିକର ୱେବ୍‌ସାଇଟ୍‌ରେ ଅପ୍‌ଡେଟ୍ ଗୁଡ଼ିକୁ ଅନ୍ତିମ ପର୍ଯ୍ୟାୟ କାଉନ୍‌ସେଲିଂ ଶେଷ ହେଲା ଯାଞ୍ଚ କରିବା ବିଧେୟ।

**୧୫.୪ ଉତ୍ତର ଫର୍ଦ୍ଦଗୁଡ଼ିକର ପୁନଃ-ଯାଞ୍ଚ / ପୁନଃ-ମୂଲ୍ୟାଙ୍କନ**

- ମେସିନ୍-ଗ୍ରେଡ଼େବଲ୍ ଉତ୍ତର ଫର୍ଦ୍ଦଗୁଡ଼ିକର ମୂଲ୍ୟାଙ୍କନ ଅତ୍ୟନ୍ତ ସତର୍କତା ସହକାରେ ହୋଇଥାଏ ଏବଂ ବାରମ୍ବାର ଯାଞ୍ଚ କରାଯାଇଥାଏ।
- ଉତ୍ତର ଫର୍ଦ୍ଦଗୁଡ଼ିକର ପୂନଃ-ଯାଞ୍ଚ / ପୂନଃ-ମୂଲ୍ୟାଙ୍କନର କୌଣସି ବ୍ୟବସ୍ଥା ନାହିଁ। ନିମ୍ନୋକ୍ତ କାରଣ ଗୁଡ଼ିକ ପାଇଁ ଏହା ହୋଇ ନଥାଏ।

  (i) OMR ଗୁଡ଼ିକ ମେସିନ୍ ଗ୍ରେଡ଼େବଲ ଏବଂ ସମସ୍ତଙ୍କ ପାଇଁ ନିରପେକ୍ଷ ଥିବା ବିଶେଷ ସଫ୍ଟୱେର ମାଧ୍ୟମରେ ଏହାର ମୂଲ୍ୟାଙ୍କନ କରାଯାଇଥାଏ।

  (ii) ପ୍ରାର୍ଥୀମାନଙ୍କୁ ସେମାନଙ୍କର OMR ଫର୍ଦ୍ଦର OMR ଗ୍ରେଡ଼େସନ୍ ଉପରେ ଆବେଦନ କରିବାର ସୁଯୋଗ ଦିଆଯାଏ ଏବଂ କୌଣସି ପ୍ରକାର ସନ୍ଦେହ ସ୍ଥିତିରେ ଉତ୍ତର 'କି' ବାବଦରେ ଆପତ୍ତି କରିବାର ସୁଯୋଗ ଦିଆଯାଇଥାଏ।

- **ଏହି ବାବଦରେ କୌଣସି ପ୍ରକାର ପତ୍ରବିନିମୟ କରାଯିବ ନାହିଁ।**

**୧୫.୫ ଅନ୍ୟ ସଂଗଠନ ଦ୍ୱାରା NEET (UG)-2020 ଫଳାଫଳର ଉପଯୋଗ**

**NEET (UG)-2020**ର ଫଳାଫଳକୁ କେନ୍ଦ୍ର/ରାଜ୍ୟ ସରକାରଙ୍କ ଅନ୍ୟ ସଂସ୍ଥାଗୁଡ଼ିକ ଦ୍ୱାରା ସେମାନଙ୍କର ନିୟମ ଓ ଭାରତ ସରକାରଙ୍କ ସ୍ୱାସ୍ଥ୍ୟ ଓ ପରିବାର କଲ୍ୟାଣ ମନ୍ତ୍ରଣାଳୟ ସହ ପରାମର୍ଶ ଅନୁଯାୟୀ ଆଡ଼ମିଶନ ପାଇଁ ବ୍ୟବହାର କରାଯାଇ ପାରିବ।

**୧୫.୬ ନିୟମର ନିରାକରଣ**

ଜାତୀୟ ଯୋଗ୍ୟତା ତଥା ପ୍ରବେଶିକା ପରୀକ୍ଷା **NEET (UG)-2020** ର ରେକର୍ଡ ଫଳାଫଳ ଘୋଷଣା ତାରିଖରୁ ୯୦ (ନବେ) ଦିନ ପର୍ଯ୍ୟନ୍ତ ସଂରକ୍ଷିତ ରହିବ।

# ପରିଚ୍ଛଦ -୧୬

## ସାଧାରଣ ସେବା କେନ୍ଦ୍ର/ସୁଗମକରଣ କେନ୍ଦ୍ର

### COMMON SERVICES CENTRES/FACILITATION CENTRES

ସାଧାରଣ ସେବା କେନ୍ଦ୍ରଗୁଡ଼ିକ / ସୁଗମ କରଣ କେନ୍ଦ୍ରଗୁଡ଼ିକ ଯେଉଁ ସ୍ଥାନଗୁଡ଼ିକରେ ବିଭିନ୍ନ କାରଣ ବଶତଃ ପ୍ରାର୍ଥୀମାନଙ୍କୁ ଅନ୍‌ଲାଇନ୍ ଆବେଦନ ଦାଖଲ କରିବାରେ ଅସୁବିଧା ହେଉଥିବ, ସେଠାରେ **ଡିଜିଟାଲ ଇଣ୍ଡିଆ** ସୂତ୍ରପାତ ଅଧିନରେ ଆସୁଥିବା **ଭାରତ ସରକାରଙ୍କ IT ମନ୍ତ୍ରଣାଳୟ ଅଧିନରେ କାମ କରୁଥିବା ସାଧାରଣ ସେବା କେନ୍ଦ୍ର (Common Service Centre)** ଗୁଡ଼ିକର ସେବା ନେଇପାରନ୍ତି । ସାଧାରଣ ସେବା କେନ୍ଦ୍ର (CSC) ଯୋଜନା ଭାରତ ସରକାରଙ୍କ ଜାତୀୟ ଇ-ଗଭର୍ନାସ୍ (ଇ-ପରୀଚାଳନା) ଯୋଜନା (NeGP) ର ଏକ ଅଂଶ ଅଟେ ଏହା ପ୍ରତି ଗ୍ରାମ ପଞ୍ଚାୟତ ସ୍ତରରେ ଜଣେ ଗ୍ରାମ ସ୍ଥରିୟ ଉଦ୍ୟୋଗ ପ୍ରତି (VLE) ପରିଚାଳିତ ହୋଇଥାଏ ।

ଦେଶସାରା ୨.୪ ଲକ୍ଷରୁ ଅଧିକ ସାଧାରଣ ସେବା କେନ୍ଦ୍ରଗୁଡ଼ିକ ଅଛି ଯେଉଁଗୁଡ଼ିକ ଅଳ୍ପ କିଛି ଦେୟ ବଦଳରେ ପ୍ରାର୍ଥୀମାନଙ୍କୁ ଅନ୍‌ଲାଇନ୍ ଆବେଦନ ପତ୍ର ଦାଖଲ ଏବଂ ଇ-ୱାଲେଟ୍ ଜରିଆରେ ଦେୟ ଦାଖଲରେ ଆବଶ୍ୟକ ସହାୟତା ଯୋଗାଇଦେବେ ।

ସାଧାରଣ ସେବା କେନ୍ଦ୍ର ଗୁଡ଼ିକର ତାଲିକା ୱେବସାଇଟ୍ **http: // www.csc.gov.in** ରେ ଉପଲବ୍ଧ ।

# ଗୁରୁତ୍ୱପୂର୍ଣ୍ଣ ସୂଚନାଗୁଡ଼ିକୁ ଧ୍ୟାନ ଦିଅନ୍ତୁ

**ପ୍ରାର୍ଥୀମାନେ ସୂଚନା ଇସ୍ତାହାରଟିକୁ ଭଲଭାବରେ ପଢ଼ିବା ଆବଶ୍ୟକ ଏବଂ ନିମ୍ନଲିଖିତ ବିଷୟବସ୍ତୁ ସହ ନିଜକୁ ପରିଚିତ କରନ୍ତୁ।**

(i) ପ୍ରାର୍ଥୀମାନେ NEET (UG) - 2020 ପରୀକ୍ଷା ପାଇଁ କେବଳ ଅନ୍‌ଲାଇନ୍‌ରେ ଆବେଦନ କରିପାରିବେ। ଅଫ୍‌ଲାଇନ୍ ଆବେଦନ ପତ୍ର ଗ୍ରହଣଯୋଗ୍ୟ ହେବନାହିଁ।

(ii) www.nta.ac.in/ntaneet.nic.in ୱେବ୍‌ସାଇଟ୍‌ରୁ ସୂଚନା ଇସ୍ତାହାରଟି ଡାଉନ୍‌ଲୋଡ୍ ହୋଇପାରିବ।

(iii) ନିମ୍ନଲିଖିତ ଦସ୍ତାବିଜଗୁଡ଼ିକୁ ପ୍ରାର୍ଥୀମାନେ ଭବିଷ୍ୟତ ପତ୍ର ବିନିମୟର ସମ୍ବନ୍ଧ ଉଲ୍ଲେଖ ପାଇଁ ନିଜ ପାଖରେ ରଖିବା ବିଧେୟ।

(a) ଅନ୍‌ଲାଇନ୍ ଆବେଦନ ପତ୍ରର ପୃଷ୍ଟି ପୃଷ୍ଠାର ଛପା କପି।

(b) ଦେୟ ଦେବାର ପ୍ରମାଣ (ଯଥା : ପୃଷ୍ଟି ପୃଷ୍ଠାରେ ଉଲ୍ଲେଖିତ ବ୍ୟାଙ୍କ୍ ଆଦାନପ୍ରଦାନର ସମ୍ପୂର୍ଣ୍ଣ ବିବରଣୀ)

(c) ଅତିକମ୍‌ରେ ସ୍କାନ ହୋଇ ଅନ୍‌ଲାଇନ୍ ଆବେଦନ ପତ୍ରରେ ଅପ୍‌ଲୋଡ ହୋଇଥିବା ଫଟୋର ଏକାଭଳି ୪-୬ ପାସ୍‌ପୋର୍ଟ ସାଇଜ୍ ଫଟୋ ଏବଂ ୪-୬ ପୋଷ୍ଟକାର୍ଡ ସାଇଜ୍‌ର ଫଟୋ।

(d) କେନ୍ଦ୍ରଶାସିତ ଅଞ୍ଚଳ ଜାମ୍ମୁ-କାଶ୍ମୀରର ଯେଉଁ ପ୍ରାର୍ଥୀ ୧୫% ସର୍ବଭାରତୀୟ କୋଟା ଅଧୀନରେ ଥିବା ଆସନଗୁଡ଼ିକ ପାଇଁ ଆବେଦନ କରିଛନ୍ତି, ସେମାନଙ୍କର ସିଷ୍ଟମ୍ ଜେନେରେଟେଡ୍ ସ୍ୱ-ଘୋଷଣା ପତ୍ରର ନକଲ।

(iv) ପ୍ରାର୍ଥୀମାନଙ୍କୁ ନିଶ୍ଚିତ ହେବାକୁ ପଡ଼ିବ ଯେ, ଅନ୍‌ଲାଇନ୍ ଆବେଦନ ପତ୍ରରେ ପୂରଣ ହୋଇଥିବା ମୋବାଇଲ ନମ୍ବର ଏବଂ ଇ-ମେଲ୍ ଆଇଡି ଦୁଇଟି କେବଳ ତାଙ୍କ ନିଜର ବା ପିତାମାତାଙ୍କର। NTA କେବଳ ଦିଆଯାଇଥିବା ମୋବାଇଲ୍ ନମ୍ବର ଏବଂ/ବା ଇ-ମେଲ୍ ଆଇଡିରେ ଯଥାକ୍ରମେ ଏସ୍‌ଏମ୍‌ଏସ୍ ଏବଂ/ବା ଇ-ମେଲ୍ ଦ୍ୱାରା ଯୋଗାଯୋଗ କରିବ।

(v) ଅନ୍‌ଲାଇନ୍ ଆବେଦନ ପତ୍ରରେ ପୂରଣ ହୋଇଥିବା ଭୁଲ ମୋବାଇଲ୍ ନମ୍ବର, ଇ-ମେଲ୍ ଆଇଡି ଓ ଯୋଗାଯୋଗ ଠିକଣା ଯୋଗୁଁ ସଦ୍ୟ ସୂଚନା ଅଗ୍ରହଣୀୟ ହେଲେ NTA ଦାୟୀ ରହିବ ନାହିଁ।

(vi) ଭାରତୀୟ ଷ୍ଟେଟ୍ ବ୍ୟାଙ୍କ୍/ସିଣ୍ଡିକେଟ୍ ବ୍ୟାଙ୍କ/ ଆଇସିଆଇସିଆଇ ବ୍ୟାଙ୍କ/ ଏଚ୍‌ଡିଏଫ୍‌ସି ବ୍ୟାଙ୍କ/ପେଟିଏମ୍ ସର୍ଭିସ୍ ପ୍ରୋଭାଇଡର ବ୍ୟବହାର କରି ଅନ୍‌ଲାଇନ୍ ମୋଡ଼ରେ ଯଥା ଡେବିଟ୍/କ୍ରେଡିଟ୍ କାର୍ଡ ଏବଂ ନେଟ୍ ବ୍ୟାଙ୍କିଙ୍ଗ୍/ୟୁପିଆଇ ଜରିଆରେ ଦେୟ ପ୍ରଦାନ କରାଯାଇପାରିବ।

(a) ଡେବିଟ୍/କ୍ରେଡିଟ୍ କାର୍ଡର ବୈଧତା ଯାଞ୍ଚ କରନ୍ତୁ ଏବଂ ଆବେଦନ ପତ୍ର ଦାଖଲ ପାଇଁ ୱେବ୍‌ସାଇଟ୍‌କୁ ଲଗିଙ୍ଗ୍ କଲାବେଳେ ଏହାକୁ ପ୍ରସ୍ତୁତ ରଖନ୍ତୁ। ପ୍ରାର୍ଥୀମାନେ ପଚରାଯାଉଥିବା ତଥ୍ୟ ଭରନ୍ତୁ ଏବଂ ଡେବିଟ୍/କ୍ରେଡିଟ୍ କାର୍ଡ ଜରିଆରେ ଦେୟ ଦାଖଲ କରନ୍ତୁ।

(b) ନେଟ୍-ବ୍ୟାଙ୍କିଙ୍ଗ୍/ୟୁପିଆ/ପେଟିଏମ୍ ବ୍ୟବହାର ପାଇଁ ତୁମର ଆକାଉର୍ଣ୍ଟରେ ବାଲାନ୍ସ ଚେକ୍ କର ଏବଂ ଆବେଦନ ପତ୍ର ଦାଖଲ ପାଇଁ ୱେବ୍‌ସାଇଟ୍‌କୁ ଲଗିଙ୍ଗ୍ କଲାବେଳେ ନିଜ ସହିତ ସବୁ ବିଶ୍ୱାସନୀୟ ତଥ୍ୟଗୁଡ଼ିକ ପ୍ରସ୍ତୁତ ରଖ। ପ୍ରାର୍ଥୀମାନେ ସେମାନଙ୍କର ନେଟ୍ ବ୍ୟାଙ୍କିଙ୍ଗ୍‌ର ବିଶ୍ୱାସନୀୟ ତଥ୍ୟ ଦେଇ ଲଗିଙ୍ଗ୍ କରନ୍ତୁ ଏବଂ ନେଟ୍ ବ୍ୟାକିଙ୍ଗ୍/ ୟୁପିଆ/ପେଟିଏମ୍ ଜରିଆରେ ଦେୟ ପ୍ରଦାନ କରନ୍ତୁ।

(vii) ଯଦି ଅନ୍‌ଲାଇନ୍ ଆବେଦନ ପତ୍ରର ..... ଯଥା- ଦେୟ ଦାଖଲ ପୂରଣ କରିବାରେ ବିଫଳ ହୁଅନ୍ତି, ତେବେ ଅନ୍‌ଲାଇନ୍ ଆବେଦନ ପତ୍ରର ଦାଖଲ ଅସଂପୂର୍ଣ୍ଣ ଏବଂ ଅସଫଳ ରହିବ। ପୃଷ୍ଟି ପୃଷ୍ଠାର ସୃଷ୍ଟି ଆବେଦନ ପତ୍ରର ସଫଳ ଦାଖଲକୁ ନିଶ୍ଚିତ କରାଏ। ପୃଷ୍ଟି ପୃଷ୍ଠା ସୃଷ୍ଟି ନହେବା ସୂଚିତ କରାଏ ଯେ, ଦେୟ ପ୍ରଦାନ ପ୍ରକ୍ରିୟା ସମାପ୍ତ ହୋଇନାହିଁ ଏବଂ ସେଥିପାଇଁ ଆବେଦନ ପତ୍ରଟି ସଫଳତାର ସହ ଦାଖଲ ହୋଇନାହିଁ।

(viii) ପ୍ରାର୍ଥୀମାନେ ସ୍ନାତକ ମେଡିକାଲ୍ ପାଠ୍ୟକ୍ରମରେ ଆଡ଼ମିଶନ ହେଲା ପର୍ଯ୍ୟନ୍ତ ଆଡ଼ମିଟ୍ କାର୍ଡକୁ ସାଇତି ରଖନ୍ତୁ।

(ix) ଅନ୍‌ଲାଇନ୍ ଆବେଦନ ପତ୍ରରେ ସଠିକ୍ ତଥ୍ୟ ଦିଆଯାଇଛି ବୋଲି ସୁନିଶ୍ଚିତ ହୁଅନ୍ତୁ। ପ୍ରାର୍ଥୀଙ୍କର ଫଟୋଗ୍ରାଫ୍ ଏବଂ ଦସ୍ତଖତରେ କୌଣସି ପ୍ରକାର ସଂଶୋଧନ ତାଙ୍କର ଇମେଲ୍/ଏସ୍‌ଏମ୍‌ଏସ୍ ଜରିଆରେ ଜଣାଇ ଦିଆଯିବ ଏବଂ ତାହା ପ୍ରାର୍ଥୀଙ୍କର ଲଗ୍‌ଇନ୍ ଆକାଉଣ୍ଟରେ ଉପଲବ୍ଧ ହେବ। ଅନ୍ୟ ଅନୁମୋଦିତ ସଂଶୋଧନ କେବଳ ଏହା ପାଇଁ ନିର୍ଦ୍ଧାରିତ ସମୟରେ ଲଗ୍‌ଇନ୍ ଆକାଉଣ୍ଟରେ କରାଯାଇପାରିବ। ପ୍ରାର୍ଥୀମାନେ ସୁନିଶ୍ଚିତ କରିପାରନ୍ତି ଯେ ସେମାନଙ୍କର ସୁସ୍ପଷ୍ଟ ଫଟୋଗ୍ରାଫ୍ ଏବଂ ଦସ୍ତଖତ ଅପ୍‌ଲୋଡ଼ଡ ହୋଇଛି। ତତ୍‌ପଶ୍ଚାତ୍, ସବୁକ୍ଷେତ୍ର ପାଇଁ ସଂଶୋଧନ ଝରକା ଖୋଲା ଥିବା ସମୟ ବ୍ୟତୀତ, ସଂଶୋଧନ ପାଇଁ କୌଣସି ଆବେଦନ ଗ୍ରହଣ ହେବ ନାହିଁ।

(x) ଅନ୍‌ଲାଇନ୍ ଆବେଦନ ପତ୍ରର ଦାଖଲର ଶେଷ ଦିବସରେ ପରୀକ୍ଷାର୍ଥୀଙ୍କ ଯୋଗ୍ୟତା ନିର୍ଦ୍ଧାରଣ ହେବ।

(xi) **NEET(UG)-2020 ପରୀକ୍ଷା ୩, ମେ, ୨୦୨୦ (ରବିବାର) ଅନୁଷ୍ଠିତ ହେବ।**

(xii) NEET(UG)-2020 ଏକକ ଚରଣରେ ଆୟୋଜିତ ହେବ ଏବଂ ଏକ ଅବ୍‌ଜେକ୍ଟିଭ୍ ଟେଷ୍ଟ ହେବ।

(xiii) ଭାରତୀୟ ନାଗରିକ, ପ୍ରବାସୀ ଭାରତୀୟ (NRIs), ଦରିଆପାରି ଭାରତୀୟ ନାଗରିକ (OCI), ଭାରତୀୟ ବଂଶୋଦ୍ଭବ (PIO) ଏବଂ ବିଦେଶୀ ନାଗରିକମାନେ NEET(UG)-2020 ପରୀକ୍ଷା ଦେବା ପାଇଁ ଯୋଗ୍ୟ ଅଟନ୍ତି।

(xiv) ଜଣେ ପ୍ରାର୍ଥୀଙ୍କ ଦ୍ୱାରା କେବଳ ଗୋଟିଏ ମାତ୍ର ଆବେଦନ ପତ୍ର ଦାଖଲ ହେବା ଉଚିତ।

(xv) ଆମେଦନ ପତ୍ରରେ ବିବରଣୀଗୁଡ଼ିକୁ ସାବଧାନ ସହକାରେ ଚୟନ କରିବା ଆବଶ୍ୟକ, କାରଣ ଥରେ ପରୀକ୍ଷା କେନ୍ଦ୍ର ସହର ଏବଂ ପ୍ରଶ୍ନପତ୍ରର ମାଧ୍ୟମ ସହ ଚୟନଗୁଡ଼ିକ ପ୍ରୟୋଗ କରିସାରିଲେ ପରେ ବଦଳାଇ ହେବନାହିଁ, ଯେ ପର୍ଯ୍ୟନ୍ତ ପ୍ରତ୍ୟେକ କ୍ଷେତ୍ରରେ ସଂଶୋଧନ କରିବାର ଝରକାଟି ଖୋଲା ଅଛି।

(xvi) ପରୀକ୍ଷା କେନ୍ଦ୍ରର ଆବଣ୍ଟନ କମ୍ପ୍ୟୁଟର ଦ୍ୱାରା କରାଯାଏ ଏବଂ ଏଥିରେ ମାନବୀୟ ହସ୍ତକ୍ଷେପ ହୁଏ ନାହିଁ। କୌଣସି ପରିସ୍ଥିତିରେ ଆବଣ୍ଟିତ କେନ୍ଦ୍ରକୁ NTA ଦ୍ୱାରା ପରିବର୍ତ୍ତନ କରାଯାଇ ପାରିବ ନାହିଁ।

(xvii) ପରୀକ୍ଷା ପାଇଁ ପ୍ରାର୍ଥୀମାନେ ଆଡ଼ମିଟ୍ କାର୍ଡକୁ ୱେବ୍‌ସାଇଟ୍ ntaneet.nic.in ରୁ ଡାଉନ୍‌ଲୋଡ୍ କରିପାରିବେ।

(xviii) ପ୍ରାର୍ଥୀମାନେ ପରୀକ୍ଷା ଫଳାଫଳ, ମାର୍କ ତଥା ର୍‍ୟାଙ୍କ୍ ଫର୍ଦ୍ଦ ୱେବ୍‌ସାଇଟ୍ **ntaneet.nic.in** ରୁ ଡାଉନ୍‌ଲୋଡ କରିପାରିବେ। ଏହି ନଥିପତ୍ରଗୁଡ଼ିକ ଡିଜିଲକର୍ **www.digilocker.gov.in**ରେ ମଧ୍ୟ ଉପଲବ୍ଧ କରାଯିବ।

(xix) ସଦ୍ୟ ଅପ୍‌ଡେଟ୍ ପାଇଁ, ଶେଷ ପର୍ଯ୍ୟାୟ କାଉନ୍‌ସେଲିଂ ସରିବା ପର୍ଯ୍ୟନ୍ତ ପ୍ରାର୍ଥୀମାନେ MBBS/BDS ପାଠ୍ୟକ୍ରମଗୁଡ଼ିକ ପାଇଁ **ntaneet.nic.in, www.MoH&FW.gov.in** ଏବଂ **www.mcc.nic.in** ୱେବ୍‌ସାଇଟ୍‌ଗୁଡ଼ିକ ଏବଂ BAMS/BSMS/BUMS/BHMS ପାଠ୍ୟକ୍ରମ ପାଇଁ **www.ayus.gov.in** ଏବଂ **www.aaccc.gov.in** ୱେବ୍‌ସାଇଟ୍‌ଗୁଡ଼ିକ ନିୟମିତ ଭାବେ ପରିଦର୍ଶନ କରିବା ଆବଶ୍ୟକ।

(xx) ଶେଷ ମୁହୂର୍ତ୍ତରେ ସର୍ଭର ଉପରୁ ଭିଡ଼ରୁ ରକ୍ଷା ପାଇବା ପାଇଁ ପ୍ରାର୍ଥୀମାନେ ଯଥେଷ୍ଟ ପୂର୍ବରୁ ଅନ୍‌ଲାଇନ୍ ଫର୍ମ ଓ ଦେୟ ଦାଖଲ କରିବା ଉଚିତ। ଆବେଦନ ପତ୍ର/ଦେୟ ଦାଖଲ ନହେବା (ଯେ କୌଣସି କାରଣ) ବିଷୟରେ କୌଣସି ଅନୁରୋଧକୁ ଗ୍ରହଣ କରାଯିବ ନାହିଁ।

(xxi) ପ୍ରାର୍ଥୀମାନେ ନିଶ୍ଚିତ ଜାଣିରଖନ୍ତୁ ଯେ, ବ୍ୟାଙ୍କ ଆକାଉଣ୍ଟରୁ ଖାଲି ଟଙ୍କା କଟିଯିବା ଦେୟ ପ୍ରଦାନର ପ୍ରମାଣ ନୁହେଁ। ଦେୟ ପ୍ରଦାନଟି ପ୍ରାର୍ଥୀଙ୍କ ଆକାଉଣ୍ଟରେ ଦେୟ ଅପ୍‌ଡେଟ୍ ଦ୍ୱାରା ସମର୍ଥିତ ହେବା ଉଚିତ। ପୃଷ୍ଟି ପୃଷ୍ଠାର ସୃଷ୍ଟି ଆବେଦନ ପତ୍ରର ସଫଳ ଦାଖଲର ପ୍ରମାଣ ଅଟେ।

(xxii) **NEET (UG)-2020**ର ଫଳାଫଳକୁ କେନ୍ଦ୍ର/ରାଜ୍ୟ ସରକାରଙ୍କ ଅନ୍ୟ ସଂସ୍ଥାଗୁଡ଼ିକ ଦ୍ୱାରା ସେମାନଙ୍କର ନିୟମ ଓ ଭାରତ ସରକାରଙ୍କ ସ୍ୱାସ୍ଥ୍ୟ ଓ ପରିବାର କଲ୍ୟାଣ ମନ୍ତ୍ରଣାଳୟ ସହ ପରାମର୍ଶ ଅନୁଯାୟୀ ଆଡ଼ମିଶନ ପାଇଁ ବ୍ୟବହାର କରାଯାଇ ପାରିବ।

(xxiii) ବିଦେଶରେ ଥିବା କୌଣସି ଡାକ୍ତରୀ/ଦନ୍ତଚିକିତ୍ସା ଅନୁଷ୍ଠାନରେ **MBBS/BDS** ପାଠ୍ୟକ୍ରମରେ ନାମ ଲେଖାଇବାକୁ ଚାହୁଁଥିବା ଭାରତୀୟ ନାଗରିକ /ଦରିଆପାରି ଭାରତୀୟ ନାଗରିକଙ୍କୁ **NEET (UG)-2020** ପରୀକ୍ଷାରେ ଯୋଗ୍ୟତା ଲାଭ କରିବାକୁ ପଡ଼ିବ ।

**ସଦ୍ୟ ଅପ୍‌ଡେଟ୍‌ଗୁଡ଼ିକ ପାଇଁ ନିୟମିତ NTA ୱେବ୍‌ସାଇଟ୍ ପରିଦର୍ଶନ କରିବାକୁ ପ୍ରାର୍ଥୀମାନଙ୍କୁ ପରାମର୍ଶ ଦିଆଯାଉଛି । NTA ସମସ୍ତ ସୂଚନା କେବଳ ୱେବ୍‌ସାଇଟ୍ ଜରିଆରେ ଜଣାଇବ ।**

Help Line No.
0120-6895200
E-mail : neetug-nta@nic.in

National Testing Agency
(MHRD, Department of Higher Education, Government of India)

**Office for Communication:**
Block C-20/1A/8, Sector - 62,
Gautam Budh Nagar, Noida - 201309 (UP)

www.nta.ac.in, neetug-nta@nic.in